

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ - ୧୧ ସଂଖ୍ୟା-୯୫ ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୧୨.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.95 Bhubaneswar, Thursday, December 12, 2024


## ପୁଣି ଆସିବ ମହାମାରୀ

### ୨୦୨୫କୁ ନଷ୍ଟ୍ରାଡାମଙ୍କ ଭବିଷ୍ୟବାଣୀ ପୃଥିବୀ ସହ ମାଡ଼ହେବ କ୍ଷୁଦ୍ର ଗ୍ରହ



ନୂଆଦିଲ୍ଲୀ,୧୧/୧୨: ପ୍ରସିଦ୍ଧ ଫରାସୀ ଜ୍ୟୋତିର୍ବିଦ ତଥା ଭବିଷ୍ୟକାର ମିସେଲ ନଷ୍ଟ୍ରାଡାମ୍‌ଙ୍କ ଭବିଷ୍ୟବାଣୀକୁ ନେଇ ବିଭିନ୍ନ ମହଲରେ ସଦା ସର୍ବଦା ଉତ୍ସୁକତା ରହିଆସିଛି। ଶହ ଶହ ବର୍ଷ ତଳେ ନଷ୍ଟ୍ରାଡାମଙ୍କ ଦ୍ୱାରା ବିଶ୍ୱର ଭବିଷ୍ୟତ ଘଟଣାବଳୀକୁ ନେଇ ଭବିଷ୍ୟବାଣୀ କରାଯାଇଥିଲା ବେଳେ ବିଭିନ୍ନ ସମୟରେ ବହୁ ଘଟଣା ସତ ହୋଇଛି। ୧୫୫୫ ମସିହାରେ ତାଙ୍କ ଦ୍ୱାରା ରଚିତ ' ଦି ପ୍ରଫେସିସ୍'ରେ ପଦ୍ୟ ଆକାରରେ ପ୍ରାୟ ୯୪୨ଟି ଭବିଷ୍ୟବାଣୀ ରହିଛି। ଏହିକ୍ରମରେ ୨୦୨୫କୁ ନେଇ ନଷ୍ଟ୍ରାଡାମଙ୍କ ଭବିଷ୍ୟବାଣୀରେ ଯାହା କିଛି ଉଲ୍ଲେଖ ରହିଛି ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କିଛି ବର୍ଷ ଧରି ଲାଗି ରହିଥିବା ଏକ ଯୁଦ୍ଧ ୨୦୨୫ରେ ଶେଷ ହେବ ବୋଲି ନଷ୍ଟ୍ରାଡାମ ତାଙ୍କ ଭବିଷ୍ୟବାଣୀରେ ଉଲ୍ଲେଖ କରିଛନ୍ତି। ତେବେ ଏହି ଯୁଦ୍ଧ ଆଉ କିଛି ନୁହେଁ , ଏହା ରୁଷ-ୟୁକ୍ରେନ ଯୁଦ୍ଧ ବୋଲି ଧରି ନିଆଯାଇଛି। ଅର୍ଥ ଅଭାବରୁ ଏହି ଯୁଦ୍ଧ ବନ୍ଦ ହେବ ବୋଲି ନଷ୍ଟ୍ରାଡାମ ପରୋକ୍ଷରେ ସୂଚିତ କରିଥିଲା ବେଳେ ବର୍ତ୍ତମାନ ରୁଷ ଏବଂ ୟୁକ୍ରେନ ଯୁଦ୍ଧକୁ ନେଇ ଯେଉଁଳି ସ୍ଥିତି ଉତ୍ପନ୍ନ ହୋଇଛି ତାହା ସୂଚିତ କରୁଛି ବୋଲି ଆକଳନ କରାଯାଉଛି। ଗୋଟିଏ ପଟେ ଅର୍ଥ ସହିତ ରୁଷ ସେନାରେ ସୈନିକଙ୍କ ଅଭାବ ଯୋଗୁଁ ରୁଷ ଏକପ୍ରକାର ଏହି ଯୁଦ୍ଧରୁ ବିରତି ନେବାକୁ ଚାହୁଁଛି। ସେହିପରି ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଆମେରିକା ୟୁକ୍ରେନକୁ ଦେଉଥିବା ଅର୍ଥ ସହାୟତା ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏହାସହିତ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ସେ ୨୪ ଘଣ୍ଟା ମଧ୍ୟରେ ଏହି ଯୁଦ୍ଧକୁ ବନ୍ଦ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଉଭୟ ପକ୍ଷ ଅର୍ଥାଭାବକୁ ନେଇ ଯଦି ଯୁଦ୍ଧ ବନ୍ଦ କରନ୍ତି ତେବେ ୨୦୨୫କୁ ନେଇ ନଷ୍ଟ୍ରାଡାମ କରିଥିବା ଭବିଷ୍ୟବାଣୀ ସତ ହେବ। ଯୁଦ୍ଧ ବ୍ୟତୀତ ଏହି ବର୍ଷ ପୃଥିବୀ ସହ ଏକ କ୍ଷୁଦ୍ର ଗ୍ରହ ମାଡ଼ ହେବ ବୋଲି ନଷ୍ଟ୍ରାଡାମ ଉଲ୍ଲେଖ କରିଛନ୍ତି। ଏଥିରେ ପୃଥିବୀ ପୃଷ୍ଠର ଭୟଙ୍କର କ୍ଷତି ହେବା ସହିତ ମାନବସମାଜ ଅସ୍ତିତ୍ୱ ରକ୍ଷା ପାଇଁ ବିରାଟ ଆହ୍ୱାନ ସୃଷ୍ଟି ହେବ ବୋଲି କୁହାଯାଇଛି। ସେହିପରି ବ୍ରାଜିଲକୁ 'ଗାର୍ଡେନ ଅଫ ଦି ୱାର୍ଲଡ' ଭାବେ ଦର୍ଶାଇଥିବା ନଷ୍ଟ୍ରାଡାମ ୨୦୨୫ରେ ଏହି ଦେଶକୁ ଭୟଙ୍କର ପ୍ରାକୃତିକ ବିପତ୍ତିର ସାମ୍ନା କରିବାକୁ ପଡ଼ିବ ବୋଲି ଭବିଷ୍ୟବାଣୀରେ ଉଲ୍ଲେଖ ରହିଛି। ବ୍ରାଜିଲରେ ଭୟଙ୍କର ବନ୍ୟା ସହିତ ଆଗ୍ନେୟଗିରିରୁ ଅଗ୍ନି ଉଦଗୀରଣ ହେବ ବୋଲି କୁହାଯାଇଛି। ଏହାବ୍ୟତୀତ ୨୦୨୫ରେ ପୁଣି ଏକ ମହାମାରୀ ସାରା ବିଶ୍ୱକୁ ଗ୍ରାସିବ ବୋଲି ନଷ୍ଟ୍ରାଡାମଙ୍କ ଭବଷ୍ୟବାଣୀରେ ଉଲ୍ଲେଖ ରହିଛି।

# ଶେଷ ହେଲା ଶୀତ ଅଧିବେଶନ

## ଡିସେମ୍ବର ୩୧ ଯାଏଁ ଚାଲିବାର ଥିଲା ଶୀତ ଅଧିବେଶନ, ୧୧ ତାରିଖରେ ସରିଲା

ଭୁବନେଶ୍ୱର, ୧୧/୧୨: ବିଧାନସଭାର ଶୀତ ଅଧିବେଶନକୁ ୧୬ଟି କାର୍ଯ୍ୟଦିବସ ଥାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ନଭେମ୍ବର ୨୬ତାରିଖରୁ ଆରମ୍ଭ ହୋଇଥିବା ବିଧାନସଭାର ଶୀତ ଅଧିବେଶନ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଥିଲା । କିନ୍ତୁ ଆଜି ପ୍ରାୟ ୨୦ଦିନ ପୂର୍ବରୁ ଗୃହକୁ ମୁଲତବୀ କରାଯାଇଛି ଓ ମାତ୍ର ୧୨ଦିନ ଗୃହ ଚାଲିବା ସମ୍ଭବପର ହୋଇପାରିଛି । ବିଗତ ୩ଦିନ ଧରି ଗୃହର ଦ୍ୱିତୀୟାର୍ଦ୍ଧ ବିନା କାର୍ଯ୍ୟସୂଚୀ ପରିଚାଳିତ ହେଉଥିଲା । ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଚଳିତ ଶୀତ ଅଧିବେଶନ ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ କୌଣସି ସରକାରୀ କାର୍ଯ୍ୟ ନଥିବାରୁ ଗୃହକୁ ମୁଲତବୀ କରାଯାଇଛି । ଚଳିତ ଅଧିବେଶନରେ ଜିଏସଟି ବିଲ୍ , ଓଡ଼ିଶା ବିନିଯୋଗ(ସଂଖ୍ୟା ୨) ବିଲ ଏବଂ ଓଡ଼ିଶା ସାର୍ବଜନୀନ ପରୀକ୍ଷା(ଅନୁଚିତ ସାଧନର ନିବାରଣ) ବିଲ-୨୦୨୪ ଆଗତ ଓ ପାରିତ ହୋଇଛି । ତେବେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ-୨୦୨୪କୁ ଗୃହରେ ସରକାର ଗୃହରେ ଆଗତ କରିଥିଲେ ମଧ୍ୟ ଏହା ଉପରେ ଆଲୋଚନା କରିନାହାନ୍ତି । ବିଜେଡି ବିଧାୟକମାନଙ୍କ ବିରୋଧ ଓ ଅନ୍ୟ କେତେକ କାରଣରୁ ସରକାର ଏହି ବିଲକୁ ଚଳିତ ଅଧିବେଶନରେ ପାରିତ କରାଇବାକୁ ଆଗ୍ରହ ଦେଖାଇନଥିବା ଜଣାପଡ଼ିଛି । ଚଳିତ ଅଧିବେଶନରେ ୧୨ଦିନ ଗୃହ ଚାଲିଥିଲେ ମଧ୍ୟ ସେଥିରୁ ମାତ୍ର ୭ଟି କାର୍ଯ୍ୟଦିବସ ରହିଥିଲା । ସର୍ବଭାରତୀୟ ଡିଜି ସମ୍ମିଳନୀ ପାଇଁ ଗୃହ ୨ଦିନ ମୁଲତବୀ ରହିଥିଲା । ଗୃହରେ ଚଳିତ ଅଧିବେଶନରେ ୨୪ଟି ତାରକା ପ୍ରଶ୍ନ ଉପରେ




ଆଲୋଚନା ହୋଇଥିବାବେଳେ ୧୭୫୦ଟି ତାରକା ପ୍ରଶ୍ନର ଉତ୍ତର ସରକାରଙ୍କ ପକ୍ଷରୁ ଲିଖିତ ଆକାରରେ ଦିଆଯାଇଛି । ତା'ଛଡ଼ା ବିଧାୟକମାନଙ୍କର ୨୨୯୫ଟି ଅଣତାରକା ପ୍ରଶ୍ନ ମଧ୍ୟରୁ ୨୧୯୧ଟି ପ୍ରଶ୍ନର ଲିଖିତ ଉତ୍ତର ମଧ୍ୟ ସରକାର ଦେଇଛନ୍ତି । ବିରୋଧୀ ଦଳ ଦ୍ୱାରା ଆଗତ ୬ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରିଥିବାବେଳେ ୨ଟି ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟ ହୋଇଥିଲା । ଚଳିତ ଅଧିବେଶନରେ ଗୃହରେ ୮ଟି ସିଏଜି ରିପୋର୍ଟ ସମେତ ୧୦ଟି ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପିତ ହୋଇଛି । ଅନ୍ୟପକ୍ଷରେ ପୁଳାପୁଳା ପ୍ରସଙ୍ଗ ଥିଲେ ମଧ୍ୟ ଦୁଇ ପ୍ରମୁଖ ବିରୋଧୀ ଦଳ ଏହାକୁ ପ୍ରଭାବଶାଳୀ ଢଙ୍ଗରେ ଗୃହରେ ଉତଥାପନ କରିବାରେ ସକ୍ଷମ ହୋଇପାରିନଥିଲେ । ବିରୋଧୀ ଦଳଗୁଡ଼ିକର ସାମାନ୍ୟ ହଟ୍ଟଗୋଳ ଭିତରେ ବି ଶାସକ ଦଳ ଚଳିତ ଅଧିବେଶନକୁ ବେଶ୍ ସୁରୁଖୁରୁରେ ସମ୍ପାଦନ କରିବାରେ ସକ୍ଷମ ହୋଇଛି । ତେବେ ଶାସକ ଦଳ ମଧ୍ୟରେ ସମନ୍ୱୟ ଅଭାବରୁ ଗୃହରେ ସରକାରଙ୍କୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିବା ଦେଖିବାକୁ ମିଳିଛି । ଗତ ୩ଦିନ ଧରି ଗୃହରେ ଦ୍ୱିତୀୟାର୍ଦ୍ଧରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନଥିବା ଏବଂ ଶାସକ ଦଳର ସଦସ୍ୟମାନେ ନିଜ ସରକାରକୁ ଅଡୁଆରେ ପକାଇବା ଭଳି ଗୃହରେ ପ୍ରଶ୍ନ କରିବା ମଧ୍ୟ ଶାସକ ବିଜେପି ମଧ୍ୟରେ ସମନ୍ୱୟ ଓ ଅଭିଜ୍ଞତାର ଅଭାବ ପରିଲକ୍ଷିତ ହୋଇଥିଲା । ଗୃହରେ ଶେଷ ଦୁଇଦିନ ରାଜଧାନୀରେ ମିଶନ ଶକ୍ତି ମହିଳାଙ୍କ ଧାରଣାକୁ ନେଇ ବିଜେଡିର ହଟ୍ଟଗୋଳ କରିଥିଲେ ମଧ୍ୟ ସରକାର ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଇନଥିବା ଦେଖିବାକୁ ମିଳିଛି ।

## ନାଇପର ପ୍ରତିଷ୍ଠା ପାଇଁ ଅନୁରୋଧ

ଭୁବନେଶ୍ୱର,୧୧/୧୨: ଓଡ଼ିଶାରେ ଏକ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେସନ୍ ଆଣ୍ଡ୍ ରିସର୍ଚ୍ଚ (ନାଇପର) ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ନାଇପର୍ ପ୍ରତିଷ୍ଠାର ଆବଶ୍ୟକତା ରହିଛି । ଏହି ପଦକ୍ଷେପ ପୂର୍ବ ଭାରତରେ ଔଷଧ ଏବଂ ବାୟୋଟେକ୍ କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । ସେ ଆହୁରି କହିଛନ୍ତି ଯେ ଭୁବନେଶ୍ୱର ସ୍ଥିତ ଓଡ଼ିଶା ବାୟୋଟେକ୍ ପାର୍କ ହେଉଛି ପୂର୍ବ ଭାରତରେ ପ୍ରଥମ ପାର୍କ, ଯେଉଁଠାରେ ବାୟୋଟେକ୍ନୋଲୋଜି ଇଣ୍ଡଷ୍ଟ୍ରିଜ୍ ଏବଂ ଆନୁଷଙ୍ଗିକ ସେବା କ୍ଷେତ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକ ପାଣି, ବିଜୁଳି, ପ୍ରବାହିତ ଚିକିତ୍ସା ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧାମାନ ଉପଲବ୍ଧ ରହିଛି । ଏହି ବାୟୋଟେକ୍ ପାର୍କ ନାଇପର୍ ପ୍ରତିଷ୍ଠା ପାଇଁ ଏକ ଅନୁକୂଳ ପରିବେଶ ପ୍ରଦାନ କରୁଛି । ଏହା କେବଳ ଔଷଧ ବିଷୟରେ ଶିକ୍ଷାଗତ ଏବଂ ଗବେଷଣା ବ୍ୟବଧାନକୁ ଦୂର କରିବ ନାହିଁ ବରଂ ଉଦ୍ଭାବନ ଏବଂ କୁଶଳୀ କର୍ମଚାରୀଙ୍କ ବିକାଶକୁ ପ୍ରୋତ୍ସାହିତ କରିବ । ଫଳସ୍ୱରୂପ ଔଷଧ କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।

## ବିଧାନସଭାରେ ୱାଲଟିୟର୍ ଝଡ଼

ଭୁବନେଶ୍ୱର,୧୧/୧୨: ପୂର୍ବତଟ ରେଳପଥ ଅଧିନରୁ ୱାଲଟିୟର୍ ଡିଭିଜନ୍‌କୁ ଅଲଗା କରି ବିଶାଖାପାଟଣାରେ ମିଶାଇଦେବା ପ୍ରସଙ୍ଗକୁ ନେଇ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗକୁ ନେଇ ବିଜେଡି ଆଜି ବିଜେପି ସରକାର ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କଡ଼ା ଭାଷାରେ ସାମାଲୋଚନା କରିଛି। ବୁଧବାର ବିଧାନସଭାରେ ବରିଷ୍ଠ ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୂର୍ବତଟ ରେଳପଥ ଅଧିନରୁ ୱାଲଟର୍ ଡିଭିଜନ୍‌କୁ ଅଲଗା କରିବା ପ୍ରସଙ୍ଗକୁ ନେଇ କହିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବେଇମାନି କରୁଛନ୍ତି । ଆମକୁ ଲଜ୍ଜା ଲାଗୁଚି ଆମେ ତାଙ୍କୁ ଭୋଟ ଦେଇ ଦିଲ୍ଲୀ ପଠାଇଛୁ । ଆମେ ଜାଣିଚୁ ତାଙ୍କର ଓଡିଶା ପ୍ରୀତି ନାହିଁ । ବିଜେପି ଏକ ଅଣ ପଞ୍ଜିକୃତ ଦଳ ଯିଏ ଷଡଯନ୍ତ୍ର କରୁଛି। ୱାଲଟିୟ୍ ଡିଭିଜନ୍ ଯଦି ସାଉଥ ସେଣ୍ଟ୍ରାଲ ରେଲୱେ, ବିଶାଖାପାଟଣା ସହିତ ମିଶାଇ ଦିଆଯାଏ ତେବେ ୨୦ ହଜାର କୋଟି ଟଙ୍କା ଓଡିଶାର ରାଜସ୍ୱ ହାନି ହେବ । ପ୍ରବାଦ ପୁରୁଷ ବିଜୁ ପଟନାୟକଙ୍କ ଆଶୀର୍ବାଦରେ ପୂର୍ବ ତଟ ରେଳପଥ ହୋଇଥିଲା। କିନ୍ତୁ ବିଜେପି ସରକାର ଓଡ଼ିଶା ସହ ବେଇମାନି କରିଛନ୍ତି। ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି ଓଡିଶାର ଗୋଟେ ଇଞ୍ଚ ମଧ୍ୟ ଅଲଗା ରାଜ୍ୟକୁ ଯିବ ନାହିଁ । ଇଷ୍ଟ କୋଷ୍ଟ ତିନୋଟି ଡିଭିଜନ ନେଇ ଚାଲିବ। ଅନ୍ୟପଟେ ୱାଲଟିଅର ଡିଭିଜନକୁ ବିଶାଖାପାଟଣାରେ ମିଶାଇଦେବା ପ୍ରସଙ୍ଗରେ ବିଜେପି ସରକାର ଉପରେ ମଧ୍ୟ ବର୍ଷିଛି କଂଗ୍ରେସ । ତୁରନ୍ତ ଏ ନିଷ୍ପତ୍ତିରୁ ଓହରିଯାଆନ୍ତୁ ସରକାର । ଇଂରେଜଙ୍କ ସହ ମିଶି ବିଜେପି ଶାସନ କରିଛି। ୱାଲଟିୟର ଡିଭିଜନ ଯଦି ଆନ୍ଧ୍ରକୁ ଯାଏ ତାହା ଚିନ୍ତାଜନକ । ଏଥିରେ ଓଡିଶା ତାହାର ହକ ହରାଇବ । ରେଳମନ୍ତ୍ରୀ ଓଡ଼ିଶାରୁ ଯାଇ ଓଡିଶା ସ୍ୱାର୍ଥ କଥା ଚିନ୍ତା ନକରିବା ଦୁର୍ଭାଗ୍ୟଜନକ । ଓଡିଶାର ଖଣି, ପାଣି ଲୁଟ କରିବାକୁ ବିଜେପି ସରକାର ଚେଷ୍ଟା ଚଳାଇଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।



## ୧୩୮୬ କୋଟିର ପୁଞ୍ଜିନିବେଶକୁ ଅନୁମୋଦନ



ଭୁବନେଶ୍ୱର,୧୧/୧୨: ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଷ୍ଟମ ସିଙ୍ଗଲ୍ ୱିଣ୍ଡୋ କମିଟି(ଏସ୍.ଡ଼ବ୍ଲ୍ୟୁ.ସି)ର ବୈଠକରେ ମୋଟ ୧୯୨.୪୧ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଆସିଥିବା ୧୩୮୬.୦୯ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରାପ୍ତ ହୋଇଅଛି । ସବୁଜଶକ୍ତି ପ୍ରକଳ୍ପ ସ୍ଥାପନ ଉଦେଶ୍ୟରେ ଉତ୍ସର୍ଗୀକୃତ ଏହି ଅର୍ଥ ବିନିଯୋଗ ପ୍ରଦୂଷଣ ହ୍ରାସ ଲାଗି ରାଜ୍ୟ ସରକାରଙ୍କ ଦୃଢ ପ୍ରତିବଦ୍ଧତାକୁ ଦର୍ଶାଉଅଛି । ଏହି ଅଷ୍ଟମ ସିଙ୍ଗଲ୍ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି ୯୯ ମେଗାୱାଟ୍ କ୍ଷମତା ସଂପନ୍ନ ପବନ ଶକ୍ତି ପ୍ରକଳ୍ପ, ୯୧.୭୭ ମେଗାୱାଟ୍ କ୍ଷମତା ସଂପନ୍ନ ୫ଟି ଭୂମି ଆଧାରିତ ସୌରଶକ୍ତି ପ୍ରକଳ୍ପ ଏବଂ ୧.୬୪ ମେଗାୱାଟ୍ କ୍ଷମତା ସଂପନ୍ନ ଗୋଟିଏରୁଫ୍ ଟପ୍ ସୌରଶକ୍ତି ପ୍ରକଳ୍ପ । ଶକ୍ତି ବିଭାଗ ଏବଂ ଏହାର ପ୍ରମୁଖ ସଂସ୍ଥା ଗ୍ରିଡକୋ ମାଧ୍ୟମରେ ରାଜ୍ୟ ସରକାର ଓଡିଶାରେ ଅକ୍ଷୟ ଶକ୍ତି ପ୍ରକଳ୍ପର ବିକାଶକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତିବଦ୍ଧ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି(ଏସ୍.ଡ଼ବ୍ଲ୍ୟୁ.ସି)"ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨" ଅନୁଯାୟୀ, ଆଜି ସୁଦ୍ଧା ୧୪୪୧.୭୯ ମେଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ ୯୭୮୧.୪୭ କୋଟି ଟଙ୍କା ନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରଦାନ କରିଛି ।

## ଜାନୁଆରୀରେ ଓଡ଼ିଶା ଆସିବେ ସିଙ୍ଗାପୁର ରାଷ୍ଟ୍ରପତି



ଭୁବନେଶ୍ୱର,୧୧/୧୨: ସିଙ୍ଗାପୁର ରାଷ୍ଟ୍ରପତି ଥର୍ମାନ୍ ଶନମୁଗରତ୍ନମ୍ ଜାନୁଆରୀରେ ଭାରତ ଗସ୍ତରେ ଆସିବେ। ଏହି ସମୟରେ ସେ ଓଡ଼ିଶା ଆସିବେ ବୋଲି ଭାରତରେ ଅବସ୍ଥାପିତ ସିଙ୍ଗାପୁର ଉଚ୍ଚାୟୁକ୍ତ ସାଇମନ୍ ୱଙ୍ଗ ସୂଚନା ଦେଇଛନ୍ତି। ଶ୍ରୀ ୱଙ୍ଗ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ୨୦୨୫ରେ ଅନୁଷ୍ଠିତ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ସିଙ୍ଗାପୁର ସହଯୋଗୀ (ପାର୍ଟନର) ରହିବ ବୋଲି ଶ୍ରୀ ୱଙ୍ଗ ସୂଚନା ଦେବା ସହିତ ରାଷ୍ଟ୍ରପତି ଶନମୁଗରତ୍ନମ୍ ଭାରତ ଆସିବା ସମୟରେ କେବଳ ଏକମାତ୍ର ରାଜ୍ୟ ଭାବେ ଓଡ଼ିଶା ଗସ୍ତରେ ଆସିବେ ବୋଲି କହିଛନ୍ତି। ପେଟ୍ରୋକେମିକାଲ, ସବୁଜ ଶକ୍ତି ଓ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାର ସମୃଦ୍ଧିକୁ ଦୃଷ୍ଟିରେ ରଖି ସିଙ୍ଗାପୁର ତା'ର ବ୍ୟବସାୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ଚାହୁଁଛି। ରାଷ୍ଟ୍ରପତିଙ୍କ ଗସ୍ତ କାଳରେ ଏସବୁ ବିଷୟକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ୱଙ୍ଗ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିଙ୍ଗାପୁର ଉଚ୍ଚାୟୁକ୍ତଙ୍କୁ ସ୍ୱାଗତ କରିବା ସହିତ ସିଙ୍ଗାପୁର ରାଷ୍ଟ୍ରପତି ତାଙ୍କ ନିମନ୍ତ୍ରଣ ରକ୍ଷା କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ବାୟୋ କେମିକାଲ, ସହରୀ ଯୋଜନା, ପର୍ଯ୍ୟଟନ, ଆଇଟି, ଅକ୍ଷୟ ଶକ୍ତି ଓ ଦକ୍ଷତା ବିକାଶ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କରେ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚି ଥିବା କହିଛନ୍ତି।

# ଭୁବନେଶ୍ୱରରେ ଚାଲିବ ଡବଲଡେକର ଏସି ବସ୍

## କଳ୍ପନାରୁ ରବି ଟକିଜ୍ ଛକ ପର୍ଯ୍ୟନ୍ତ ହେବ ଫ୍ଲାଏଓଭର

ଭୁବନେଶ୍ୱର,୧୧/୧୨: ରାଜଧାନୀ ଭୁବନେଶ୍ୱରରେ ଯାତାୟତ ସୁବିଧା ପାଇଁ ଖୁବଶୀଘ୍ର ଡବଲଡେକର ଏସି ଇ-ବସ୍ ଚଳାଚଳ କରିବ। ଏହାସହ ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ କଳ୍ପନାରୁ ରବିଟକିଜ୍ ଛକ ପର୍ଯ୍ୟନ୍ତ ନୂଆ ଫ୍ଲାଏଓଭର, ଶିଶୁଭବନରୁ ମାଉସୀମା' ଛକ ପର୍ଯ୍ୟନ୍ତ ଆଉ ଗୋଟିଏ ଆରଓବି ଏବଂ ଭୁବନେଶ୍ୱର ଚାରିପାଶ୍ୱର୍ରେ ରିଂରୋଡ୍ ନିର୍ମାଣ କରିବାକୁ ସରକାର ଯୋଜନା କରିଛନ୍ତି। ସୂଚନା ଅନୁସାରେ, ଓଡ଼ିଶାରେ ଖୁବଶୀଘ୍ର ଡବଲଡେକର ଶୀତତାପ ନିୟନ୍ତ୍ରିତ ଇ-ବସ୍ ଚଳାଚଳ କରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ସଂସ୍ଥା କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ) ପକ୍ଷରୁ ଡିସେମ୍ବର ୫ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ରାଜଧାନୀ ଭୁବନେଶ୍ୱର ସମେତ କଟକ ଓ ପୁରୀ ମଧ୍ୟରେ ୫ଟି ଡବଲଡେକର ଇ-ବସ ଚଳାଚଳ କରିବ। ଗ୍ରସ୍ କଷ୍ଟ କଣ୍ଟ୍ରାକ୍ଟ(ଜିସିସି) ମଡେଲରେ ରାଜ୍ୟ





ସରକାର ଏହି ବସ୍ ଚଳାଚଳ ପାଇଁ ଅନୁମତି ଦେଇଛନ୍ତି। କ୍ରୁଟ୍ ପକ୍ଷରୁ ଏନେଇ ଟେଣ୍ଡର ଆହ୍ୱାନ କରାଯାଇଛି ଓ ଡିସେମ୍ବର ୨୦ତାରିଖ ଟେଣ୍ଡର ଦାଖଲର ଶେଷଦିନ ରହିଛି। ଯେଉଁ ସଂସ୍ଥା ସର୍ବନିମ୍ନ ବିଡର ହେବ ତାକୁ ୧୦ବର୍ଷ ପାଇଁ ଓ ପରେ କର୍ତ୍ତୃପକ୍ଷ ଚାହିଁଲେ ଆଉ ୨ବର୍ଷ ଅଧିକ ଏହି ବସ୍ ଚଳାଚଳ କରିବାକୁ ସୁଯୋଗ ମିଳିବ। ଏହି ବସ୍ ଚଳାଚଳ, ମରାମତି ଓ ଯୋଗାଣ ଆଦି ସମସ୍ତ ଖର୍ଚ୍ଚ ସମ୍ପୃକ୍ତ ସଂସ୍ଥାର ରହିବ। ସରକାର ଅବା କ୍ରୁଟ ଏଥିପାଇଁ କୌଣସି ଅର୍ଥ ଖର୍ଚ୍ଚ କରିବେ ନାହିଁ। ସମସ୍ତ ମାଲିକାନା ଉକ୍ତ ସଂସ୍ଥା ନାଁରେ ରହିବ ବୋଲି ଟେଣ୍ଡର ଦସ୍ତାବିଜରେ ଉଲ୍ଲେଖ ରହିଛି। ଏହି ବସ୍ ପ୍ରତିଦିନ ସକାଳ ସାଢ଼େ ୫ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସର୍ବାଧିକ ୨୦୦କିମି ଚାଲିବ ବୋଲି ଜଣାପଡ଼ିଛି। ଏଥିପାଇଁ ସରକାର ମଧ୍ୟ ବସଭଡ଼ା ଓ ଅନ୍ୟାନ୍ୟ ଖର୍ଚ୍ଚ ଧାର୍ଯ୍ୟ କରିଛନ୍ତି। ଜିସିସି ମଡେଲରେ ଏହି ଡବଲଡେକର ବସ୍ ଚଳାଇବାକୁ ସରକାର ଅନୁମତି ଦେବାପରେ କ୍ରୁଟ୍ ପକ୍ଷରୁ ଏହି ଟେଣ୍ଡର ଆହ୍ୱାନ କରାଯାଇଥିବା ଜଣାପଡ଼ିଛି। ରାଜ୍ୟ ସରକାର ନିଜେ ବସ୍ ନକିଣି ହେଉଥିବା ଜିସିସି ମଡେଲରେ ଏହା ଚଳାଚଳ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପୂର୍ତ୍ତ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଗାଡ଼ି ଚଳାଚଳ ଓ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଯୋଜନା ଉପସ୍ଥାପିତ ହୋଇଥିଲା। ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ପୂରଣ ପାଇଁ ସହରରେ ଏକାଧିକ ସଡ଼କ, ଫ୍ଲାଏଓଭର, ରେଳଓଭର ବ୍ରିଜ(ଆରଓବି) ଏବଂ ରିଙ୍ଗରୋଡ୍ ନିର୍ମାଣ ପାଇଁ ଯୋଜନା ହେଉଥିବା ଜଣାପଡ଼ିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଉପସ୍ଥାପିତ ପ୍ରକଳ୍ପ ଯୋଜନାରେ ଭୁବନେଶ୍ୱରର ଶିଶୁଭବନ ଛକରୁ ମାଉସୀମା' ଛକ ମଧ୍ୟରେ ଆଉ ଏକ ଆରଓବି, କଳ୍ପନା ଛକ-ମ୍ୟୁଜିୟମ-ରବି ଟକିଜ୍ ଛକ ପର୍ଯ୍ୟନ୍ତ ନୂଆ ଫ୍ଲାଏଓଭର, ଜୟଦେବ ବିହାର-ନନ୍ଦନକାନ ନୂଆ ରାସ୍ତା, ଦୟାୱେଷ୍ଟ କେନାଲ ଉପରେ ପଟିଆ ଷ୍ଟେସନ ଛକଠାରୁ ଜାତୀୟ ରାଜପଥ-୧୬ ପର୍ଯ୍ୟନ୍ତ ରିଙ୍ଗରୋଡ୍ , ମାଥମେଟିକସଠାରୁ ଏକାମ୍ରକାନନ ପର୍ଯ୍ୟନ୍ତ ନୂଆ ରାସ୍ତା, ତମାଣ୍ଡୋ-ଚନ୍ଦକା-ବାରଙ୍ଗ-ଧଉଳି-ତମାଣ୍ଡୋ ପର୍ଯ୍ୟନ୍ତ ରିଙ୍ଗରୋଡ୍ ନିର୍ମାଣ ପାଇଁ ଯୋଜନା ରହିଥିବା ନେଇ ପ୍ରସ୍ତାବିତ ତଥ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପୂର୍ତ୍ତ ବିଭାଗ ଉପସ୍ଥାପନ କରିଥିଲା। ସେହିପରି ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପକ୍ଷରୁ ମଧ୍ୟ ଭୁବନେଶ୍ୱର-କଟକ-ପୁରୀ ଇକୋନୋମିକ୍ ରିଜିଅନ୍ ଗଠନ ଏବଂ ଗ୍ରେଟର ଭୁବନେଶ୍ୱର ଗଠନ ସମ୍ପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଛି।

## ଆଠମଲ୍ଲିକରେ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ

# କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ କୃତଜ୍ଞତା ଜଣାଇଲେ ଆଠମଲ୍ଲିକବାସୀ

ଆଠମଲ୍ଲିକ, ୧୧/୧୨ (ନି.ପ୍ର): :ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଠାରେ ଏକ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବବୋଲି ଶୁକ୍ରବାର କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଥିବା ଜଣାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପ୍ରଚେଷ୍ଟା ରୁ ଏହା ସମ୍ଭବ ହୋଇପାରିଛି । ଗତ ୨୦୧୩ ମସିହାରୁ ଦୀର୍ଘ ୧୨ ବର୍ଷ ହେଲା ଆଠମଲ୍ଲିକ ଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଆଠମଲ୍ଲିକ ବାସୀ ଦାବି କରି ଆସୁଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ସଂଘ, ସାମାଜିକ ସଂଗଠନ ପକ୍ଷରୁ ଏହି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁରୋଧ କରାଯାଇଥିଲା । ଏଭଳି କି ବିଭିନ୍ନ ସମୟରେ ପ୍ରଧାନମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠ ରେ ମଧ୍ୟ ଦାବି ଉପସ୍ଥାପନା କରାଯାଇଥିଲା । ନିର୍ବାଚନ ପରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପିତ କରାଯିବାର ବ୍ୟବସ୍ଥା କରାଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଜନସାଧାରଣ ଙ୍କୁ ପ୍ରତିଶୃତି ଦେଇଥିଲେ । ନିର୍ବାଚନ ପରେ ସୌଭାଗ୍ୟକ୍ରମେ ସମ୍ବଲପୁର ସାଂସଦ ଭାବେ ଶ୍ରୀ ପ୍ରଧାନ ନିର୍ବାଚିତ ହୋଇ ପୁଣି କେନ୍ଦ୍ର ଶିକ୍ଷାମନ୍ତ୍ରୀ ହୋଇଛନ୍ତି । ଫଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କୁ ନେଇ ଆଠମଲ୍ଲିକ ବାସୀଙ୍କ ଆଶା ଆହୁରି ଉଜ୍ଜୀବିତ ହୋଇପଡ଼ିଥିଲା । ଶୁକ୍ରବାର କେନ୍ଦ୍ର କ୍ୟାବିନେଟରେ ଏହା ପାରୀତ ହେବାପରେ ଆଠମଲ୍ଲିକ ବାସୀଙ୍କ ମହଲରେ ଆନନ୍ଦ ଖେଳିଯାଇଛି । ଆଠମଲ୍ଲିକ ର ବିଭିନ୍ନ ସାମାଜିକ ସଂଗଠନ, ସଂଘ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ,ଗତ ୨୦୧୩ ମସିହାରେ ତତ୍କାଳୀନ ସମ୍ବଲପୁର ସାଂସଦ ଅମରନାଥ ପ୍ରଧାନ ନୂଆଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ କୁ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଓ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଠାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଗତ ୨୦୧୩ ମସିହାରେ ପ୍ରସ୍ତାବ ଦେଇଥିଲେ । ସେହିଦିନ ଠାରୁ ଜନସାଧାରଣ ଙ୍କ ପକ୍ଷରୁ ଲଗାତାର ପ୍ରୟାସ ଜାରି ରହିଥିଲା । ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ହାତପାଣ୍ଠି ରୁ ୧୫ ଲକ୍ଷ ଓ ପୂର୍ବତନ ମନ୍ତ୍ରୀ ସଂଜୀବ କୁମାର ସାହୁ ବିଧାୟକ ହାତପାଣ୍ଠି ରୁ ୩୭ ଲକ୍ଷ ଟଙ୍କା ଅନୁଦାନ ରେ ଅସ୍ଥାୟୀ ଭାବେ ଆଠମଲ୍ଲିକ ମହାବିଦ୍ୟାଳୟ ର ହରିବନ୍ଧୁ ଛାତ୍ରାବାସ ରେ ଓ ନୂତନ ଶ୍ରେଣୀଗୃହ ନିର୍ମାଣ କରି ବିଦ୍ୟାଳୟ ଚାଲିବା ବ୍ୟବସ୍ଥା କରାଯାଇଥିଲା । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଗସ୍ତ କରାଯାଇ ଭିତ୍ତିଭୂମି ପରଖା ଯାଇଥିଲା । କିନ୍ତୁ ବିଦ୍ୟାଳୟ ଖୋଲିବା ବହୁବର୍ଷ ବିଳମ୍ବ ହେବାରୁ କ୍ରମଶଃ ସେହି ଶ୍ରେଣୀଗୃହ, ଶୌଚାଳୟ ଗୁଡିକ ନଷ୍ଟ ପ୍ରାୟ ହୋଇପଡିଛି । ନୂତନ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ଆବଶ୍ୟକ ୮ ଏକର ଜମି ସ୍ଥାନୀୟ ପ୍ରଶାସନ ଇତିମଧ୍ୟରେ ଯୋଗାଇବା ସହ ଜମିପଟ୍ଟା ମଧ୍ୟ ଗତ ୨୦୨୩ ମସିହା ଜୁନ ୪ ତାରିଖରେ ପ୍ରଦାନ କରିସାରିଛି । ଦୁଇବର୍ଷ ହେଲା ଜମିପଟ୍ଟା ପାଇ ସାରିଥିଲେ ମଧ୍ୟ ବିଦ୍ୟାଳୟ ଖୋଲିବା ନେଇ ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଥିଲା । ସୌଭାଗ୍ୟ କ୍ରମେ ଗତ ସାଧାରଣ ନିର୍ବାଚନ ରେ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକସଭା ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ । ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ତୃତୀୟ ପାଳିରେ ଧର୍ମେନ୍ଦ୍ର ହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ । ଏହା ଆଠମଲ୍ଲିକ ବାସୀଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଆଣି ଦେଇଥିଲା ସୁବର୍ଣ୍ଣ ସୁଯୋଗ ।

# ଘରେ ଘରେ ବିହାରୀ ପୁଡ଼ି ମଦ

## ଆଖିରେ କଳାପଟି ବାନ୍ଧି ବସିଛି ବୋରିଗୁମ୍ମା ଅବକାରୀ ଥାନା ବାବୁ

କୋରାପୁଟ, ୧୧/୧୨ (ନି.ପ୍ର): କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଅଞ୍ଚଳରେ ଦେଖିବାକୁ ମିଳିଛି ଯେପରିକି ହର ଘର ମଦ ଘରେ ଘରେ ମଦ। ବୋରିଗୁମ୍ମା ଅଞ୍ଚଳର ଗ୍ରାମାଞ୍ଚଳରେ ଏବେ ଯେଉଁଠି ଦେଖିବେ ସେଠି ବିହାରି ପାଉଚ ମଦର ପସରା। ଗ୍ରାମାଞ୍ଚଳର ପ୍ରତେିକ ଛୋଟ ବଡ଼ ଦୋକାନ ସହ ଘରେ ଘରେ ବେଧଡକ ଚାଲିଛି ବିହାରୀ ପାଉଚ ମଦ ବ୍ୟବସାୟ। ଅବକାରୀ ବିଭାଗ ପକ୍ଷରୁ ପୋଲିସ ବିଭାଗ ସହ ମିଳିତ ଚଢାଉ କରି ମହୁଲି ପୋଚ ଓ ମଦ ନଷ୍ଟ କରିବା ସହ ନିରିହ ଆଦିବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। କିନ୍ତୁ ବିହାରି ପାଉଚ ମଦ ବ୍ୟବସାୟୀଙ୍କୁ କାହିଁକି ଅବକାରୀ ବିଭାଗ ପକ୍ଷରୁ ପ୍ରସୟ ଦିଆଯାଉଛି ତାହାକୁ ନେଇ ଉଠୁଛି ପ୍ରଶ୍ନ। ଦିନକୁ ଦିନ ଆଦିବାସୀ ଅଧୁଷିତ ବୋରିଗୁମ୍ମା ଅଞ୍ଚଳରେ ମଦ ବ୍ୟବସାୟ ବଢୁଥିବା ବେଳେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବଢିବାରେ ଲାଗିଛି। ଗୋଟିଏ ପଟେ ଯୁବ ସମାଜ ପ୍ରଥଭ୍ରଷ୍ଟ ହୋଇଥିବା ବେଳେ ପରିବାର ଅଶାନ୍ତି ନିତିଦିନିଆ ଘଟଣା। ବିହାରି ପାଉଚ ମଦ ବ୍ୟବହାର କରି ଏବେ ଗୁରୁତର ରୋଗର ଶିକାର ହୋଇ ନାହିଁନଥିବା ଅସୁବିଧାର ସମ୍ମୁଖିନ ମଧ୍ୟ ହେଉଥିବା ନଜରକୁ ଆସିଛି। ଏନେଇ ବିଭିନ୍ନ ଗ୍ରାମରେ ବିହାରି ପାଉଚ ମଦକୁ ବିରୋଧ କଲେ ସୁଦ୍ଧା ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରା ଯାଉନାହିଁ। ଏଭଳି ସାଂଘାତିକ ଘଟଣା ତଥ୍ୟ ସହ ଆମେ ପ୍ରଥମେ ବୋରିଗୁମ୍ମା ଅବକାରୀ ବିଭାଗ ଅଧିକାରୀ ଓ କୋରାପୁଟ ଅବକାରୀ ସୁପରିଟେଣ୍ଡକୁ ଅବଗତ ମଧ୍ୟ କରିଥିଲୁ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ଆସିନଥିବା କହି କଥାକୁ ଏଡ଼ାଇ ଦେଲେ ବୋରିଗୁମ୍ମା ଅବକାରୀ ଅଧିକାରୀ ଅନ୍ୟପଟେ ଅଭିଯୋଗ ସତ ପ୍ରମାଣିତ ହେଲେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ କହିଛନ୍ତି ଅବକାରୀ ସୁପରିଟେଣ୍ଡ। ତେବେ ଏଭଳି ଘଟଣା ଦିର୍ଘବର୍ଷ ଧରି ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ସହ ମଦ ବ୍ୟବସାୟୀମାନଙ୍କ ମଧୁ ଚନ୍ଦ୍ରିକାରେ କାରବାର ଚାଲୁଥିବା ସାଧାରଣରେ ମତ ପ୍ରକାଶ ପାଇଛି।

# ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ନିର୍ଦୋଷରେ ଖଲାସ

ଆସିକା, ୧୧/୧୨ (ନି.ପ୍ର): ଆସିକା ଥାନା ଇଲାକାରେ ଗତ ୨୦୨୧ ମସିହାରେ ଘଟିଥିବା ଏକ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ ରେ ଅଭିଯୁକ୍ତ କୁ ଆଜି ମାନ୍ୟବର ଆସିକା ଅତିରିକ୍ତ ଜିଲ୍ଲା ଦ୍ୱୈକ୍ଷରା ଜର୍ଜ ନିର୍ଦ୍ଦୋଶ ରେ ଖଲାସ କରିଛନ୍ତି । ପ୍ରକାଶ ଥାଉକି ଗତ ୧୩/୦୧/୨୦୨୧ ତାରିଖରେ ବ୍ରହ୍ମପୁର ଅଞ୍ଚଳର କୈଳାସ ଚନ୍ଦ୍ର ସାହୁ ନାମକ ଜଣେ ଯୁବକ ଆସିକା ଥାନା ଇଲାକାର ଜଣେ ଯୁବତୀ କୁ +୨ ପାସ କରାଇଦେବା ଆଳ ଦେଖାଇ ବାରମ୍ବାର ଦୁଷ୍କର୍ମ କରିବା ସହ ଯୁବତୀ ଜଣଙ୍କର ଉଲଗ୍ନ ଫୋଟୋ କୁ ଭାଇରଲ କରିଥିା ନେଇ ଯୁବତୀ ଜଣକ ଆସିକା ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ । ଆସିକା ଥାନା ପକ୍ଷରୁ କେସ ନମ୍ବର ୪୫/୨୦୨୧ ରେ ପୋଲିସ ମାମଲା ରଜୁକରି କୈଳାସ କୁ ବ୍ରହ୍ମପୁର ଅଞ୍ଚଳରୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା । ଅଭିଯୁକ୍ତ ଜଣଙ୍କ ଗିରଫ ହୋଇ ୨୮ ମାସ ଜେଲ ଦଣ୍ଡ ଭୋଗିଥିଲେ । ଆଜି ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର ୧୬ଜଣଙ୍କ ସାକ୍ଷ ଗ୍ରହଣ କରି ପ୍ରମାଣ ଅଭାବରୁ ଅଭିଯୁକ୍ତ କୁ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବି ରବୀନ୍ଦ୍ର କୁମାର ପାତ୍ର କେସ ପରିଚାଳନା କରିଥିଲେ ।

## ନୂତନ ତହସିଲଦାରଙ୍କୁ ସମ୍ବର୍ଦ୍ଧନା

କୋଟପାଡ଼,୧୧/୧୨ (ନି.ପ୍ର): କୋଟପାଡ଼ ତହସିଲ କାର୍ଯ୍ୟଳୟ ଠାରେ ନୂତନ ତହସିଲଦାର ଭାବରେ ଏମ ନୀଳକଣ୍ଠ ନାଇଡୁଙ୍କ ଯୋଗଦାନ । ପୂର୍ବରୁ କିର୍ତ୍ତୀ ଚରଣ ପ୍ରଧାନଙ୍କ ରାୟଗଡା ଜିଲ୍ଲା କୋଲନାରା ତହସିଲକୁ ବଦଳି ପରେ ଶ୍ରୀ ନାଇଡୁଙ୍କୁ କୋଟପାଡ଼ ତହସିଲରେ ବଦଳି ହୋଇଥିଲା । ଏହି ପରିପେକ୍ଷୀରେ କୋଟପାଡ଼ ଅକିଲ ସଙ୍ଘ ପକ୍ଷରୁ ନୂତନ ତହସିଲଦାର ଏମ ନୀଳକଣ୍ଠ ନାଇଡୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ସମ୍ବର୍ଦ୍ଧନା ସମୟରେ ଅକିଲ ସଙ୍ଘ ସଭାପତି ପଙ୍କଜ ପାତ୍ର, ଉପସଭାପତି ପ୍ରଦୀପ ବକ୍ସି, ସମ୍ପାଦକ ଶଙ୍କର ପଣ୍ଡାଙ୍କ ସହିତ ସମସ୍ତ ଅକିଲ ବନ୍ଧୁମାନେ ଉପସ୍ଥିତ ଥିଲେ ।

# ବଡଗଡ ବନବିଭାଗକୁ ମିଳିଲା ପୁଣି ସଫଳତା

## ଶାଗୁଆନ ଓ ପିଆଶାଳ କାଠ ବୋଝେଇ ଗାଡ଼ି ଜବତ

ସୋରଡା,୧୧/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ବଡଗଡ ବନବିଭାଗ ଅଧୀନରେ ଥିବା ବୋରଦା ନିକଟରୁ ଶାଗୁଆନ କାଠ ବୋଝେଇ ଏକ ୪୦୬ ଗାଡ଼ିକୁ ଧରିବାରେସଫଳ ହୋଇଛି ବଡଗଡ ବନବିଭାଗ। ଖବର ପ୍ରକାରେ ପୂର୍ବରୁ କାଠ ମାଫିଆ ମାନଙ୍କ ପେଣ୍ଠସ୍ଥଳୀ ରୂପେ ପରିଚିତ ବଡଗଡ ଅଞ୍ଚଳ ଗତକାଲି ଶୁକ୍ରବାର ମଧ୍ୟରାତ୍ର ପରେ ବଡଗଡ ବନବିଭାଗର ପାଟ୍ରୋଲିଂ ବେଳେ କାଠ ବୋଝେଇ ୪୦୭ ସହ ଏକ ବାଇକ୍ କୁ ଜବତ କରିଛି । ତେବେ ବିଶେଷ ସୂତ୍ରରୁ ଖବର ପାଇ ବଡଗଡ ବନାଞ୍ଚଳ ଅଧିକାରୀ ଅଞ୍ଜନ ନାୟକ ଅନ୍ୟ କର୍ମଚାରୀ ସହ ଗଠିତ ଟିମ୍ ବ୍ରୋରଦା ରାସ୍ତାରେ ପେଟ୍ରୋଲିଂ କରୁଥିଲେ ।ପେଟ୍ରୋଲିଂ ବେଳେ କାଠ ବୋଝେଇ ଗାଡ଼ିଖସି ଯିବାକୁ ଉଦ୍ୟତ ବେଳେ କାବୁ କରିବାରେ ସକ୍ଷମ ହୋଇ ସେଥିରେ ବୋଝେଇ ୩୫ ଟି ଶାଗୁଆନ ଓ ପିଆଶାଳ କାଠ ଗଣ୍ଡି ବ୍ରୋଝେଇ ୪୦୭ କୁ ଗାଡ଼ି ସହ ପାଇ ଜବତ କରିଥିଲା ବନ ବିଭାଗ। ଜବତ କାଠର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ଦେଇଛନ୍ତି ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ଏବଂ ବଡଗଡ ବନ ବିଭାଗ। ବଡଗଡ ବନବିଭାଗ ରେଞ୍ଜର ଭାବେ ଅଞ୍ଜନ କୁମାର ନାୟକ ଯୋଗ ଦେବା ପରଠୁଁ କ୍ରମାଗତ ଭାବେ ସଫଳ ହେଉଥିବା ବେଳେ କାଠ ମାଫିଆଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟିଛି।



# ବୃଦ୍ଧ, ବୃଦ୍ଧାଙ୍କୁ କମ୍ବଳ ବାଣ୍ଟିଲେ ସମାଜସେବୀ ରାଧା ଶ୍ୟାମ ଯେନା



ବାସୁଦେବପୁର, ୧୧/୧୨ (ନି.ପ୍ର): ରାଜ୍ୟ ସରକାର ଙ୍କ ପ୍ରାଥମିକ ଶିକ୍ଷକ ଭାବରେ ମାଲକାନଗିରି ରେ ସରକାରୀ ଶିକ୍ଷକ ଭାବରେ ଦୀର୍ଘ ଦିନ ଧରି ଶିକ୍ଷା ଦାନ କରୁଥିଲେ। ସେବାମନୋଭାବ ନେଇ ପାଞ୍ଚ ବର୍ଷ ହେବ ମାଲକାନଗିରି ରେ ବିଭିନ୍ନ ବିଦ୍ୟାଳୟରେ ପିଲାମାନଙ୍କୁ ସ୍ଲେଟ୍, ଖଡ଼ି , ଖାତା, କଲମ ଦେଇ ଆସୁଥିଲେ। ହଁ ଆଜ୍ଞା ଆମେ କହୁଛୁ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଏଡତାଳ ଗ୍ରାମ ର ରାଧ ଶ୍ୟାମ ଯେନା ଙ୍କ କଥା। ଗତକାଲି ନିଜ ଭିଟାମାଟି ଏଡତାଳ ଗ୍ରାମ କୁ ଆସିଥିଲେ ଏବଂ ଗ୍ରାମ ରେ ଶୀତ ପଡ଼ିଥିବା ରୁ ୬୦ ରୁ ଅଧିକ ବୃଦ୍ଧ, ବୃଦ୍ଧା ମାନଙ୍କୁ କମ୍ବଳ ବାଣ୍ଟିଛନ୍ତି। ଏଥିସହିତ ନିଜ ଗ୍ରାମରେ ଥିବା ଯୁବକ ସଂଘ ର ଯୁବକ ମାନଙ୍କୁ କ୍ରିକେଟ ଖେଳର ବ୍ୟାଟ୍, ବଲ, ଭଲିବଲ୍ ଓ ନେଟ ମଧ୍ୟ ଦେଇଛନ୍ତି ଏବଂ ଉକ୍ତ ଗ୍ରାମରେ ଅଙ୍ଗନବାଡି ର ଛୋଟ ଛୋଟ ପିଲାମାନଙ୍କୁ ସ୍ଲେଟ୍, ଖଡ଼ି ଓ ଚକୋଲେଟ ବାଣ୍ଟିଛନ୍ତି। ସେହିପରି ପ୍ରାଥମିକ ବିଦ୍ୟାଳୟ ରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଖାତା ଓ କଲମ ବାଣ୍ଟିଛନ୍ତି। ଭଗବାନ ଆଶୀର୍ବାଦ କଲେ ଆଗକୁ ମଧ୍ୟ ଏହିପରି ଭାବରେ ସେବା କରିବେ ବୋଲି ରାଧା ଶ୍ୟାମ ଯେନା କହିଛନ୍ତି। ତାଙ୍କ ର ଏହି ପରି ସେବା ମନୋବୃତ୍ତି ଦେଖି ନିଜ ଗ୍ରାମର ବୃଦ୍ଧା , ବୃଦ୍ଧ ଏବଂ ବୁଦ୍ଧିଜୀବି ମାନେ ପ୍ରଶଂସା କରିବା ସହିତ ଆଶୀର୍ବାଦ କରିଛନ୍ତି। ନିଜ ଗ୍ରାମରେ ଏହି ସେବା କାର୍ଯ୍ୟରେ ରାଧା ଶ୍ୟାମ ଯେନା ଙ୍କୁ ହିମାଂଶୁ ଶେଖର ଯେନା, ବୈକୁଣ୍ଠ ନାଥ ଯେନା, କପିଳାସ ଯେନା, କାମିନି କାନ୍ତ ଯେନା, ଧନଞ୍ଜୟ ଯେନା, ସଂଜୟ ସେନା, ରତିକାନ୍ତ ଯେନା, ଚକ୍ରଧର ବଳ ଙ୍କ ସମେତ ସୁଧାକର ଯେନା ଓ ଦିବାକର ଯେନା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଧଳପୁର ହାଇସ୍କୁଲ ରେ ୨ ଦିନିଆ କ୍ରୀଡା ଉତ୍ସବ ଉଦଯାପିତ

ବୌଦ୍ଧ,୧୧/୧୨ (ନି.ପ୍ର): ହରଭଙ୍ଗା ବ୍ଲକ ରାଜେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଧଳପୁର ଠାରେ ୨ଦିନିଆଁ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଦିନ ଉଦଯାପିତ ହୋଇଯାଇଛି । ଚଳିତ ମାସ ୬ତାରିଖ ଠୁ ଆରମ୍ଭ ହୋଇ ଏହି ଉତ୍ସବ ୭ତାରିଖ ରେ ବିଦ୍ୟାଳୟ ର ଭାରପ୍ରାପ୍ତ ଅଧକ୍ଷ ବାବୁଲାଲ ଭୋକ୍ତା ଙ୍କ କରକମଳରେ ଉଦଯାପିତ ହୋଇଛି । ଏହି କ୍ରୀଡା ଉତ୍ସବ ଅବସରରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଲମ୍ଭ ଡିଆଁ, ଉଚ୍ଚ ଡିଆଁ, ଦୌଡି, ସଟପୁଟ, ଆଦି ପ୍ରତିଯୋଗିତା ବାଳକ ଓ ବାଳିକା ୨ଗୋଟି ବର୍ଗ ରେ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଦିବସରେ ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ କୈଳାଶ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସୂର୍ଯ୍ୟନାରାୟଣ ମହାକୁଡ଼ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡା ର ଆବଶ୍ୟକତା ଓ ଉପାଦୟତା ଉପରେ ମତ ରଖିଥିଲେ ଓ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# କ୍ଷେତ୍ର ପରିଦର୍ଶନ ଓ ନିର୍ମାଣ କାର୍ଯ୍ୟ କଲେ ସମୀକ୍ଷା

## ସେତୁ ଓ ରାସ୍ତା ନିର୍ମାଣର ମାନ ପ୍ରତି ବିଶେଷ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ

ବୌଦ୍ଧ,୧୧/୧୨ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ଆଜି ବୌଦ୍ଧ ଜିଲ୍ଲା ପରିଦର୍ଶନ କରି ଗ୍ରାମ୍ୟ ଉନ୍ନୟନ ବିଭାଜନ, ବୌଦ୍ଧର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ ଉକ୍ତ ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧୀନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ପ୍ରକଳ୍ପ ଓ ନିର୍ମାଣ କାର୍ଯ୍ୟର ସବିଶେଷ ସମୀକ୍ଷା କରିଥିଲେ । ଏହି ପରିଦର୍ଶନ ଅବସରରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ସେତୁ ବନ୍ଧନ ଯୋଜନା ଅଧୀନରେ ନିର୍ମାଣଧୀନ ଥିବା ଚଉଦ ଗୋଟି ସେତୁ ନିର୍ମାଣର ସମୀକ୍ଷା କରିଥିଲେ । ଏହା ସହ ରାଜ୍ୟ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥ?ବା ତେର ଗୋଟି ରାସ୍ତା ନିର୍ମାଣ କାର୍ଯ୍ୟର ମଧ୍ୟ ସମୀକ୍ଷା ହୋଇଥିଲା । ଏହା ସହ ସେ ଦୀର୍ଘମିଆଦି ଭିତ୍ତିଭୂମି ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁଦାନ (ଝଇଉଓ)ରେ ଚାଲୁଥିବା ସାତ ଗୋଟି ରାସ୍ତା ନିର୍ମାଣ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ । ୨୦୨୪-୨୫ ବର୍ଷରେ ନିର୍ମାଣ ହେବାକୁ ଥିବା ଅନ୍ୟ ସେତୁ ଓ ରାସ୍ତାର ଡିପିଆର୍ ପ୍ରସ୍ତୁତି ଓ ଅନ୍ୟ ଆନୁଷଙ୍ଗିକ ଦିଗର ମଧ୍ୟ ସମୀକ୍ଷା ହୋଇଥିଲା । ଏହା ମଧ୍ୟରେ ସେତୁ ବନ୍ଧନ ଯୋଜନା ଅଧୀନରେ ଛଅ ଗୋଟି, ମୁଖ୍ୟମନ୍ତ୍ରୀ ସଡକ ଯୋଜନା – ସିୟୁଭିଡିଏ ଅଧୀନରେ ତେର ଗୋଟି ପ୍ରକଳ୍ପ ଓ ରାଜ୍ୟ ଯୋଜନା ଅଧୀନରେ ସାତ ଗୋଟି ନୂତନ ପ୍ରକଳ୍ପ ନିର୍ମାଣର ସମୀକ୍ଷା କରାଯାଇଥିଲା । ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅଧୀନସ୍ଥ ପ୍ରକଳ୍ପଗୁଡିକ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ।ପ୍ର।ଥର୍ମି କତ। ଭିତ୍ତିରେ ଏହି ସମସ୍ତ ସେତୁ ଓ ରାସ୍ତା ନିର୍ମାଣର ମାନ ପ୍ରତି ବିଶେଷ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ପ୍ରମୁଖ ଶାସନ ସଚିବ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ସେ ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମ ମଧ୍ୟରେ ଶେଷ କରିବା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ଅବସରରେ ପ୍ରମୁଖ ଶାସନ ସଚିବଙ୍କୁ ବୌଦ୍ଧ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧକ୍ଷଣ ଯନ୍ତ୍ରୀ ଶ୍ରୀ ସୁଧାକର ନାଏକ, ଉପ ?ବିଭାଜନ ଅଧିକାରୀ ଶ୍ରୀ ସାଗୁ ନାଏକ ଓ ଶ୍ରୀ ବିଦ୍ୟାଧର ମହାନ୍ତି ପ୍ରମୁଖ ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଜନର ଉକ୍ତ ସମସ୍ତ ପ୍ରକଳ୍ପର ନିର୍ମାଣ ସ୍ଥିତି ବିଷୟରେ ଅବଗତ କରାଇଥିଲେ ।

# ଜିଏସଏସର ପ୍ରଥମ କୋଷାଧକ୍ଷାଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ

ନିଆଳୀ, ୧୧/୧୨ (ନି.ପ୍ର): ନିଆଳୀ ତଥା ଓଡିଶା ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ର ପ୍ରଥମ କୋଷାଧକ୍ଷା ତଥା ପ୍ରତିଷ୍ଠାତା ସଭ୍ୟା ସ୍ୱର୍ଗତା ସୁଶ୍ରୀ ପ୍ରତିମା ସାହୁ ଙ୍କ ର ୧୫ ତମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇ ଯାଇଛି । ଅନୁଷ୍ଠାନ ର ସ୍ଥାୟୀ ସଭାପତି ସମାଜସେବୀ ପ୍ରସନ୍ନ ପାତ୍ର ଏବଂ ଯୁବ ସମାଜସେବୀ ତଥା ଅଧକ୍ଷ ସନ୍ତୋଷ କୁମାର ମାଝୀ, କବି ମୋନାଲିସା ମୁଦୁଲି, ପ୍ରୀତିପ୍ରଜ୍ଞା ପଟ୍ଟନାୟକ, ବର୍ଷା ପ୍ରିୟ ଦର୍ଶନୀ ପରିଡା ଶୁଭସ୍ମିତା ସ୍ୱାଇଁ, ଜୁଲି ସ୍ୱାଇଁ, ଶୁଭଲକ୍ଷ୍ମୀ ଦାଶ,ଏବଂ ପ୍ରିତୀମୟୀ ବେହେରା ପ୍ରମୁଖ ଫଟୋ ଚିତ୍ର ରେ ପୁଷ୍ପାଞ୍ଜଳି ପ୍ରଦାନ ସ୍ୱର୍ଗତା ସାହୁ ବିଗତ ଦିନ ଅନୁଷ୍ଠାନ ଉର୍ନ୍ନତି ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ । ତତସହିତ ନିଜ ଭାଇ ଶ୍ରୀ ମାଝୀ ଙ୍କୁ ଉଚିତ ପରାମର୍ଶ ଦେଉଥିଲେ । ସାହୁ ଙ୍କ ଉଦେଶ୍ୟ ରେ ଆଗାମୀ ପ୍ରତିଷ୍ଠା ଦିବସ ରେ ଓଡିଶାର ୫ ଜଣ ମହିଳା ଙ୍କୁ କୁମାରୀ ପ୍ରତିମା ସାହୁ ସେବା ସମ୍ମାନ ରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆ ଯାଇଛି ।

# ଜାତୀୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତାରେ ପଦକ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୧/୧୨ (ନି.ପ୍ର): ଚଳିତ ମାସ ୨ ତାରିଖ ଠାରୁ ୪ ତାରିଖ ତିନି ଦିନ ଧରି ନୂଆଦିଲ୍ଲୀ ଏନସିଆର ଠାରେ ଡିଏଭି ନ୍ୟାସନାଲ ସ୍ପୋର୍ଟସ୍ -୨୦୨୪ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ଜୋନର ତିନୋଟି ବର୍ଗରେ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ । ଏହି କ୍ରମରେ ବ୍ରହ୍ମପୁର ଡିଏଭି ପବ୍ଲିକ୍ ସ୍କୁଲ ରୁ ୩୮ ଜଣ ଛାତ୍ର ଛାତ୍ରୀ ଓଡିଶା ଟିମରେ ସାମିଲ ହୋଇ ଜାତୀୟ ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଏଥିରେ ରୋଲର ସ୍କେଟିଂ ଓ ଟାଉକୋଣ୍ଡୋରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉତ୍ତମ ପ୍ରଦର୍ଶନ କରି ପଦକ ହାସଲ କରିଛନ୍ତି । ରୋଲର ସ୍କେଟିଂରେ ଅନ୍ୱେଷା ବିଷୋୟୀ, ଟାଇକୋଣ୍ଡୋରେ ସଞ୍ଜିବନ ସାମନ୍ତରା, କ୍ରିତିକା ଦଳେଇ, ନିଧିଶ୍ରୀ ଓ ଆଦିତି ନାୟକ ପଦକ ହାସଲ କରିଛନ୍ତି । ନ୍ୟାସନାଲ ସ୍ପୋର୍ଟସରେ ଅଂଶ ଗ୍ରଗଣ କରିବା ପରେ ଆଜି ଅପରାହ୍ନରେ ନୂଆଦିଲ୍ଲୀରୁ ବ୍ରହ୍ମପୁର ଫେରିଛନ୍ତି ଛାତ୍ରଛାତ୍ରୀମାନେ । ଆଜି ରେଳ ଷ୍ଟେସନରେ ପହଞ୍ଚିବା ପରେ ପଦକ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଡିଏଭି ପବ୍ଲିକ୍ ସ୍କୁଲର ଅଧକ୍ଷା ଧରାଶ୍ରୀ ପାଢୀ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସ୍କୁଲର ଶିକ୍ଷକ ମାନସ କୁମାର ପଣ୍ଡା, ଭିନସେଣ୍ଟ ଦାସ, କେଦାରନାଥ ମହାପାତ୍ର, ପ୍ରିତୀ ଭୁର୍ଜୀ, ଅଞ୍ଜନା ପଟ୍ଟନାୟକ, ଶୁଭଶ୍ରୀ ପାଣିଗ୍ରାହୀ ଓ ଜାନକୀ କୁମାରୀ ସାହୁଙ୍କ ତତ୍ତ୍ୱବଧାନରେ ଛାତ୍ରଛାତ୍ରୀମାନେ ନୂଆଦିଲ୍ଲୀ ଗସ୍ତ କରିଥିଲେ । ସେପଟେ ଆଜି ବ୍ରହ୍ମପୁର ରେଳ ଷ୍ଟେସରେ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରିବା ସମୟରେ ଡିଏଭି ପବ୍ଲିକ୍ ସ୍କୁଲର ଶିକ୍ଷକ ସମୀର ପାଣିଗ୍ରାହୀ ଆର ଗୋବିନ୍ଦ ରାଓ , ଦିଲ୍ଲିପ କୁମାର ବେହେରା, ପିଭି ରାମ ଦାସଙ୍କ ସମେତ ବହୁ ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ମାନେ ଉପସ୍ଥିତ ରହି ଛାତ୍ର ଛାତୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# କଲ୍ୟାଣସିଂହପୁର ଚଇତି ପରବ ନିମନ୍ତେ ପ୍ରସ୍ତୁତି ବୈଠକ

 କଲ୍ୟାଣସିଂହପୁର,୧୧/୧୨ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ସମିତି କାର୍ଯ୍ୟାଳୟର ସଭାବନା ଗୃହରେ ଚଇତି ପରବ ନିମନ୍ତେ ପ୍ରସ୍ତୁତି ବୈଠକଅନୁଷ୍ଠିତ ହୋଇଛି । ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସମିତି ଅଧକ୍ଷା ଅମ୍ରିତା କାଡ୍ରାକା ଉପସ୍ଥିତ ରହିଥିବା ବେଳେ ବ୍ଲକ ଉପାଧକ୍ଷ ଡମ୍ବୁରୁ କଞ୍ଜାକା ,କଳାକାର ସଂଘର ଉପସଭାପତି ସନ୍ତୋଷ କୁମାର ବଚ୍ଛା,ସାଂସଦ ପ୍ରତିନିଧି କୁମାର ସ୍ୱାମୀ କୌଶଲ୍ୟା, ସମାଜସେବୀ ରାମାରାଓ କାଡ୍ରାକା ,ସୁନ୍ଦର ରାଓ ବାଗ, ସି ହେଚ ନାଗେଶ୍ୱର ରାଓ , ବିଧାୟକ ପ୍ରତିନିଧି ପ୍ରଶାନ୍ତ ନନ୍ଦ କୌଶଲ୍ୟା ପ୍ରମୁଖ ମଞ୍ଚାସିନ ରହିଥିଲେ । ଏଥିରେ ଚଳିତ ମାସ ୧୯ତାରିଖ ଦିନ କଲ୍ୟାଣସିଂହପୁରରେ ଚଇତି ପାଳନ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଗାଁ ଗହଳିରେ ଥିବା ଲୁକ୍କାୟିତ ପ୍ରତିଭା ଗୁଡିକ ଲୋକ ଲୋଚନ ଆଣିବା ପାଇଁ ଏହାର ପ୍ରୟାସ । ବିଭାଗୀୟ ଷ୍ଟଲ କରାଯିବ ଓ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା ।ଏଥିରେ ସରପଞ୍ଚ ଗୌତମ ବାର୍ଲି ,ସମିତି ସଭ୍ୟା, ପାର୍ଶାଲି ସ୍ୱତନ୍ତ୍ର ଅଧିକାରୀ ମୋନାଜ କୁମାର ସାହୁ ,ଅଗ୍ନିଶମ ବିଭାଗ , ମିନି ବ୍ୟାଙ୍କ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ,କୃଷି ବିଭାଗ,ସମାଜସେବୀ , ଡମ୍ବ ସମାଜ ର ସଭାପତି , ଡ୍ରାଇଭର ସଂଘ ର ସଭାପତି, କଲ୍ୟାଣ ସିଂହପୁର ଥାନା ଅଧିକାରୀ,ବଣିକସଙ୍ଘ ସଭାପତି,ତହସିଲ, ଆଦିବାସୀ କନ୍ଧ କୁଳ ସମାଜ ର ସଭାପତି ,ପଶୁ ଚିକିସ୍ତକ ବିଭାଗ,ବନ ବିଭାଗ ,ଆଇ ସି ଡି ଏସ ବିଭାଗ ,ସାମ୍ବାଦିକ ସଙ୍ଘ ପ୍ରମୁଖ ଉପସ୍ଥିତ ରହିଥିଲେ ।




## ରାଇକିଆ ବପ୍ଟିଷ୍ଟ୍ ମଣ୍ଡଳୀରେ ମିଳିତ ପ୍ରାକ ଖ୍ରୀଷ୍ଟମାସ ଉତ୍ସବ

ରାଇକିଆ,୧୧/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ବପ୍ଟିଷ୍ଟ୍ ମଣ୍ଡଳୀର ଆଜି ବିଭିନ୍ନ ମଣ୍ଡଳୀ ମିଳିତ ଭାବେ ପ୍ରି ଖ୍ରୀଷ୍ଟମାସ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସତ୍ୟବାନ ପାତ୍ର ଯୋଗ ଦେଇ ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟ ବକ୍ତା ଭାବେ କୋରାପୁଟରୁ ପାଳକ ନିର୍ମଳ ଖରା ଯୋଗ ଦେଇ 'ଯୀଶୁ ଖ୍ରୀଷ୍ଟ ଆମ୍ଭମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ' ପ୍ରସଙ୍ଗରୁ ପବିତ୍ର ବାଇବଲରୁ ବାକ୍ୟ ପରିବେଷଣ କରିଥିଲେ । ଏଥିରେ ବିଭିନ୍ନ ଚର୍ଚ୍ଚରୁ ଶତାଧିକ ଖ୍ରୀଷ୍ଟ ବିଶ୍ୱାସ ଭାଇ ଭଉଣୀ ମାନେ ଓ ପାଳକ ପ୍ରଚାରକ ମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଯୀଶୁଙ୍କ ଗୌରବ ଉଦ୍ଦେଶ୍ୟରେ ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ଓ ଏହି ଉତ୍ସବକୁ ରାଇକିଆ ବାପ୍ତିଷ୍ଟ ମଣ୍ଡଳୀର ସମ୍ପାଦକ ଶରତ ଚନ୍ଦ୍ର ନାୟକ ପରିଚାଳନା କରିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗ ଦେଇ ଆଶୀର୍ବାଦ ପ୍ରାର୍ଥନା କରି ପ୍ରାକ୍ ଖ୍ରୀଷ୍ଟମାସ୍ ପର୍ବ ପାଳନ କରିଥିଲେ ।

# ବହୁଚର୍ଚ୍ଚିତ ପାଣ୍ଡବ ନାୟକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଆସିକା, ୧୧/୧୨ (ନି.ପ୍ର): ବହୁଚର୍ଚ୍ଚିତ ପାଣ୍ଡବ ନାୟକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ ଦଣ୍ଡାଦେଶ ୦୫ ହଜାର ଟଙ୍କା ଜୋରିମାନା ସହ ଅନାଦେୟେ ତିନିମାସ ଜେଲଦଣ୍ଡ ଶୁଣାଣି କରିଛନ୍ତି ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର। ପ୍ରକାଶ ଥାଉକି ଗତ ୦୧/୧୦/୨୦୧୭ ମସିହାରେ ବଡ଼ଗଡ଼ ଥାନା ଇଲାକା ଧରାକୋଟ ବ୍ଲକ ଅନ୍ତର୍ଗତ ଓଲମ୍ବା ଗ୍ରାମର ଅଙ୍ଗଦ ନାୟକ ଓ ପାଣ୍ଡବ ନାୟକ ଉଭୟେ ମିଶି ଗ୍ରାମରୁ ବାହାରି ସାଇପୁର ନିକଟରେ ଉଭୟେ ମଦ୍ୟପାନ କରିଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଅଙ୍ଗଦ ନାୟକ ଏକ ଧାରୁଆ ଅସ୍ତ୍ର ଧରି ପାଣ୍ଡବ ନାୟକ କୁ ହତ୍ୟା କରିଥିଲା । ତାର କଟା ମୁଣ୍ଡ ଧରି ବଡ଼ଗଡ଼ ଥାନାକୁ ଆସି ଆତ୍ମ ସମର୍ପଣ କରିଥିଲା । ପୋଲିସ ବଡ଼ଗଡ଼ ଥାନା କେସ ନମ୍ବର ୨୨୬/୨୦୧୭ ରେ ଏକ ମାମଲା ରୁଜୁ କରି ତଦନ୍ତ କରି ଅଙ୍ଗଦ ନାୟକ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଆଜି ମାନ୍ୟବର ବିଚାରପତି ପ୍ରବୀର କୁମାର ଚୌଧୁରୀ ମୋଟ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ କୁ ଆଧାରକରି ଅଙ୍ଗଦ କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୦୫ ହଜାର ଟଙ୍କା ଜୋରିମାନା ସହ ତିନିମାସ ପର୍ଯ୍ୟନ୍ତ ଅନାଦେୟ ଦଣ୍ଡ ଶୁଣାଇଥିଲେ । ସରକାର ପକ୍ଷରୁ ଆଇନଜୀବି ସୂର୍ଯ୍ୟ ପ୍ରକାଶ ରାଓ ମକଦ୍ଦମା ପରିଚାଳନା କରିଥିଲେ ।

# ଡାକ୍ତରଙ୍କୁ ଟଙ୍କା ନ ଦେଲେ ମିଳୁନି ଶବ ବ୍ୟବଚ୍ଛେଦ ରିପୋର୍ଟ

## ବାର ଦୁଆର ଶୁଣ୍ଡିପିଣ୍ଡା ହେଉଛନ୍ତି ସାପ କାମୁଡାରେ ମୃତ ପୁଅର ମା'

ବାଲେଶ୍ୱର, ୧୧/୧୨ (ନି.ପ୍ର): ଘଟଣାଟି ଦୁଇ ମାସ ତଳର । ଗତ ଅକ୍ଟୋବର ୯ ତାରିଖ ରାତି ପ୍ରାୟ ଗୋଟାଏ ବେଳେ ସୋର ବ୍ଲକ ଅନନ୍ତପୁର ଅଂଚଳର ଅଇଁରୀ ଗ୍ରାମର ୧୯ବର୍ଷର ଯୁବକ ବିକାଶ ଚନ୍ଦ୍ର ପରିଜାଙ୍କୁ ଏକ ବିଶାକ୍ତ ରଣା ସାପ କାମୁଡ଼ି ଦେଇଥିଲା । ମା' ମମତାମଞ୍ଜରୀ ତାଙ୍କୁ ସଙ୍ଗେ ସଙ୍ଗେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଠାରେ ବିକାଶଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ବାଲେଶ୍ୱରର ଫକୀର ମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ । ସେହି ଅନୁସାରେ ତାଙ୍କ ମା' ଓ ଅନ୍ୟ ସମ୍ପର୍କୀୟମାନେ ଆମ୍ବୁଲାନ୍ସ ଯୋଗେ ମେଡିକାଲ କଲେଜକୁ ବିକାଶଙ୍କୁ ନେଇ ଆସିଥିଲେ । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ବିକାଶଙ୍କ ମୃତ୍ୟୁ ହୋଇଯାଇଥିଲା । ପୂର୍ବରୁ ସ୍ୱାମୀ ରାମଚନ୍ଦ୍ର ପରିଡାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଏବେ ପୁଅ ବିକାଶ ମଧ୍ୟ ମୃତ୍ୟୁବରଣ କରିବା ପରେ ମା' ମମତା ମଞ୍ଜରୀଙ୍କ ସଂଘର୍ଷର ଦିନ ଆରମ୍ଭ ହୋଇଯାଇଥିଲା । ବିକାଶଙ୍କ ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲ କଲେଜ କର୍ତ୍ତୃପକ୍ଷ ଶିକ୍ଷାଂଚଳ ଥାନାକୁ ଖବର ଦେଇଥିଲେ । ଥାନାର ତଦନ୍ତ ଅଧିକାରୀ ଇପ୍‌ସିତା ନାୟକ ୫୪/୨୦୨୪ନଂର ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ସେଠାରେ ଡାକ୍ତର ଭକ୍ତ ନାରାୟଣ ମୁଣ୍ଡା ଶବ ବ୍ୟବଚ୍ଛେଦ ସାରିବା ପରେ ମମତାମଞ୍ଜରୀଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା । ସାପ କାମୁଡାରେ ମୃତ୍ୟୁ ହୋଇଥିବା ପ୍ରମାଣିତ ହେଲେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ୪ଲକ୍ଷ ଟଙ୍କାର ଅନୁଗ୍ରହ ରାଶି ପ୍ରଦାନ କରିଥାନ୍ତି । ଏଥିପାଇଁ ସୋର ତହସିଲଦାରଙ୍କ ପ୍ରମାଣପତ୍ର ଆବଶ୍ୟକ । ଏହା ସହିତ ଶବ ବ୍ୟବଚ୍ଛେଦ ରିପୋର୍ଟ ବି ଦରକାର । ମାତ୍ର ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳୁନଥିବାରୁ ମମତାମଞ୍ଜରୀ ଓ ତାଙ୍କ ଭାଇ କମଳା କାନ୍ତ ଶଙ୍ଖୁଆ ବାରମ୍ବାର ଶିକ୍ଷାଂଚଳ ଥାନାରେ ଯୋଗାଯୋଗ କରିବା ଅନ୍ତେ ତଦନ୍ତ ଅଧିକାରୀ ଜଣକ ପରାମର୍ଶ ଦେଇଥିଲେ ମେଡିକାଲ କଲେଜରେ ବୁଝିବା ପାଇଁ । ମେଡିକାଲ କଲେଜ ଯିବାରୁ ସେଠାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବୁଝିବାକୁ କୁହାଯାଇଥିଲା । ସେହି ଅନୁସାରେ ରିପୋର୍ଟ ପାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଠି ସେଠି ପଚରା ଉଚୁରା କରୁଥିବା ବେଳେ ତାଙ୍କର ସାକ୍ଷାତ ହୋଇଥିଲା ଠିକାରେ ନିୟୋଜିତ ସର୍ଜରୀ ୱାର୍ଡ଼୍ ?ର ଆଟେଣ୍ଡାଂଟ ପ୍ରଫୁଲ୍ଲ କୁମାର ବେହେରାଙ୍କ ସହ । ରିପୋର୍ଟ ପାଇବା ନେଇ ସେ ସହଯୋଗ କରିବା ପ୍ରତିଶୃତି ଦେଇ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ ସହ କଥା ହେବେ ବୋଲି କହିଥିଲେ । ଥରେ ଦୁଇ ଥର ତାଙ୍କୁ ଯୋଗାଯୋଗ କରିବା ପରେ ସେ ମମତାମଞ୍ଜରୀଙ୍କୁ ଡାକ୍ତରଖାନା ଡାକି ରିପୋର୍ଟ ପାଇବାକୁ ୧୦ହଜାର ଟଙ୍କା ମାଗିଥିଲେ । ଗରିବ ମମତା ନିଜର ଅକ୍ଷମତା ପ୍ରକାଶ କରିଥିଲେ ବି ମାନବିକାତା ହୀନ ଡାକ୍ତରଙ୍କ ଏଜେଂଟ ପ୍ରଫୁଲ୍ଲ କିଛି ଶୁଣି ନଥିଲେ । ପରେ ଧାର ଉଧାର କରି ମମତାଙ୍କ ଭାଇ କମଳା ୩ହଜାର ଟଙ୍କା ପ୍ରଫୁଲ୍ଲଙ୍କୁ ଦେଇଥିଲେ । ପୂର୍ବରୁ ସ୍ୱାମୀ ଓ ଏବେ ପୁତ୍ରର ମୃତ୍ୟୁ ପରେ ଅତ୍ୟନ୍ତ ଗରିବ ଘରର ମମତାମଞ୍ଜରୀଙ୍କ ପାଇଁ ସେଇ ଅନୁଗ୍ରହ ରାଶି ହିଁ କେବଳ ଶାନ୍ତ୍ୱନା ବୋଲି ବିଚାର ପୂର୍ବକ ଅନନ୍ତପୁର ରାଜସ୍ୱ ଅଧିକାରୀ ତଦନ୍ତ ପରେ ସୋର ତଦସିଲଦାର ଫକୀର ମୋହନ ମେଡିକାଲ କଲେଜର ଅଧୀକ୍ଷକଙ୍କୁ ମୃତ ବିକାଶଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ ପାଇଁ ପତ୍ର ଲେଖିଥିଲେ ନଭେମ୍ବର ୧୧ ତାରିଖରେ । ଇତି ମଧ୍ୟରେ ବାକି ଥିବା ୭ହଜାର ଟଙ୍କା ନଦେବାରୁ ନଭେମ୍ବର ୧୨ ତାରିଖ ଦିନ ୱାର୍ଡ଼୍ ଆଟେଣ୍ଡାଂଟ ପ୍ରଫୁଲ୍ଲ ଫୋନ-ପେ ମାଧ୍ୟମରେ ନେଇଥିବା ୩ହଜାର ଟଙ୍କା ଫେରାଇ ଦେଇଥିଲେ । ଏହା ସହିତ ମମତା ଓ ତାଙ୍କ ଭାଇ କମଳାଙ୍କୁ ହସପିଟାଲକୁ ଡାକି ଥାନାକୁ ଶବ ବ୍ୟବଚ୍ଛେଦ ରିପୋର୍ଟ ପଠାଯାଇଥିବା କହିଥିଲେ । ମମତା ଶିକ୍ଷାଂଚଳ ଥାନାରେ ପହଂଚି ଶବ ବ୍ୟବଚ୍ଛେଦ ରିପୋର୍ଟ ପାଇଥିଲେ । ମାତ୍ର ସେହି ରିପୋର୍ଟରେ ଯାହା ଲେଖା ଥିଲା, ତାହା ତାଙ୍କ କଟା ଘା ରେ ଚୁନ ମାରିବା ସଦୃଶ । ଟଙ୍କା ନ ପାଇବାରୁ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ମୁଣ୍ଡା ଭିସେରା ପରୀକ୍ଷଣ ପାଇଁ ରିପୋର୍ଟକୁ ସ୍ଥଗିତ ରଖାଯାଇଥିବା ଦର୍ଶାଇଛନ୍ତି । ଭିସେରା ପରୀକ୍ଷା କେବେ ହେବ, ପୂର୍ଣ୍ଣାଙ୍ଗ ରିପୋର୍ଟ କେବେ ମିଳିବ ତାହାର ଉତ୍ତର କାହା ପାଖରେ ନାହିଁ । ଅନୁଦାନ ତ ଦୂରର କଥା ଶବ ବ୍ୟବଚ୍ଛେଦ ରିପୋର୍ଟ ପାଇବାକୁ ଏବେ ମମତା ବାର ଦୁଆର ଶୁଣ୍ଡି ପିଣ୍ଡା ହେଉଛନ୍ତି । ଏ ସମ୍ପର୍କରେ ଗତ ନଭେମ୍ବର ୨୮ ତାରିଖରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ତାଙ୍କ ଦୁଃଖ ଶୁଣିବା ପରେ ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ନିର୍ଦ୍ଦେଶ ସହ ମମତାଙ୍କୁ ଆଶ୍ୱସନା ଦେଇଥିଲେ । ଆଜକୁ ୧୨ ଦିନ ବିତି ଯାଇଥିଲେ ବି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାର ନା ଧରୁନାହିଁ । ବୋଧହୁଏ ଟଙ୍କା ନ ଦେବା ପର୍ଯ୍ୟନ୍ତ ରିପୋର୍ଟ ମିଳିବ ନାହିଁ । ରିପୋର୍ଟ ପାଇବା ପରେ ଅନୁଗ୍ରହ ରାଶି ପାଇବାକୁ ଆଉ କିଏ କେତେ ଟଙ୍କା ମାଗିବେ ତାହାକୁ ନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି ମମତା ।



## ବିଶ୍ୱ ମାନବ ଅଧିକାର ଦିବସ ପାଳିତ



ଭଦ୍ରକ-୧୧/୧୨ (ନି.ପ୍ର): ଜାତୀୟ ମାନବ ଅଧିକାର ସମ୍ମୁଖ୍ୟ ,ଭଦ୍ରକ ଜିଲ୍ଲା ଆନୁକୂଲ୍ୟରେ ୭୬ତମ ବିଶ୍ୱ ମାନବ ଅଧିକାର ଦିବସ ବ୍ଲକ ସଭାପତି ଅନନ୍ତ ଚରଣ ତ୍ରିପାଠୀଙ୍କ ପୌରାହିତ୍ୟରେ ପାଳନ ହୋଇଯାଇଛି ଭଣ୍ଡାରିପୋଖରୀ ଠାରେ । ରାଜ୍ୟ ଉପ ସଭାପତି ଶଚିକାନ୍ତ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଲୋଚନା କରିଥିଲେ ଉକ୍ତ ଜାତୀୟ ମାନବ ଅଧିକାର ସମ୍ମୁଖ୍ୟ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ମାନବ ଅଧିକାର ସମ୍ପର୍କରେ । ଭଦ୍ରକ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ ବ୍ୟକ୍ତ କରିଥିଲେ ମାନବ ଅଧିକାର ଆଇନ, ଉଲ୍ଲଙ୍ଘନ ଓ ସଂଘଠନ ସୁଦୃଢ ସମ୍ପର୍କରେ । ଜିଲ୍ଲା ସଂଯୋଜକ ଜୟନ୍ତ କୁମାର ବେହେରା, ଧାମନଗର ବ୍ଲକ ସଭାପତି ରମେଶ ଦାସ,ସମ୍ପାଦକ ପ୍ରଦ୍ୟୁମ୍ନ ନାୟକ ,ଅକ୍ଷୟ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇ ଉପାସ୍ଥପନ କରିଥିଲେ ନିଜ ନିଜର ବକ୍ତବ୍ୟ । ଏତଦ ବ୍ୟତୀତ ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ଅନ୍ୟତମ ଅତିଥି ଭାବେ ,ଆନନ୍ଦ ଚନ୍ଦ୍ର ରାଉତ,ଲକ୍ଷ୍ମୀକାନ୍ତ ନାୟକ, ନିରଞ୍ଜନ ମହାନ୍ତି ,ରମାକାନ୍ତ ଜେନା ,ନୃସିଂହ ଖୁଣ୍ଟିଆ ,ସରୋଜ କୁମାର ସ୍ୱାଇଁ, କୀର୍ତ୍ତନ ବିହାରୀ ମଲ୍ଲିକ ,ଦିବାକର ଜେନା ,ପଦ୍ମନାଭ ସାହୁ, ବିଦ୍ୟାଧର ପରିଡ଼ା ,ଉପେନ୍ଦ୍ର ପଣ୍ଡା, ଅମର ଜେନାପ୍ରମୁଖ ଉପସ୍ଥିତ ଥିଲେ ।ଧନ୍ୟବାଦ ଅର୍ପଣ କରିଥିଲେ ଉମାକାନ୍ତ ଜେନା ।

## ବାଲେଶ୍ୱରକୁ ମହାନଗର ନିଗମରେ ପରିଣତ ପାଇଁ ବିଧାନସଭାରେ ଦାବି ଉଠାଇଲେ ସଦର ବିଧାୟକ ମାନସ ଦତ୍ତ

ବାଲେଶ୍ୱର୧୧/୧୨ (ନି.ପ୍ର): ରାଜ୍ୟର ସର୍ବପୁରାତନ ପୌରପାଳିକା ହେଉଛି ବାଲେଶ୍ୱର । ଜନସଂଖ୍ୟା ୨ଲକ୍ଷକୁ ଟପିଲାଣି । ପୌରାପାଳିକାର ସୀମା ୩୧ଟି ୱାର୍ଡ ମଧ୍ୟରେ ସୀମିତ ଥିଲେ ବି ସହରାଂଚଳର ଦ୍ରୁତ ଅଭିବୃଦ୍ଧି ଘଟିଛି । ପୌରାଂଚଳ ସଂଲଗ୍ନ ଅଂଚଳରେ ବସବାସ କରୁଥିବା ଲୋକେ ନାମକୁ ମାତ୍ର ପଂଚାୟତରେ ରହୁଥିଲେ ବି ସହରର ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି । ମାତ୍ର ପୌରାଂଚଳର କ୍ଷେତ୍ରଫଳ ବଢୁନଥିବାରୁ ସଂଖ୍ୟାଧିକ ସରକାରୀ ଯୋଜନା କାର୍ଯ୍ୟକାରୀ ହେବାରେ ସମସ୍ୟା ସୃଷ୍ଟି ହେଉଛି । ଏହାକୁ ଦୃଷ୍ଟିରେ ରଖି ନୂତନ ଭାବେ ପୌରାଂଚଳର ସୀମା ନିର୍ଦ୍ଧାରଣ ସହ ବାଲେଶ୍ୱରକୁ ମହାନଗର ନିଗମରେ ରୂପାନ୍ତରିତ ପାଇଁ ସାଧାରଣରେ ବାରମ୍ବାର ଦାବି ହୋଇଆସିଛି । ଏହି ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ସହିତ ତ୍ୱରିତ ପଦକ୍ଷେପ ପାଇଁ ସଦର ବିଧାୟକ ମାନସ କୁମାର ଦତ୍ତ ବିଧାନସଭାର ଶୂନ୍ୟକାଳରେ ଉପସ୍ଥାପନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ଅନେକ ଥର ଏ ନେଇ ପ୍ରତିଶୃତି ମିଳିଥିଲେ ବି ତାହା ବାସ୍ତବ ରୂପ ନେବାରେ ବିଫଳ ହୋଇଛି । ପୂର୍ବରୁ ରାଜ୍ୟ ସରକାର ଏକାଧିକ ସହରକୁ ମହାନଗର ନିଗମ ଭାବେ ମାନ୍ୟତା ଦେଇଥିବା ବେଳେ ମାନଦଣ୍ଡ ପୂରଣ ହେଉନଥିବା କାରଣରୁ ବାଲେଶ୍ୱର ପୌରାପାଳିକା ଏଥିରୁ ବଂଚିତ ରହିଯାଇଥିଲା । ସମ୍ପ୍ରତି ମହାନଗର ନିଗମ ମାନ୍ୟତା ପାଇବାକୁ ଆବଶ୍ୟକୀୟ ସମସ୍ତ ମାନଦଣ୍ଡକୁ ବାଲେଶ୍ୱର ପୌରପାଳିକା ପୂରଣ କରୁଛି । ଏ ଦିଗରେ ପ୍ରାଥମିକ ବିବରଣୀ ସରକାରଙ୍କୁ ପ୍ରଦାନ କରାଯାଇଛି । ସାମ୍ପ୍ରତିକ ସମୟର ଆବଶ୍ୟକତା, ଲୋକଙ୍କ ଦାବି ସହିତ ନିୟମ ଭିତ୍ତିରେ ବାଲେଶ୍ୱର ପୌରପାଳିକାକୁ ମହାନଗର ନିଗମରେ ପରିଣତ ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାକୁ ବିଧାୟକ ଶ୍ରୀ ଦତ୍ତ ଦାବି ଜଣାଇଛନ୍ତି ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଲାଗି କଳସ ଶୋଭାଯାତ୍ରା

ଜଳେଶ୍ୱର,୧୧/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଶ୍ରୀରାମପୁର ପଂଚାୟତ ନାରାୟଣପୁର ଗାଁରେ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଜୟ ଶ୍ରୀରାମ ଓ ଜୟ ହନୁମାନ ଧ୍ୱନିରେ ଅଞ୍ଚଳକୁ ମୁଖରିତ କରୁଥିଲେ। ସକାଳେ ୧୦୮କଳସ ଶୋଭାଯାତ୍ରା ରେ ଶହଶହ ମହିଳା,ବାଦ୍ୟ ଓ ସଂକିର୍ତ୍ତନ ମାଧ୍ୟମରେ ସୁବର୍ଣ୍ଣରେଖା ନଦୀ ରୁ ପବିତ୍ର ଜଳ ଧରି ଆଣି ଗ୍ରାମ ପରିକ୍ରମା ସହ ମନ୍ଦିର ନିକଟରେ ପହଂଚିଥିଲେ ।ଗ୍ରାମ୍ୟ ପୁରୋହିତ ତଥା ପୂଜକ କେଦାର ପାଣିଗ୍ରାହୀ ଓ ୫ ଜଣ ବ୍ରାହ୍ମଣ ଙ୍କ ଦ୍ୱାରା ପୂଜାପାଠ ଯଜ୍ଞାଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।ରାମଚନ୍ଦ୍ର ବାଗ ଯଜ୍ଞରେ ସଂକଳ୍ପ ଧାରଣ କରି ଗ୍ରାମ୍ୟ ମଙ୍ଗଳ ମନାସି ଥିଲେ ।ଦୁଇଦିନ ଧରି ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବୁଧବାର ମଧ୍ୟାହ୍ନରେ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।ଗ୍ରାମ ମୁଖ୍ୟ ପରେଶ ଚନ୍ଦ୍ର ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମ ହେଉଥିବା ବେଳେ ଆଶୁତୋଷ ଘୋଷ, ଚିନ୍ମୟ ବାଗ,ଅଜୟ ବାଗ,ସପନ ବାଡ଼, ତ୍ରିଲୋଚନ ବାଗ, ଜନ୍ମେଜୟ ବାଡ଼ ଓ ସୁମନ୍ତ ବାଗ ସହଯୋଗ କରିଥିଲେ।



## ବ୍ଲକ ସ୍ତରୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

ଜଳେଶ୍ୱର,୧୧/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମାନଙ୍କ ସୁବିଧା ଅସୁବିଧା ସମାଧାନ ଲାଗି ଏକ ସଂଘ ଗଠନ ସହ କର୍ମକର୍ତ୍ତା ଚୟନ ହୋଇ ଯାଇଛି । ଜଳେଶ୍ୱର ଶିକ୍ଷକ ଭବନ ପରିସରରେ ଆୟୋଜିତ ବୈଠକରେ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଓଝା ସଭାପତିତ୍ୱ କରିଥିଲେ ।ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ତଥା ସାମାଜିକ କାର୍ଯ୍ୟ ପାଇଁ ବ୍ଲକ ସ୍ତରୀୟ ଏକ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।କମିଟିରେ ସଭାପତି ଭାବେ ଖଗେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ଶଶିକାନ୍ତ ପ୍ରଧାନ,ଉପ ସଭାପତି ବନମାଳୀ ଧଳ ଓ ଶ୍ରୀମନ୍ତ ଘୋଷ, ସାଧାରଣ ସମ୍ପାଦକ କପିଳେଶ୍ୱର ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଙ୍କୁ କାର୍ଯ୍ୟକର୍ତ୍ତା ଭାବେ ଚୟନ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଜ୍ୟୋତିଷ କୁମାର କର, କୋଷାଧ୍ୟକ୍ଷ ଭାଗବତ ଚନ୍ଦ୍ର ପରିଡ଼ା, ସାଂଗଠନିକ ସମ୍ପାଦକ ମୂରଲୀ ମୋହନ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ବିନୋଦ ବିହାରି ମହାପାତ୍ର, ଉପଦେଷ୍ଟା ରାଜାରାମ କରଶର୍ମା, ଲଳିତ ରଞ୍ଜନ ସେନାପତି, ଶରତ ଚନ୍ଦ୍ର ପରିଡ଼ା ଓ ଗଣେଶ ଚନ୍ଦ୍ର ପରିଡ଼ା ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟ ଗିରିଧାରୀ ବେହେରା, କାଳିଚରଣ ପୃଷ୍ଟି, ରମେଶ ଚନ୍ଦ୍ର ଗିରି, କମଳ ଲୋଚନ ମହାପାତ୍ର, ସୁଶାନ୍ତ କୁମାର ପରିଡ଼ା, ରଜତ ଚନ୍ଦ୍ର ଦାସ, ଫନି ଭୂଷଣ ଭୂୟାଁ, ବଙ୍କିମ ଚନ୍ଦ୍ର ଦେ, ସୁବଳ ଚନ୍ଦ୍ର ପରିଡ଼ା, ସୁରେନ୍ଦ୍ର ନାଥ ସାହୁ ଓ ସତ୍ୟରଞ୍ଜନ ଦାସ ପ୍ରମୁଖ ନୂତନ କମିଟିରେ ମନୋନୀତ ହୋଇଛନ୍ତି ।ଆଗାମୀ ଦିନରେ ଅବସର ଗ୍ରହଣ କରିଥିବା ବିଭିନ୍ନ ବିଭାଗର କର୍ମଚାରୀମାନେ ଉକ୍ତ ସଂଘରେ ସାମିଲ ହେବା ସହିତ ସେମାନଙ୍କ ସୁବିଧା ସୁଯୋଗ ପାଇଁ ସଂଘ ପକ୍ଷରୁ ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ନୂତନ ସଂଘ ପକ୍ଷରୁ ପ୍ରତିଶୃତି ଦିଆଯାଇଛି ।



## ବାବୁଲାଲ ଅଗରୱାଲା ସ୍ମୃତି ପୁରସ୍କାର ପ୍ରଦାନ

### ମୟୂରଭଞ୍ଜର ୨୬ ଶ୍ରେଷ୍ଠ ଚାଷୀ ଓ ୫ ପ୍ରତିଭାହେଲେ ସମ୍ମାନିତ



ବାରିପଦା ୧୧/୧୨ (ନି.ପ୍ର): ବେସରକାରୀ ଉଦ୍ୟମରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକର ଅଗ୍ରଣୀ କୃଷକଙ୍କୁ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସମ୍ବର୍ଦ୍ଧିତ କରାଯିବା ପରମ୍ପରା ସମଗ୍ର ଓଡ଼ିଶାରେ ଅନନ୍ୟ ବୋଲି ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ସଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ମୁଖ୍ୟବକ୍ତା ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ସମାଜସେବୀ ମୁରାରୀଲାଲ ଶର୍ମା ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ସ୍ୱର୍ଗତ ବାବୁଲାଲ ଅଗରୱାଲାଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ବାର୍ଷିକ ଜିଲାସ୍ତରୀୟ ବାବୁଲାଲ ଅଗରୱାଲ ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦେଇ ମତପୋଷଣ କରିଛନ୍ତି । ଜିଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରାଙ୍କ ସଂଯୋଜନାରେ ବ୍ଲକୱାରି ଶ୍ରେଷ୍ଠ ୨୬ ଜଣ କୃଷକଙ୍କୁ ଚୟନ କରାଯାଇ ଏହି ସ୍ମୃତି ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଛି. ଏଥିସହିତ ବିଭିନ୍ନ କ୍ଷେତ୍ରର କୃତି ସମ୍ପନ୍ନ ୫ଜଣ ବରିଷ୍ଠ ପ୍ରତିଭାଧାରୀ ରାଇରଙ୍ଗପୁରର ବର୍ଷିୟାନ ଆଇନଜୀବୀ ରସାନନ୍ଦ ଲେଙ୍କା, ବରିଷ୍ଠ ସାରସ୍ୱତ ସାଧକ ହରନାରାୟଣ ମିଶ୍ର, କୃଷି ବିଶେଷଜ୍ଞ ରାସେଶ୍ୱର ସାହୁ, ଜଷ୍ଟିସ ଦେବବ୍ରତ ଦାଶ ଏବଂ ଚଳଚିତ୍ର ଜଗତର ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ମାନଙ୍କ ସହ ବରିଷ୍ଠ ବୁଦ୍ଧିଜୀବୀ ମାନେ ବାବୁଲାଲ ଅଗରୱାଲାଙ୍କ ସ୍ମୃତିଚାରଣ କରି କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ମୟୂରଭଞ୍ଜ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଆଦିତ୍ୟ ପଣ୍ଡା, କୃତି ଶିକ୍ଷକ ଡ. ଶଶଧର ବିଶ୍ୱାଳ ଓ ପ୍ରାଧ୍ୟାପକ ଶ୍ରୀନିବାସ ଭଞ୍ଜ ପ୍ରମୁଖ ଉତ୍ସବର ବିଭିନ୍ନ କାର୍ଯ୍ୟ ନିର୍ବାହ କରିଥିବା ବେଳେ, ଫାଉଣ୍ଡେସନର ସମ୍ପାଦକ ଡ. ଅକ୍ଷୟ କୁମାର ଅଗରୱାଲା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଜିଲାର ୨୬ ବ୍ଲକୱାରି ଶ୍ରେଷ୍ଠ କୃଷକଙ୍କ ମଧ୍ୟରେ ଗୌତମ ମହାନ୍ତ ବାରିପଦା, ସଂଜୀବ କୁମାର ନାୟକ ବଡସାହି, ନୀଳକଣ୍ଠ ସେଠୀ ବେତନଟୀ, କମଳ ଚନ୍ଦ୍ର ମହାନ୍ତ ବାଙ୍ଗିରିପୋଷି, ମନୋରଞ୍ଜନ ସାହୁ ମୋରଡା, ତାରାକାନ୍ତ ଭୋଇ ରାସଗୋବିନ୍ଦପୁର, ସୁନା ସିଂ ସାରସକଣା, ରବୀନ୍ଦ୍ର ହେମ୍ବ୍ରମ ଶୁଳିଆପଦା, ଭରତ ବେହେରା ଶାମାଖୁଣ୍ଟା, ରବୀନ କୁମାର ଦଣ୍ଡପାଟ କୁଳିଅଣା, ସୀମାରାଣୀ ଦାସ ଖୁଣ୍ଟା, ଅଜିତ କୁମାର ପରିଡା ଗୋପବନ୍ଧୁ ନଗର, ଶିବଶଙ୍କର ଟୁଡୁ ଉଦଳା, ରାଜୀବ କୁମାର ଜେନା କପ୍ତିପଦା, ଜେନା ନାଏକ ବିଶୋଇ, ସୁଗଦା ମାଝୀ ରାଇରଙ୍ଗପୁର, ମାସାଂ ହେମ୍ବ୍ରମ ବିଜାତୋଳା, ଯୋଗେନ୍ଦ୍ର ମହାନ୍ତ ବହଳଦା, ସୁନ୍ଦର ମୋହନ ହେମ୍ବ୍ରମ ତିରିଙ୍ଗ, ରାମେଶ୍ୱର କଣ୍ଡାଙ୍କେଲ ଜାମଦା, ସାମୁ ନାଏକ କୁସୁମୀ, କଟୀଚନ୍ଦ୍ର ମହାନ୍ତ ଯଶିପୁର, ଗହ୍ଳା ମହାନ୍ତ କରଞ୍ଜିଆ, ପରେନ୍ଦ୍ର ମଢେଇ ଠାକୁରମୁଣ୍ଡା, ପ୍ରହ୍ଲାଦ ମହାନ୍ତ ରରୁଆଁ ଏବଂ ଦେବେନ୍ଦ୍ର ନାଥ ସାମୁରାୟ ଶୁକୃଲୀ ବ୍ଲକ ପ୍ରମୁଖ ଚାଷୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।

## ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ନୂଆ ବଜାର ଟ୍ରାଫିକ ପୋଷ୍ଟ ଲାଗି ଲେଆଉଟ ପ୍ରଦାନ

ଜଳେଶ୍ୱର,୧୧/୧୨ (ନି.ପ୍ର): ସମଗ୍ର ଦେଶ ଓ ଜଳେଶ୍ୱର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରୋଟାରୀ କ୍ଲବ ଅଫ ଜଳେଶ୍ୱର ଆନୁକୂଲ ରେ ନୂଆ ବଜାର ଠାରେ ଟ୍ରାଫିକ ପୋଷ୍ଟ ଓ କ୍ଲର୍କ ଟାୱାର ପାଇଁ ଲେଆଉଟ୍ ପ୍ରଦାନ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନ ନିରୂପଣ ପାଇଁ ଜଳେଶ୍ୱର ଥାନା ଅଧିକାରୀ ଶ୍ରୀ ରଂଜନ କୁମାର ସେଠୀ, ନଗରପାଳ ପ୍ରତିପ୍ କୁମାର ପ୍ରଧାନ,ପୂର୍ତ୍ତ ବିଭାଗର ଅଧିକାରୀ ଇଂ ନିହାର ରଞ୍ଜନ ବେହେରା, ରୋଟାରୀ କ୍ଲବର ସଭାପତି ଭାସ୍କର ରଞ୍ଜନ ସ୍ୱାଇଁ, ସମ୍ପାଦକ ସୁବିର ଚଟାର୍ଜୀ, ସଭ୍ୟ ସର୍ବଶ୍ରୀ ଦୀପକ ସାହୁ, ସୁବ୍ରତ ରଣା, ରାଜେଶ ଖଟୁଆ, ନନ୍ଦନ ଦତ୍ତ, ମଣିଭଦ୍ର ଜେନା, ସୁବିର ସେନାପତି, ଅଂଶୁମାନ ରାଉତ, ସତ୍ୟବ୍ରତ ଜେନା, ସାଗର କାମିଲା, ମାନସ ମହାନ୍ତି, ରାଜକିଶୋର ହୁଇ ପ୍ରମୁଖ ଉପସ୍ଥିତ ଥିଲେ ।ଜଳେଶ୍ୱର ପୌରପାଳିକାର ଆହ୍ୱାନ କ୍ରମେ ରୋଟାରୀ କ୍ଲବ ଜଳେଶ୍ୱର ଦ୍ୱାରା ଭୂମି ପୂଜା ଓ ନିର୍ମାଣ କାର୍ଯ୍ୟ ବୁଧବାର ହେବ ବୋଲି ସୂଚନା ମିଳିଛି । ଜଳେଶ୍ୱର ସହର ର ପ୍ରବେଶ ପଥ, ଚଳ ଚଞ୍ଚଳ ଛକ ସ୍ଥାନରେ ଅତି ଶୀଘ୍ର ନିର୍ମାଣ ହୋଇ ଲୋକାର୍ପିତ ହେବ ବୋଲି ଜଣାଯାଇଛି ।ଫଳରେ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପଟୁ, ଚନ୍ଦନେଶ୍ୱର ପଟୁ,ଓ ସହର ମଧ୍ୟରୁ ଯାତାୟାତ ସୁଗମ ଓ ସରଳ ହେବ ବୋଲି ଆଶା କରାଯାଉଛି । ଜଳେଶ୍ୱର ମ୍ୟୁନିସିପାଲିଟି ରେ ପ୍ରଥମ କରି ଡିଭାଇଡର ନିର୍ମାଣ ପରେ ଟ୍ରାଫିକ ବ୍ୟବସ୍ଥା, ଜନ ସାଧାରଣ ଙ୍କ ଲାଗି ସେବା ଯୋଗାଇବ ।

## ପ୍ରାକ୍ତନ ଶିକ୍ଷକ ମନୋରଞ୍ଜନ ଦାସ ଙ୍କ ପରଲୋକ

ଜଳେଶ୍ୱର,୧୧/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ,ସୁଗୋ ପଞ୍ଚାୟତ,ଧାନ ଶିମୁଳିଆ ଗାଁର,ପ୍ରାକ୍ତନ ଶିକ୍ଷକ ମନୋରଞ୍ଜନ ଦାସ (୮୦)ଙ୍କ ପରଲୋକ ହୋଇଯାଇଛି ।ସେ ଆଇନଜୀବୀ ସତ୍ୟନାରାୟଣ ଦାସ ଙ୍କ ପିତା ଅଟନ୍ତି ।୭୦ ଦଶକରେ,ସୁଗୋ ହାଇସ୍କୁଲ ରୁ ଶିକ୍ଷକତା ଆରମ୍ଭ କରି, ସ୍ୱଦେଶ୍ୱର ହାଇସ୍କୁଲ ଷ୍ଟେସନ ଅମର୍ଦା ରୁ ୨୦୦୬ ରେ ଅବସର ଗ୍ରହଣ କରିଥିଲେ ।ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥାଇ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ।ସେ ଗ୍ରାମର ୩୦ ବର୍ଷ ରୁ ଉର୍ଦ୍ଧ୍ୱ ଗାଁ ମୁଖିଆ, ସନ୍ନିକଟ ମଠର ଦାୟିତ୍ୱ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ, ଗ୍ରାମ ବିକାଶରେ, ଯାତ୍ରା କଳାକାର, ନିପୁଣ ଭଲିବଲ୍ ଖେଳାଳୀ ଭାବେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ସରପଂଚ ଜୟନ୍ତୀ ପରିଡ଼ା,ସଞ୍ଜୟ ମହାନ୍ତି, ପୁରୋହିତ ଅମଳେନ୍ଦୁ ଦିକ୍ଷୀତ, ଗ୍ରାମ୍ୟ ମୁଖ୍ୟ ବୀର କୁମାର ଦେ, ସ୍ୱରୂପ ନନ୍ଦୀ, ରବୀନ୍ଦ୍ର ପାତ୍ର, ସାମ୍ବାଦିକ ଅବନୀ ଚାନ୍ଦ,ସହକର୍ମୀ ତ୍ରିଲୋଚନ ବାରିକ,ଖଗେନ୍ଦ୍ର ନାଥ ପ୍ରମାଣିକ, ବୁଦ୍ଧଦେବ ଦେ, ମନୋରଞ୍ଜନ ଦେ, ନିଳକଣ୍ଠ ଜେନା,ଅତୁଲ ଚନ୍ଦ୍ର ଭୂୟାଁ, ଦୁର୍ଗା ଶଙ୍କର ଗିରି, ରବିନ୍ଦ୍ର ପାତ୍ର, ଗୌର ଗୋପାଳ ସେନ୍, ୱାର୍ଡ ସଭ୍ୟ ପ୍ରମୁଖ ଶେଷ ଦର୍ଶନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ଥ ।ସମାଜ କଲ୍ୟାଣ ବିକାଶ ପରିଷଦର ର ସମ୍ପାଦକ ଆଇନଜୀବୀ ରାମଚନ୍ଦ୍ର ଜେନା, ଡଃ ଅଜିତ କୁମାର ମହାନ୍ତି, ଓ ସମସ୍ତ ସଦସ୍ୟ,ପ୍ରମୁଖ ତାଙ୍କ ବିୟୋଗରେ ଶୋକ ବାର୍ତ୍ତା ପ୍ରେରଣ କରିଛନ୍ତି ।ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ବସନ୍ତ ମଞ୍ଜରୀ,ମଝିଆ ପୁଅ ସତ୍ୟ ନାରାୟଣ,ସାନ ପୁଅ ଲକ୍ଷ୍ମୀ ନାରାୟଣ ,ବୋହୂ ପ୍ରମିତା, ସଞ୍ଜୁ ରାଣୀ,ମାନସୀ, ଜ୍ୱାଇଁ,ନାତୀ ନାତୁଣୀ ପରିବାର ବର୍ଗ ଉପସ୍ଥିତ ଥିଲେ । ବିୟୋଗରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ବେଳେ ଗ୍ରାମ୍ୟ ଶ୍ମଶାନରେ ଜ୍ୟୋଷ୍ଠ ପୁତ୍ର ରବିନାରାୟଣ ଦାସ ମୁଖାଗ୍ନି ଦେଇଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାନବିକ ଅଧିକାର ଦିବସ କୁ ନେଇ ସଚେତନତା ଶିବିର

ନବରଙ୍ଗପୁର:୧୧/୧୨ (ନି.ପ୍ର): ଚଳିତ ବର୍ଷ ମାନବିକ ଅଧିକାର ଦିବସ ଅବସରରେ ସ୍ଥାନୀୟ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ କୋର୍ଟ କର୍ମଚାରୀ ଓ ଆଇନଜୀବି ମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତି ଯୋଗ ଦେଇଥିଲେ । ଅନ୍ୟାନ୍ୟ ଅତିଥି ଭାବେ ପରିବାର ବିଚାରବିଭାଗୀୟ ଜର୍ଜ ଶ୍ରୀମତୀ ଲିଲିପ୍ତା ପସାୟତ, ଅତିରିକ୍ତ ଜିଲ୍ଲା ଜର୍ଜ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ମିଶ୍ର, ଅତିରିକ୍ତ ଜିଲ୍ଲା ଜର୍ଜ (ପୋକସୋ) ବସୁଦେବ ଆଚାର୍ଯ୍ୟ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ଶ୍ରୀମତୀ ସୀମା ତ୍ରିପାଠୀ, ବରିଷ୍ଠ ଦେବାନୀ ଜର୍ଜ ଶ୍ରୀମତୀ ମୋନିତା ତ୍ରିପାଠୀ, ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେବାନୀ ଜର୍ଜ, ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତୀ ପ୍ରଜ୍ଞା ପଣ୍ଡା, ଆଇନଜୀବି ସଂଘର ସଭାପତି ଶ୍ରୀଯୁକ୍ତ ନରସିଂହନାଥ ତ୍ରିପାଠୀ , ସମ୍ପାଦକ ଶ୍ରୀଯୁକ୍ତ ତପନ କୁମାର ସିଂହ ମଞ୍ଚାସୀନ ହୋଇ ମାନବିକ ଅଧିକାର ଦିବସ ବିଷୟରେ ଆଲୋକପାତ କରିଥିଲେ ଏବଂ ଏହି ଅବସରରେ କୋର୍ଟ ପରିସର ମଧ୍ୟରେ ବୃକ୍ଷ ରୋପଣ କରଯାଇଥିଲା ।

## ନୀଳଗିରି ଇକୋ ସେନ୍ସିଟିଭ ଜୋନରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିଲା ଜିଲ୍ଲା ପ୍ରଶାସନ

ବାଲେଶ୍ୱର୧୧/୧୨ (ନି.ପ୍ର): ନୀଳଗିରି କୁଲଡିଆ ଜଙ୍ଗଲର ଇକୋ ସେନସିଟିଭ ଜୋନରେ ଇଟାଭାଟି କାର୍ଯ୍ୟକୁ ନେଇ ନିକଟରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ସ୍କ୍ୱାଡ଼ ଗଠନ କରିଛନ୍ତି । ଆଜି ଏହି ସ୍କ୍ୱାଡ୍ ପକ୍ଷରୁ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଥିବା ୧୩ ଟି ଇଟାଭାଟିକୁ ବ୍ୟାପକ ଯାଞ୍ଚ କରାଯାଇଥିଲା । ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଭାବେ ପାଳନ କରି ସମସ୍ତ ଚିହ୍ନଟ ଇଟାଭାଟି କାର୍ଯ୍ୟ ବନ୍ଦ କରିଥିବା ଟିମ୍ ସଫଳତାର ସହ ପ୍ରମାଣିତ କରିଛି । ଏନଫୋର୍ସମେଣ୍ଟ ପ୍ରକ୍ରିୟାର ଅନ୍ତର୍ଗତ ଖଣି ଉପନିର୍ଦ୍ଦେଶକ ବ୍ୟବସ୍ଥିତ ଭାବେ ଉକ୍ତ ସ୍ଥାନରୁ ସାମଗ୍ରୀ ଜବତ କରିଥିଲେ । ପ୍ରତ୍ୟେକ ସ୍ଥାନରେ କ୍ଲୋଜର ନୋଟିସକୁ ପ୍ରମୁଖ ଭାବେ ପ୍ରଦର୍ଶିତ କରାଯାଇଛି ଏବଂ ବନ୍ଦ ହୋଇଥିବା କାର୍ଯ୍ୟକୁ ସ୍ପଷ୍ଟ ଭାବେ ଚିହ୍ନଟ କରିବା ପାଇଁ ନାଲି ପତାକା ଲଗାଯାଇଥିଲା । ଜବତ ଲଘୁ ଖଣିଜ ସମ୍ପୃକ୍ତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି ଓ ତହସିଲଦାର ନୀଳଗିରି ଦୁଧାଲ ଅଭିଷେକ ଦିଲ୍ଲୀପ, ନୀଳଗିରି ବିଡିଓ ସୋନାମ ଦାସ, ଆଇପିଏସ ପ୍ରୋବେସନର ଅର୍ଚିତା ମିଉଲ, ଆଇଆଇସି ନୀଳଗିରି, ଏସଡିପିଓ ନୀଳଗିରି, ଆଞ୍ଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଏସିଏଫ କୁଲଡ଼ିହା, ଜିଲ୍ଲା ଶ୍ରମ ଅଧିକାରୀ, ଅଗ୍ନିଶମ ବିଭାଗୀୟ ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଇଟାଭାଟି ମାଲିକଙ୍କ ସହ ବ୍ୟାପକ ଭାବେ କାର୍ଯ୍ୟରେ ନିୟୋଜିତ ହୋଇ ସାମ୍ପ୍ରତିକ ଆଇନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ମାଲିକମାନଙ୍କୁ ବିକଳ୍ପ ପରିଚାଳନା କୌଶଳ ଏବଂ ଭବିଷ୍ୟତ ପରିଚାଳନା ପାଇଁ ଆବଶ୍ୟକ ଅନୁମତି ଉପରେ ବ୍ୟାପକ ମାର୍ଗଦର୍ଶନ କରାଯାଇଥିଲା । ପ୍ରଶାସନ ପକ୍ଷରୁ ପରିବେଶ ସୁରକ୍ଷା ଓ ଆଇନଗତ ଅନୁପାଳନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଠାରେ ସୂଚନା ଥାଉ କି ଉପଯୁକ୍ତ ଅନୁମତି ବିନା ଭବିଷ୍ୟତରେ କାର୍ଯ୍ୟ ଆରମ୍ଭ କରିବାକୁ ଚେଷ୍ଟା କଲେ ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ତୁରନ୍ତ ଏବଂ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ସଂ ପା ଦ କୀ ୟ

# ପର୍ଫେକ୍ଟ 'ଫିଟ୍'

ଭାରତୀୟ ଅର୍ଥନୀତି ତଥାପି ସମ୍ମୁଖୀନ ହୋଇଚାଲିଥିବା ମୁଦ୍ରାସ୍ଫୀତି ଠାରୁ ଆରମ୍ଭ କରି ଉଚ୍ଚା ରାଜକୋଷୀୟ ନିଅଣ୍ଟ, ହ୍ରାସମାନ ପରିବାରିକ କ୍ଷେତ୍ର ସଞ୍ଚୟ ଆଦି ଭଳି ସଂରଚନାତ୍ମକ ଆହ୍ୱାନମାନଙ୍କର ମୁକାବିଲା କରିବା ପାଇଁ 'ଏମ୍ ?ପିସି' ଭାରତୀୟ ଅର୍ଥନୀତି ତଥାପି ସମ୍ମୁଖୀନ ହୋଇଚାଲିଥିବା ମୁଦ୍ରାସ୍ଫୀତି ଠାରୁ ଆରମ୍ଭ କରି ଉଚ୍ଚା ରାଜକୋଷୀୟ ନିଅଣ୍ଟ, ହ୍ରାସମାନ ପରିବାରିକ କ୍ଷେତ୍ର ସଞ୍ଚୟ ଆଦି ଭଳି ସଂରଚନାତ୍ମକ ଆହ୍ୱାନମାନଙ୍କର ମୁକାବିଲା କରିବା ପାଇଁ 'ଏମ୍ ?ପିସି' 'ରେପୋ ରେଟ୍'କୁ ଅପରିବର୍ତ୍ତିତ ରଖିବା ସହିତ ରିଜର୍ଭ ବ୍ୟାଙ୍କ୍ ?ର 'ଷ୍ଟାନ୍ ?ସ' ବା ଆଭିମୁଖ୍ୟକୁ ମଧ୍ୟ ପୂର୍ବଭଳି ନିରପେକ୍ଷ ରଖିଛି। ଧୀର ପାଣି ପଥର କାଟିବା ପରି ରିଜର୍ଭ ବ୍ୟାଙ୍କ୍ ?ର ଏହି ଧୀରସ୍ଥିର ନୀତି ମୁଦ୍ରାସ୍ଫୀତିକୁ ସଂଯତ କରିବା ସହିତ ଅଭିବୃଦ୍ଧିକୁ ମଧ୍ୟ ଆଗେଇ ନେବ ବୋଲି ଆଶା କରାଯାଏ। ଶକ୍ତିକାନ୍ତଙ୍କ ଶେଷ ନିଷ୍ପତ୍ତି ବର୍ତ୍ତମାନର ଭାରତୀୟ ଅର୍ଥନୀତି ପାଇଁ 'ପର୍ଫେକ୍ଟ ଫିଟ୍' ବୋଲି କୁହାଯାଇପାରେ।ଆଜି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଗଭର୍ନର ଶକ୍ତିକାନ୍ତ ଦାସଙ୍କର ଦ୍ୱିତୀୟ ପାଳି ସଂପୂର୍ଣ୍ଣ ହେଉଛି। ଏହାର ଅବ୍ୟବହିତ ପୂର୍ବରୁ ଚଳିତ ବିତ୍ତ ବର୍ଷର ଦ୍ୱିତୀୟ ଚଉଠରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ସମ୍ବନ୍ଧରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଅନ୍ୟ ସମସ୍ତଙ୍କ ଭଳି ତାଙ୍କ ପାଇଁ ମଧ୍ୟ ବେଶ୍ ନେ ?ରାଶ୍ୟଜନକ ହୋଇଛି: ଏହି ଅଭିବୃଦ୍ଧି ହାର ୭ ଶତାଂଶ ହେବ ବୋଲି ସେ ଆଶା କରି ବସିଥିବାବେଳେ ତାହା ମାତ୍ର ୫.୪ ଶତାଂଶ ଛୁଇଁ ପାରିଛି। ଏଥିପୂର୍ବରୁ ନିର୍ଣ୍ଣାୟକ ସୁଧ ହାର 'ରେପୋ ରେଟ୍'ରେ ହ୍ରାସ ଘଟାଇ ଦେଶରେ ଶିଳ୍ପ ବ୍ୟବସାୟ ଓ ନିବେଶକୁ ସହାୟକ ହେବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ତାଙ୍କ ଉପରେ ପ୍ରବଳ ଚାପ ପଡ଼ି ଆସିଛି। ଏବେ ଅଭିବୃଦ୍ଧିରେ ଏପରି ଶିଥିଳତା ଦେଖାଦେବା ପରେ ସ୍ୱାଭାବିକ ଭାବରେ ସେହି ଚାପ ସମ୍ଭାଳିବା ଆଉ ସମ୍ଭବ ହେବ ନାହିଁ ବୋଲି ସମସ୍ତେ ଅନୁମାନ କରୁଥିଲେ।ଇତିମଧ୍ୟରେ ୪-୬ ଡିସେମ୍ବରରେ ଶକ୍ତିକାନ୍ତଙ୍କର ଦ୍ୱିତୀୟ ପାଳିର ସର୍ବଶେଷ ମୁଦ୍ରା ନୀତି ନିର୍ଦ୍ଧାରଣକାରୀ କମିଟି ('ଏମ୍ ?ପିସି')ର ବେ ?ଠକ ଅନୁଷ୍ଠିତ ହେଲା, ଯେଉଁ ସମୟରେ ସରକାର ତାଙ୍କର କାର୍ଯ୍ୟକାଳ ତୃତୀୟ ପାଳି ପାଇଁ ସଂପ୍ରସାରିତ କରିବାର ସମ୍ଭାବନାକୁ ନେଇ କଳ୍ପନାଜଳ୍ପନା ଜୋର୍ ଧରିଥାଏ। ସାଧାରଣତଃ ଆଶା କରିବା କଥା ଯେ ତୃତୀୟ ପାଳି ହାସଲ ଲୋଭରେ ଶକ୍ତିକାନ୍ତ ସରକାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ?ଏହି ବେ ?ଠକରେ 'ରେପୋ ରେଟ୍'ରେ ହ୍ରାସ ଘଟାଇବା ପାଇଁ ନିଷ୍ପତ୍ତି ନିଆଯିବା ନିଶ୍ଚିତ କରିବେ। ଏହା ସତ୍ତ୍ୱେ କିନ୍ତୁ ଶକ୍ତିକାନ୍ତ ସମସ୍ତଙ୍କୁ ଚକିତ କରି ନିଜର ସ୍ୱାଧୀନ ଶକ୍ତି ପ୍ରଦର୍ଶନ କରି ଲଗାତାର ଏକାଦଶ ଥର ପାଇଁ ଅର୍ଥାତ୍ ପାଖାପାଖି ଦୁଇ ବର୍ଷ ଧରି 'ରେପୋ ରେଟ୍ ?'କୁ ସେଇ ୬.୫ ଶତାଂଶ ହାରରେ ଅପରିବର୍ତ୍ତିତ ରଖିଛନ୍ତି। ଏଠାରେ ଯାହା ବିଶେଷ ଭାବରେ ଉଲ୍ଲେଖନୀୟ, ତାହା ହେଲା, ସରକାରଙ୍କ ଦ୍ୱାରା ସଦ୍ୟ ନିଯୁକ୍ତ 'ଏମ୍ ?ପିସି'ର ଦୁଇ ଜଣ ବାହ୍ୟ ସଦସ୍ୟ- ନଗେଶ କୁମାର ଓ ରାମ ସିଂହଙ୍କ ବିରୋଧ ସତ୍ତ୍ୱେ ଶକ୍ତିକାନ୍ତଙ୍କ ନେତୃତ୍ୱରେ ଛ'ଜଣିଆ 'ଏମ୍ ?ପିସି' ଏହି ନିଷ୍ପତ୍ତି ଗ୍ରହଣ କରିଛି। ଶକ୍ତିକାନ୍ତ ଏଭଳି ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିବାର କାରଣ ହେଉଛି ନିଜର ପ୍ରାଥମିକ ଦାୟିତ୍ୱ ସମ୍ବନ୍ଧରେ ସେ ପୋଷଣ କରୁଥିବା ସ୍ୱଷ୍ଟ ଧାରଣା: ମୁଦ୍ରାସ୍ଫୀତି ନିୟନ୍ତ୍ରଣ। ଆଇନ ଦ୍ୱାରା ତା ?ଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଏହି ଦାୟିତ୍ୱର ଭିତ୍ତି ହେଉଛି ୨୦୧୬ରେ ସଂଶୋଧନ କରାଯାଇଥିବା ରିଜର୍ଭ ବ୍ୟାଙ୍କ୍ ଆକ୍ଟ, ୧୯୩୪। ଏହା ବଳରେ ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ସ୍ଥାପନ କରାଯାଇଥିବା 'ଫ୍ଲେକ୍ସିବ୍ ?ଲ ଇନ୍ ?ଫ୍ଲେସନ୍ ? ଟାର୍ଗେଟିଙ୍ଗ୍' ('ନମନୀୟ ମୁଦ୍ରାସ୍ଫୀତି ନିଶାଣ ଅନୁସରଣ') ବା ସଂକ୍ଷେପରେ 'ଫିଟ୍' ଅନୁସାରେ ଦେଶରେ ଖାଉଟି ମୁଦ୍ରାସ୍ଫୀତି ହାରକୁ ୪ ଶତାଂଶରେ ସ୍ଥିର ରଖିବା ପାଇଁ ରିଜର୍ଭ ବ୍ୟାଙ୍କ୍ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି, ଯେଉଁଥିରେ ସାମୟିକ ଭାବରେ ୨ ଶତାଂଶ ହ୍ରାସ ବୃଦ୍ଧି ସହ୍ୟ କରାଯାଇପାରେ। ତେଣୁ 'ଫିଟ୍' ଅନୁସାରେ ଦେଶରେ ଖାଉଟି ମୁଦ୍ରାସ୍ଫୀତିର ସର୍ବୋଚ୍ଚ ସହନ ସୀମା ହେଉଛି ୬ ଶତାଂଶ ଓ ସର୍ବନିମ୍ନ ହେଉଛି ୨ ଶତାଂଶ। ଏହାକୁ ପାଞ୍ଚ ବର୍ଷ ପାଇଁ ପାଳନ କରିବା ନିମିତ୍ତ ରିଜର୍ଭ ବ୍ୟାଙ୍କ୍ ?କୁ ପ୍ରଥମେ ୨୦୧୬ରେ ଓ ତାହା ସଂପୂର୍ଣ୍ଣ ହେବା ପରେ ପୁଣି ୨୦୨୧ରେ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥାତ୍ ଏବେ ଅନ୍ତତଃ ୨୦୨୬ ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କ୍ ?କୁ ଏହି 'ଫିଟ୍' ନିଶାଣ ଅନୁସରଣ କରିବାକୁ ପଡ଼ିବ। ଅବଶ୍ୟ ଏହି ନୀତିନିର୍ଦ୍ଧାରଣ ସମୟରେ ଦରଦାମରେ ସ୍ଥିରତାକୁ ପ୍ରାଥମିକତା ପ୍ରଦାନ କରିବା ସହିତ ଅଭିବୃଦ୍ଧି ଲକ୍ଷ୍ୟ ଉପରେ ମଧ୍ୟ ଧ୍ୟାନ ଦେବା ପାଇଁ ରିଜର୍ଭ ବ୍ୟାଙ୍କ୍ ?କୁ ନିର୍ଦ୍ଦେଶ ଦିଆଯାଇଛି।ଏହି ପୃଷ୍ଠଭୂମିରେ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ୍ ସମ୍ମୁଖୀନ ହୋଇଥିବା ପରିସ୍ଥିତି ଉପରେ ଏକ କ୍ଷିପ୍ର ଦୃଷ୍ଟି ନିକ୍ଷେପ କରିବା ପ୍ରାସଙ୍ଗିକ ହେବ। ଦୀର୍ଘ ୧୫ ମାସ ପରେ ଅକ୍ ?ଟୋବରରେ ଖାଉଟି ମୁଦ୍ରାସ୍ଫୀତି ହାର ସର୍ବୋଚ୍ଚ ସହନ ସୀମା ୬ ଶତାଂଶ ଅତିକ୍ରମ କରିଛି। ପରିବାପତ୍ର ଦରଦାମରେ ମାତ୍ରାଧିକ ବୃଦ୍ଧି ଓ ଏକ ଦୀର୍ଘ ବିରତି ପରେ 'ମଜ୍ଜି ମୁଦ୍ରାସ୍ଫୀତି' ('କୋର୍ ଇନ୍ ?ଫ୍ଲେସନ୍')ରେ ମଧ୍ୟ ଦେଖାଯାଇଥିବା ଊର୍ଦ୍ଧ୍ୱ ଗତି ଯୋଗୁଁ ଏହା ଘଟିଛି। ମୁଦ୍ରାସ୍ଫୀତିରେ ଏଭଳି ଅସ୍ଥିରତା ଉପଭୋକ୍ତାମାନଙ୍କୁ ପ୍ରଭାବିତ କରିବା ସହିତ ନିବେଶକମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ବିଗତ ମାସମାନଙ୍କରେ ଆମେରିକୀୟ ଡଲା ?ର ବିନିମୟ ମୂଲ୍ୟରେ ଘଟିଥିବା ବୃଦ୍ଧି ପୃଥିବୀ ସାରା ନିବେଶକମାନଙ୍କୁ ପ୍ରଭାବିତ କରିଛି। ରିଜର୍ଭ ବ୍ୟାଙ୍କ୍ ?ର ଦାୟିତ୍ୱପୂର୍ଣ୍ଣ କୁଶଳୀ ପରିଚାଳନା ଯୋଗୁଁ ସେପ୍ ?ଟେମ୍ବର ଶେଷ ବେଳକୁ ଆମର ବେ ?ଦେଶିକ ମୁଦ୍ରା ପାଣ୍ଠିରେ ଏକ ରେକର୍ଡ ୭୦୫ ବିଲିଅନ୍ ଡଲାର୍ ରାଶି ଗଚ୍ଛିତ ହୋଇଥିଲେ ହେଁ ନଭେମ୍ବର ଶେଷ ସପ୍ତାହ ସୁଦ୍ଧା ସେଥିରେ ୪୮ ବିଲିଅନ୍ ଡଲାର୍ ହ୍ରାସ ଘଟିଥିଲା, ଯାହାର ଏକ ବିଶେଷ ଅଂଶ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଅଟକାଇବା ଉଦ୍ୟମରେ ନିୟୋଜିତ ହୋଇଥିଲା। ଏହା ସତ୍ତ୍ୱେ ଏହି ସମୟରେ ଟଙ୍କାର ବିନିମୟ ମୂଲ୍ୟରେ ପ୍ରାୟ ୧ ଶତାଂଶ ହ୍ରାସ ଘଟିଛି।ଏହିଭଳି ଏକ ପରିସ୍ଥିତି ସହିତ ଖାପ ଖାଇବା ପାଇଁ ଶକ୍ତିକାନ୍ତଙ୍କ ନେତୃତ୍ୱାଧୀନ 'ଏମ୍ ?ପିସି' ଏବେ ଯେଉଁ ମୁଦ୍ରା ନୀତି ନିର୍ଦ୍ଧାରଣ କରିଛି, ତାହା ବେଶ୍ ବିଚାରବନ୍ତ ବୋଲି କହିଲେ ଯଥାର୍ଥ ହେବ। ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ନିଜର ମୁଖ୍ୟ ଦାୟିତ୍ୱ ରୂପେ ଗ୍ରହଣ କରି ରିଜର୍ଭ ବ୍ୟାଙ୍କ୍ 'ରେପୋ ରେଟ୍'ରେ ହ୍ରାସ ଘଟାଇ ନାହିଁ, କିନ୍ତୁ ନିବେଶକ ତଥା ଶିଳ୍ପବାଣିଜ୍ୟ ପାଇଁ ଅଧିକ ଋଣ ଉପଲବ୍ ?ଧ ହେବା ଉଦ୍ଦେଶ୍ୟରେ ବ୍ୟାଙ୍କ୍ ?ମାନଙ୍କ ପ୍ରତି ଲାଗୁ ହେଉଥିବା ବାଧ୍ୟତାମୂଳକ 'ନଗଦ ମହଜୁଦ ଅନୁପାତ' ବା 'କ୍ୟାସ୍ ?ରିଜର୍ଭ ରେସିଓ' ('ସିଆର୍ଆର୍')ରେ ଦୁଇଟି ସମାନ କିସ୍ତିରେ ୫୦ ବେସିସ୍ ପଏଣ୍ଟ୍ (୦.୫ ଶତାଂଶ) ହ୍ରାସ ଘଟାଇବାକୁ ନିଷ୍ପତ୍ତି ନେଇଛି। ଏହି 'ସିଆର୍ଆର୍' ହ୍ରାସ ଯୋଗୁଁ ବ୍ୟାଙ୍କ୍ ?ମାନଙ୍କ ପାଖରେ ଋଣ ପ୍ରଦାନ କରିବା ପାଇଁ ବର୍ତ୍ତମାନ ୧.୧୬ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ରାଶି ଉପଲବ୍ ?ଧ ହେବ। ବେ ?ଦେଶିକ ମୁଦ୍ରା ବଜାରରେ ଟଙ୍କାର ବିନିମୟ ମୂଲ୍ୟରେ ସ୍ଖଳନ ପ୍ରତିହତ କରିବା ପାଇଁ ରିଜର୍ଭ ବ୍ୟାଙ୍କ୍ ଡଲାର୍ ବିକ୍ରୟ କରି ଯେଉଁ ବିପୁଳ ପରିମାଣର ଟଙ୍କା ବ୍ୟାଙ୍କ୍ ?ମାନଙ୍କ ଠାରୁ ଅପସାରିତ କରିଥିଲା ଏହା ତାହାକୁ ଆଂଶିକ ଭରଣା କରିବାରେ ସହାୟକ ହେବ।ସର୍ବଦା ଦେଖାଯାଇଥାଏ ଯେ ଏକ ବିତ୍ତ ବର୍ଷ ?ର ଦ୍ୱିତୀୟାର୍ଦ୍ଧରେ ଋଣ ପାଇଁ ଚାହିଦାରେ ବୃଦ୍ଧି ଘଟିଥାଏ। ବର୍ତ୍ତମାନ ବ୍ୟାଙ୍କ୍ ?ମାନଙ୍କ ପାଖରେ ଉପଲବ୍ ?ଧ ହେବାକୁ ଯାଉଥିବା ଏହି ବିଶାଳ ରାଶି ସେଇ ଋଣ ଚାହିଦା ପୂରଣ କରିବା ପାଇଁ ବେଶ୍ ଉପଯୋଗୀ ହେବ। ରିଜର୍ଭ ବ୍ୟାଙ୍କ୍ ବର୍ତ୍ତମାନ 'ସିଆର୍ଆର୍'ରେ ହ୍ରାସ ଘଟାଇବା ପରେ ତାହା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ସେଠାରେ ଘଟାଯାଇଥିବା ବୃଦ୍ଧି ପୂର୍ବର ସ୍ତରକୁ ଫେରିଆସିଛି। ରିଜର୍ଭ ବ୍ୟାଙ୍କ୍ ?ର ଏହି ପଦକ୍ଷେପ ସ୍ୱଳ୍ପ କାଳରେ ମୁଦ୍ରା ବଜାରରେ ସୁଧ ହାରକୁ ପ୍ରଭାବିତ କରିବ। ଏହା ନିବେଶକ ଓ ଉଦ୍ୟୋଗୀମାନଙ୍କ ପାଇଁ ଅନୁକୂଳ ହୋଇ ଅର୍ଥନେ ?ତିକ ଅଭିବୃଦ୍ଧିକୁ ସହାୟକ ହେବ। କିନ୍ତୁ ଭାରତୀୟ ଅର୍ଥନୀତି ତଥାପି ସମ୍ମୁଖୀନ ହୋଇଚାଲିଥିବା ମୁଦ୍ରାସ୍ଫୀତି ଠାରୁ ଆରମ୍ଭ କରି ଉଚ୍ଚା ରାଜକୋଷୀୟ ନିଅଣ୍ଟ, ହ୍ରାସମାନ ପରିବାରିକ କ୍ଷେତ୍ର ସଞ୍ଚୟ ଆଦି ଭଳି ସଂରଚନାତ୍ମକ ଆହ୍ୱାନମାନଙ୍କର ମୁକାବିଲା କରିବା ପାଇଁ 'ଏମ୍ ?ପିସି' 'ରେପୋ ରେଟ୍'କୁ ଅପରିବର୍ତ୍ତିତ ରଖିବା ସହିତ ରିଜର୍ଭ ବ୍ୟାଙ୍କ୍ ?ର 'ଷ୍ଟାନ୍ ?ସ' ବା ଆଭିମୁଖ୍ୟକୁ ମଧ୍ୟ ପୂର୍ବଭଳି ନିରପେକ୍ଷ ରଖିଛି। ଧୀର ପାଣି ପଥର କାଟିବା ପରି ରିଜର୍ଭ ବ୍ୟାଙ୍କ୍ ?ର ଏହି ଧୀରସ୍ଥିର ନୀତି ମୁଦ୍ରାସ୍ଫୀତିକୁ ସଂଯତ କରିବା ସହିତ ଅଭିବୃଦ୍ଧିକୁ ମଧ୍ୟ ଆଗେଇ ନେବ ବୋଲି ଆଶା କରାଯାଏ। ଶକ୍ତିକାନ୍ତଙ୍କ ଶେଷ ନିଷ୍ପତ୍ତି ବର୍ତ୍ତମାନର ଭାରତୀୟ ଅର୍ଥନୀତି ପାଇଁ 'ପର୍ଫେକ୍ଟ ଫିଟ୍' ବୋଲି କୁହାଯାଇପାରେ।

# ବରଷକେ ଥରେ ଓଡ଼ିଶା ପର୍ବ

## ତପନ କୁମାର

'ଜମ୍ବୁଦ୍ୱୀପେ ଭ୍ରଥଖଣ୍ଡେ ଓଡ଼ରାଷ୍ଟ୍ରମଣ୍ଡଳେ'- ଆଦିକବି ସାରଳା ଦାସଙ୍କ ମହାଭାରତର ଏ ପଙ୍ ?କ୍ତି ସୂଚାଇ ଦିଏ, ଅତୀତରେ ଓଡ଼ିଶା ଭୂଖଣ୍ଡ କେତେ ବିଶାଳ ଓ ବ୍ୟାପକ ଥିଲା। ଅବଲୀଳା କ୍ରମେ ଓଡ଼ିଶାର ପରିସୀମା ଆଜି ସଂକୁଚିତ... 'ଜମ୍ବୁଦ୍ୱୀପେ ଭ୍ରଥଖଣ୍ଡେ ଓଡ଼ରାଷ୍ଟ୍ରମଣ୍ଡଳେ'- ଆଦିକବି ସାରଳା ଦାସଙ୍କ ମହାଭାରତର ଏ ପଙ୍ ?କ୍ତି ସୂଚାଇ ଦିଏ, ଅତୀତରେ ଓଡ଼ିଶା ଭୂଖଣ୍ଡ କେତେ ବିଶାଳ ଓ ବ୍ୟାପକ ଥିଲା। ଅବଲୀଳା କ୍ରମେ ଓଡ଼ିଶାର ପରିସୀମା ଆଜି ସଂକୁଚିତ, ଅଥଚ ଓଡ଼ିଶାର ମାଟି-ପାଣି-ପବନ, ଜନ-ଜୀବନ, ସବୁ କିଛି ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ। ବିଶ୍ୱ ନିୟନ୍ତା ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ କେଉଁ ଆବହମାନ କାଳରୁ ଗୌରବମଣ୍ଡିତ ହୋଇ ଆସିଛି ଓଡ଼ିଶା ଭୂଇଁ। ପାଖାପାଖି ନଅ ଦଶନ୍ଧି ତଳେ ଓଡ଼ିଆ ଭାଷାକୁ ପୁଞ୍ଜି କରି ଓଡ଼ିଶା ପାଇ ଥିଲା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଏବଂ ଏକ ଦଶନ୍ଧି ତଳେ ଏହି ଭାଷାକୁ ମିଳିଲା ଶାସ୍ତ୍ରୀୟ ଭାଷାର ମାନ୍ୟତା। ଅନେକ ଜ୍ଞାନୀ, ଗୁଣୀ, ବିଦ୍ୱାନ ତଥା ସଂଗ୍ରାମୀ ବରପୁତ୍ର ଓ ଜନନାୟକ ଉତ୍କଳ ଜନନୀଙ୍କ କୋଳ ମଣ୍ଡନ କରିଛନ୍ତି ଏବଂ ଓଡ଼ିଆ ଜାତିର ମହିମା ମଣ୍ଡନ ମଧ୍ୟ କରିଛନ୍ତି। ଓଡ଼ିଶାର କଳା-କୌଶଳ, ପ୍ରକୃତି-ସଂସ୍କୃତି, ଶ୍ରୁତି-ପୋଥି, ବ୍ୟଞ୍ଜନ-ବୟନ, ସବୁଥିରେ ବିବିଧତା ପୂରିରହିଛି। ସେ ବିବିଧତା ଭିତରେ କିନ୍ତୁ ନିଜସ୍ୱ ଶୈଳୀର ଛାପଟିଏ ଆଜି ବି ଜୀବନ୍ତ। ଏସବୁକୁ ଅନୁଭବ କରି ଓଡ଼ିଆ ଜାତିର ହୃତଗୌରବକୁ ଫେରାଇ ଆଣିବା ପାଇଁ ଅନେକ ଓଡ଼ିଆପ୍ରାଣ ବ୍ୟକ୍ତି ଓ ସଂଗଠନ ରାଜ୍ୟ, ଦେଶ ଓ ବିଦେଶରେ ଧାରାବାହିକ ଭାବେ ଉଦ୍ୟମ ଚଳାଇ ଆସୁଛନ୍ତି। ଓଡ଼ିଶାର ହୃତଗୌରବକୁ କୃତଗୌରବରେ ରୂପାନ୍ତରିତ କରିବା ହିଁ ହେଉଛି ଆମ ସମୟର ସବୁଠାରୁ ବଡ଼ ଆହ୍ୱାନ।ଏ ଆହ୍ୱାନକୁ ସହର୍ଷ ସ୍ୱୀକାର କରି ଓଡ଼ିଶା ଓ ଓଡ଼ିଆର ବୃହତ୍ତର ସ୍ୱାର୍ଥ ପାଇଁ ଯେଉଁ କିଛି ଅନୁଷ୍ଠାନ ନିରନ୍ତର କାର୍ଯ୍ୟ କରିଚାଲିଛନ୍ତି, ତନ୍ମଧ୍ୟେ ନୂଆଦିଲ୍ଲୀର ଓଡ଼ିଆ-ସମାଜ ଅନ୍ୟତମ। ଓଡ଼ିଆ-ସମାଜ ପକ୍ଷରୁ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା 'ଓଡ଼ିଶା ପର୍ବ- ୨୦୨୪'। ଭାରତର ରାଜଧାନୀ ଦିଲ୍ଲୀ ନଗରୀର ପ୍ରବାସୀ ଓଡ଼ିଆ ଭାଇଭଉଣୀଙ୍କ ପାଇଁ ଏହି ଉତ୍ସବ ଆଣିଦେଇଥିଲା ଭେଟଘାଟର ଏକ ସ୍ୱତନ୍ତ୍ର ଅବସର।ମହାନଗରୀ ଦିଲ୍ଲୀରେ ପାରମ୍ପରିକ ଓଡ଼ିଆ ଖାଦ୍ୟପେୟର ସ୍ୱାଦ ଚାଖିବାର ସୁଯୋଗ ଆଣି ଦେଇଥିଲା ଓଡ଼ିଶା ପର୍ବ। ଓଡ଼ିଶାର ପିଠାପଣା ସାଙ୍ଗକୁ ସୂକ୍ଷ୍ମ ହସ୍ତତନ୍ତର ଆକର୍ଷଣ ଦିଲ୍ଲୀର ଅନ୍ୟ ଭାଷାଭାଷୀ ଅଧିବାସୀଙ୍କୁ ମଧ୍ୟ ଏଠାକୁ ଟାଣି ଆଣିଥିଲା। ତିନି ଦିନବ୍ୟାପୀ ଓଡ଼ିଶା ପର୍ବରେ ନୂଆ-ପୁରୁଣା ଶୈଳୀରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏ ଅବସରରେ ଓଡ଼ିଶାର ପ୍ରସିଦ୍ଧ ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର୍ ଓ ଇନଫ୍ଲୁଏନ୍ ?ସ ?ମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଓଡ଼ିଆ ପୁସ୍ତକ ଓ ଓଡ଼ିଆ ଅନୁବାଦ ବହିକୁ ଅଭୂତପୂର୍ବ ପାଠକୀୟ ଶ୍ରଦ୍ଧା ମିଳିଥିଲା। ଏଠାରେ ଆୟୋଜିତ ଓଡ଼ିଶା କନ୍ ?କ୍ଲେଭ୍ ?ର ଦ୍ୱିତୀୟ ସଂସ୍କରଣରେ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ସଂସ୍କୃତିର ସଂରକ୍ଷଣ ପାଇଁ ଦୀର୍ଘକାଳୀନ ବାତାବରଣ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାର କୋଣଅନୁକୋଣରୁ ଆସିଥିବା ପ୍ରତିଭାବାନ ଓ ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ, ସାହିତ୍ୟ-ସାଧକ, ଗବେଷକ, ସମାଜସେବୀ, ରାଜନେତା- ସଭିଏଁ ଏହି ଉତ୍ସବରେ ଯୋଗ ଦେଇ ଆତ୍ମସନ୍ତୋଷ ଲାଭ କରିଥିଲେ। ସର୍ବୋପରି, ଏହି ମହୋତ୍ସବରେ ପ୍ରବଳ ଉତ୍ସାହର ସହ ଯୋଗ ଦେଇଥିବା ଅସଂଖ୍ୟ ପ୍ରବାସୀ ଓଡ଼ିଆ ନିଜ ଭିତରେ ପୁଣି ଥରେ ଓଡ଼ିଆ ଅସ୍ମିତାକୁ ଆବିଷ୍କାର କରି ଆହ୍ଲାଦିତ ହୋଇଥିଲେ। ଓଡ଼ିଶା ପର୍ବର ପ୍ରଥମ ଆ ?ବିର୍ଭାବ ଘଟିଥିଲା ୨୦୧୭ ମସିହାରେ। ଓଡ଼ିଶା ବାହାରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଓଡ଼ିଆ-ସମାଜ, ନୂଆଦିଲ୍ଲୀ, ପକ୍ଷରୁ ପ୍ରତି ବର୍ଷ ଦେଶର ରାଜଧାନୀରେ ଅର୍ଥାତ୍ ସର୍ବଭାରତୀୟ ମଞ୍ଚରେ ଏହି ପର୍ବ ଆୟୋଜନ କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଆ-ସମାଜ ହେଉଛି ଓଡ଼ିଶା ବାହାରେ ବସବାସ କରୁଥିବା ଅଗଣିତ ପ୍ରବାସୀ ଓଡ଼ିଆଙ୍କୁ ଏକାଠି କରିବାର ଏକ ଖୋଲା ମଞ୍ଚ। ଓଡ଼ିଶାର ପ୍ରତିଟି ଅନନ୍ୟ ଉପାଦାନକୁ ଜାତୀୟ ତଥା ଅନ୍ତର୍ଜାତୀୟ ଦରବାରରେ ନିଆରା ଢଙ୍ଗରେ ଉପସ୍ଥାପନ କରିବା ଏହାର ଲକ୍ଷ୍ୟ। ଏହି କ୍ରମରେ ଓଡ଼ିଶା ପର୍ବର ପ୍ରଥମ ସଂସ୍କରଣ ୨୦୧୭ ମସିହାରେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ୨୦୧୮ରେ ଗୁଜରାଟର ସୁରଟରେ ପାଳିତ ହୋଇଥିଲା ଓଡ଼ିଶା ପର୍ବ। ତେବେ କୋଭିଡ୍ ମହାମାରୀ କାରଣରୁ ୨୦୨୦ ମସିହାରେ ଓଡ଼ିଶା ପର୍ବ ବାତିଲ କରିବାକୁ ପଡ଼ିଥିଲା। ୨୦୨୧ ଓ ୨୦୨୨ରେ 'ଭର୍ଚୁଆଲ୍ ସେଲିବ୍ରେସନ୍' ମାଧ୍ୟମରେ ଏହି ସମାରୋହ ବିଶ୍ୱବ୍ୟାପୀ ପ୍ରସାରିତ ହୋଇଥିଲା। 'ଅନ୍ ?ଲାଇନ୍ ପ୍ଲାଟ୍ ?ଫର୍ମ'ରେ ଆୟୋଜିତ ଓଡ଼ିଶା ପର୍ବରେ ଓମାନ, ୟୁଏଇ, ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଅଷ୍ଟ୍ରେଲିଆ, ତାଞ୍ଜାନିଆ ସମେତ ଭାରତର ବିଭିନ୍ନ ରାଜ୍ୟରେ ରହୁଥିବା ଲକ୍ଷ ଲକ୍ଷ ଓଡ଼ିଆ ତଥା ଅଣଓଡ଼ିଆ ସାମିଲ ହୋଇଥିଲେ। କରୋନା ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୩ ମସିହା ମାର୍ଚ୍ଚ ମାସରେ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିଅମ୍ ? ପଡ଼ିଆରେ ଓଡ଼ିଶା ପର୍ବର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ, ବୌଦ୍ଧିକ ପରମ୍ପରା ସାଙ୍ଗକୁ '୨୦୩୬ରେ ଓଡ଼ିଶା' (ସ୍ୱତନ୍ତ୍ର ରାଜ୍ୟ ଗଠନର ଶତବାର୍ଷିକୀ)ର ସୁନ୍ଦର ପରିକଳ୍ପନାମାନ ସଫଳତାର ସହ ପ୍ରଦର୍ଶିତ ହୋଇ ସବୁ ବର୍ଗର ଲୋକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଓଡ଼ିଶା ପର୍ବ- ୨୦୨୩ରେ ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ଓଡ଼ିଶା କନ୍ ?କ୍ଲେଭ୍। ଏହି ତିନିଦିନିଆ ଜାତୀୟ ସମ୍ମିଳନୀରେ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ଏବଂ ଆତ୍ମନିର୍ଭର ଓଡ଼ିଶା ଉପରେ ବିଚାର-ଆଲୋଚନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ୨୦୧୭ରୁ ୨୦୨୩ ମଧ୍ୟରେ ଆୟୋଜିତ ଓଡ଼ିଶା ପର୍ବର ବିଭିନ୍ନ ସଂସ୍କରଣରେ ସ୍ୱର୍ଗତ ଅରୁଣ ଜେଟଲି, ସ୍ୱର୍ଗତ ପ୍ରଣବ ମୁଖାର୍ଜୀ, ଶ୍ରୀ ଭେଙ୍କୟା ନାଇଡୁ, ଶ୍ରୀ ରାଜନାଥ ସିଂହ, ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖଙ୍କ ପରି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ନେତାମାନେ ଯୋଗ ଦେଇଛନ୍ତି।

ଓଡ଼ିଶା ପର୍ବର ଅତିଥି ଭାବେ ଯୋଗ ଦେଇଥିବା ମହାନୁଭବଗଣଙ୍କ ତାଲିକାରେ ଏ ବର୍ଷ ଯୋଡ଼ି ହୋଇଛନ୍ତି ଆଉ ଦୁଇ ଜଣ ବରେଣ୍ୟ, ବରିଷ୍ଠ- ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ। ଜଣଙ୍କର ମନପ୍ରାଣ ଓଡ଼ିଆ ଭାବାବେଗରେ ପୂର୍ଣ୍ଣ ତ ଆର ଜଣଙ୍କର ଓଡ଼ିଆ-ପ୍ରୀତିର ପଟାନ୍ତର ନାହିଁ। ଉତ୍ସବ ଅବଧିରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ବହୁ ଶିଷ୍ଟ-ବିଶିଷ୍ଟଙ୍କ ଉପସ୍ଥିତି ଯୋଗୁଁ ଓଡ଼ିଶା ଜାତୀୟ ପରିଚିତି ଆହୁରି ସୁଦୃଶ୍ୟ ହୋଇପାରିଛି।ଓଡ଼ିଶାର ଆଦିବାସୀ ଚିତ୍ରକଳା, ଉତ୍କୃଷ୍ଟ ବାନ୍ଧ କଳା, ମନ୍ଦିର ଓ ବିହାର ଆଦିର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ, ଏ ସବୁରେ ସାଇତା ହୋଇ ରହିଛି କାହିଁ କେତେ ପିଢ଼ିର ଓଡ଼ିଆ କାରିଗର କୁଳର ଅଲିଭା ସ୍ୱାକ୍ଷର। ଓଡ଼ିଆ କଳାକାରିଗରି ଆଜି ବି ଅସୀମ ସମ୍ଭାବନାରେ ପୂର୍ଣ୍ଣ। ଏ ସମ୍ଭାବନା ଆମକୁ ପାଦେ ପାଦେ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଉଛି।ଓଡ଼ିଶା ପର୍ବର ଉଦ୍ ?ଘାଟନୀ ଉତ୍ସବରେ ଯୋଗ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କଳିଙ୍ଗ ଯୁଦ୍ଧ କଥା ଉଲ୍ଲେଖ କରୁକରୁ ଓଡ଼ିଶାର ଚିର-ଶାନ୍ତିପ୍ରିୟ ଚରିତ୍ରକୁ ରେଖାଙ୍କିତ କରିବାକୁ ଭୁଲି ନାହାନ୍ତି। ଅପର ପକ୍ଷେ ଉଦ୍ ?ଯାପନୀ ଉତ୍ସବରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶା ପର୍ବକୁ ଓଡ଼ିଆ ସଂସ୍କୃତିର ମହାକୁମ୍ଭ ଭାବେ ଅଭିହିତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ଓଡ଼ିଆ ସାହିତ୍ୟ ପରମ୍ପରା କଥା ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଜଗନ୍ନାଥଙ୍କ ପରମ ଭକ୍ତ ମାଣିକ ଗଉଡୁଣୀ କଥା, ବଖାଣିଛନ୍ତି ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା ଲାଗି ନିଜେ ମହାପ୍ରଭୁ ଯୁଦ୍ଧଭୂମିକୁ ଓହ୍ଲାଇ ଆସିବା ଘଟଣା। ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଭୀମଭୋଇ ଆଦି ଓଡ଼ିଆ ସିଦ୍ଧବଗଣଙ୍କ କାଳଜୟୀ କୃତି ଓ ଉକ୍ତି ଇତ୍ୟାଦି ତାଙ୍କର ମନେପଡ଼ିଛି। ପାଇକ ବିଦ୍ରୋହ ଠାରୁ ପ୍ରଜାମଣ୍ଡଳ ଆନ୍ଦୋଳନ ଯାଏ- ଓଡ଼ିଶା ଇତିହାସର ଭିନ୍ନ ଭିନ୍ନ କାଳଖଣ୍ଡରେ ଓଡ଼ିଆଙ୍କ ବୀରତ୍ୱ ଓ ପରାକ୍ରମର ଦୃଷ୍ଟାନ୍ତସବୁକୁ ସେ ମନେ ପକାଇଛନ୍ତି। ମହତାବଙ୍କ ଠାରୁ ମୁର୍ମୁଙ୍କ ପର୍ଯ୍ୟନ୍ତ, ଓଡ଼ିଆ ନେତୃତ୍ୱ କିପରି ସବୁବେଳେ ଭାରତକୁ ଦିଗଦର୍ଶନ ଦେଇଆସିଛି, ତାହା ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ତାଙ୍କର ମନେ ପଡ଼ିଛି, ଓଡ଼ିଶାର ଅତୀତ ଗୌରବ କଥା, ନୌବାଣିଜ୍ୟ ଓ ସାଧବ ପରମ୍ପରାର ଗୌରବ ଗାଥା, ବାଲିଯାତ୍ରା ସାଙ୍ଗକୁ ବୋଇତରେ ଓଡ଼ିଆଙ୍କ ଜଳଯାତ୍ରା କଥା। ଦରିଆ ପାରି ବଣିଜ ଓ ବିଦେଶରେ ବସତି ସ୍ଥାପନରେ ଓଡ଼ିଆଙ୍କ ସଫଳତାର କାହାଣୀକୁ ମନେ ପକାଇ ସେ କହିଛନ୍ତି, ଓଡ଼ିଆ ଜାତି କିପରି ଥିଲା ଏକ ବଣିକ ଜାତି, ଓଡ଼ିଶା କିପରି ଥିଲା ଏକ ନୌବାଣିଜ୍ୟିକ ଶକ୍ତି। ପ୍ରଧାନମନ୍ତ୍ରୀଙ୍କ ତୁଣ୍ଡରେ ଓଡ଼ିଶା ଓ ଓଡ଼ିଆର ଭୂୟସୀ ପ୍ରଶଂସା ଶୁଣିବା ବେଳେ ମୁଁ ଭାବବିହ୍ୱଳ ହୋଇ ଉଠୁଥିଲି। ଓଡ଼ିଶା ପ୍ରତି ମୋଦୀଙ୍କର ଅହେତୁକ ଆକର୍ଷଣ ମୋତେ ଅନେକବାର ଉଦ୍ ?ଫୁଲ୍ଲିତ କରିଛି। ପୂର୍ବ-ଭାରତକୁ ଦେଶ ବିକାଶର ଇଞ୍ଜିନରେ ପରିଣତ କରିବାର ସଂକଳ୍ପରୁ ଜାତ ତାଙ୍କର 'ପୂର୍ବୋଦୟ' ପରିକଳ୍ପନା ବାସ୍ତବରେ ଯୁଗାନ୍ତକାରୀ। ଶହେ ବର୍ଷରେ ଯାହା କେହି କରି ନଥିଲେ, ତାହା କରି ଦେଖାଇଛନ୍ତି ପ୍ରଧାନମନ୍ତ୍ରୀ। ତାଙ୍କରି ଉଦ୍ୟମରେ ବିକାଶର ରଥ ଏବେ ପୂରୁବ-ମୁହାଁ ହୋଇଛି। ଓଡ଼ିଶାର ବିକାଶ ପାଇଁ ଅର୍ଥ ଯେପରି ବାଧକ ନ ସାଜେ, ସେଥି ପାଇଁ ମୁକ୍ତ ହସ୍ତ ହୋଇଛନ୍ତି ମୋଦୀ-ସରକାର। ଓଡ଼ିଶାରେ ଶିକ୍ଷା ଠାରୁ ସ୍ୱାସ୍ଥ୍ୟ, ଜଳ ଠାରୁ ପରିମଳ, ଯୋଗାଯୋଗ ଠାରୁ ଗମନାଗମନ, ସବୁ କ୍ଷେତ୍ର ପାଇଁ କେନ୍ଦ୍ରୀୟ ବଜେଟରେ ଓଡ଼ିଶାକୁ ଅର୍ଥ ବରାଦ ବଢ଼ି ବଢ଼ି ଚାଲିଛି, ବର୍ଷକୁ ବର୍ଷ। ଓଡ଼ିଶାକୁ ଆଉ କେନ୍ଦ୍ରୀୟ ସହାୟତାର ଅଭାବ ନାହିଁ, ଘରୋଇ ଓ ବିଦେଶୀ ପୁଞ୍ଜି ବିନିଯୋଗର ଅଭାବ ମଧ୍ୟ ନାହିଁ। ପ୍ରଧାନମନ୍ତ୍ରୀଙ୍କ ମତରେ ପୂର୍ବ ଏସିଆ ଓ ଦକ୍ଷିଣ-ପୂର୍ବ ଏସିଆ ସହ ଆମର ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନିମନ୍ତେ ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଏକ ବରଦାନ ସଦୃଶ। ଏଣୁ ବନ୍ଦରଭିତ୍ତିକ ଶିଳ୍ପ, ଖଣି-ଭିତ୍ତିକ ଶିଳ୍ପ, ପାରମ୍ପରିକ ଓ ଅକ୍ଷୟ ଶକ୍ତି ଉତ୍ପାଦନ ଆଦିରେ ଅଭିବୃଦ୍ଧି ସାଙ୍ଗକୁ କୃଷିଭିତ୍ତିକ ଶିଳ୍ପ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଆଦିର ସଂପ୍ରସାରଣ ମାଧ୍ୟମରେ ଓଡ଼ିଶାକୁ ଏକ ରପ୍ତାନିଭିତ୍ତିକ ଅର୍ଥନୀତି ଭାବେ ଗଢ଼ି ତୋଳିବାର ଉଦ୍ୟମ ଜାରି ରଖିଛନ୍ତି ତାଙ୍କ ସରକାର। ଏହା ସାଙ୍ଗକୁ ଓଡ଼ିଶାକୁ ଏକ ସହରୀ ଭିତ୍ତିଭୂମି ସଂପନ୍ନ ରାଜ୍ୟ ଭାବେ ବିକଶିତ କରିବାର ସ୍ୱପ୍ନ ମଧ୍ୟ ତାଙ୍କର ରହିଛି। ରାଜ୍ୟରେ ଅଧିକରୁ ଅଧିକ ଗୁଣାତ୍ମକ ଉଚ୍ଚ-ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଷ୍ଟାର୍ଟ-ଅପ୍ 'ଇକୋସିଷ୍ଟମ୍ ?' ବା ବାତାବରଣକୁ ଆହୁରି ସଶକ୍ତ କରିବାକୁ ପଦକ୍ଷେପ ମଧ୍ୟ ନିଆଯାଉଛି। ଏଣୁ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ।ଓଡ଼ିଶାର ଆଦିବାସୀ ଚିତ୍ରକଳା, ଉତ୍କୃଷ୍ଟ ବାନ୍ଧ କଳା, ମନ୍ଦିର ଓ ବିହାର ଆଦିର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ, ଏ ସବୁରେ ସାଇତା ହୋଇ ରହିଛି କାହିଁ କେତେ ପିଢ଼ିର ଓଡ଼ିଆ କାରିଗର କୁଳର ଅଲିଭା ସ୍ୱାକ୍ଷର। ଓଡ଼ିଆ କଳାକାରିଗରି ଆଜି ବି ଅସୀମ ସମ୍ଭାବନାରେ ପୂର୍ଣ୍ଣ। ଏ ସମ୍ଭାବନା ଆମକୁ ପାଦେ ପାଦେ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଉଛି। ଏଥିରୁ ହିଁ ପରବର୍ତ୍ତୀ କାଳରେ ଓଡ଼ିଶାର 'ସଫ୍ ?ଟ ପାୱାର' ବିକଶିତ ହୋଇପାରିବ। ଓଡ଼ିଶା ପର୍ବ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଆମକୁ ଆଗାମୀ ଦିନରେ 'ବାଲିଯାତ୍ରା ଦିବସ', 'ଓଡ଼ିଶୀ ଦିବସ' ଆଦି ଭଳି ପର୍ବ ପାଳନ କରିବା ନିମନ୍ତେ ଯେଉଁ ପରାମର୍ଶ ଦେଇଛନ୍ତି, ତହିଁରେ ଓଡ଼ିଶାର ଏହି 'ସଫ୍ ?ଟ ପାୱାର' ପ୍ରତି ତାଙ୍କର ଇଙ୍ଗିତ ଯେ ସ୍ପଷ୍ଟ, ଏକଥା କହିବା ବାହୁଲ୍ୟ ମାତ୍ର।ଚଳିତ ବର୍ଷ ଆମେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ମହାପ୍ରୟାଣର ଶତବାର୍ଷିକୀ ପାଳୁଛେ। ମାତୃଭୂମି ଓଡ଼ିଶା ଓ ମାତୃଭାଷା ଓଡ଼ିଆ ପ୍ରତି ତାଙ୍କର ଅନାବିଳ ମମତା ତଥା ସମର୍ପଣ ଭାବରୁ ଜାତ ଦମ୍ପୋକ୍ତିମାନ ଆଜି ବି ଆମ ଭାବାବେଗକୁ ଜାବୁଡ଼ି ଧରିଛନ୍ତି। ମେହେର-ଚେତନା ଆଧାରିତ ଏହି ଓଡ଼ିଆ ଭାବାବେଗ ହିଁ ଓଡ଼ିଶା ପର୍ବର ମୂଳ ପୁଞ୍ଜି।

# ଛୁଆଚୋର

## ସର୍ବେଶ୍ୱର ବେହେରା

କିଛି ଦିନ ତଳର କଥା। ଆମ ଘରର ଜଣେ ସହଯୋଗୀ କର୍ମଚାରୀଙ୍କୁ ଫୋନ୍ ? କଲ୍ ?ଟେ ଆସିଲା। ତାଙ୍କ ଦଶ ବର୍ଷର ପୁଅକୁ ସ୍କୁଲ୍ ? ନେବାଆଣିବା କରୁଥିବା ଅଟୋଚାଳକ ଫୋନ୍ କରିଥିଲେ। ଟିକିଏ ବ୍ୟସ୍ତ ହୋଇ ସେ କହିଲେ...କିଛି ଦିନ ତଳର କଥା। ଆମ ଘରର ଜଣେ ସହଯୋଗୀ କର୍ମଚାରୀଙ୍କୁ ଫୋନ୍ ? କଲ୍ ?ଟେ ଆସିଲା। ତାଙ୍କ ଦଶ ବର୍ଷର ପୁଅକୁ ସ୍କୁଲ୍ ? ନେବାଆଣିବା କରୁଥିବା ଅଟୋଚାଳକ ଫୋନ୍ କରିଥିଲେ। ଟିକିଏ ବ୍ୟସ୍ତ ହୋଇ ସେ କହିଲେ, ''ଅଧଘଣ୍ଟାରୁ ଅଧିକ ହେଲାଣି ସ୍କୁଲ୍ ? ବାହାରେ ଅପେକ୍ଷା କରିଛି। ହେଲେ ପୁଅର ଦେଖାଦର୍ଶନ ନାହିଁ।'' ଏକଥା ଶୁଣି ତାଙ୍କ ମନ ଭିତରେ ଏକ ଅଜଣା ଆତଙ୍କ ଖେଳିଗଲା। ପୁଅ ସକାଳେ ସ୍କୁଲ୍ ? ଯାଇଥିଲା। କ'ଣ ହୋଇ ଥାଇପାରେ ? କିଛି ଅସୁବିଧା ହୋଇନି ତ ? ସେ ତତ୍ ?କ୍ଷଣାତ୍ ? ତାଙ୍କ ସ୍ତ୍ରୀଙ୍କୁ ଫୋନ୍ ? କଲେ। ହୁଏତ ପୁଅ କେମିତି କ'ଣ କରି କାହା ସାଙ୍ଗରେ ଘରକୁ ପଳେଇଥିବ ଆଉ ଅଟୋବାଲାକୁ ଜଣେଇ ନଥିବ ! କିନ୍ତୁ ସ୍ତ୍ରୀ କହିଲେ ପୁଅ ଘରେ ନାହିଁ ! ସେ ଧଡ଼ପଡ଼ ହୋଇ ସ୍କୁଲ୍ ଆଡ଼େ ମାଡ଼ିଗଲେ। ଅଧା ବାଟରେ ଦେଖିଲେ ପୁଅ ଚାଲି ଚାଲି ତାଙ୍କ ଘର ଆଡ଼କୁ ଯାଉଛି। ପାଖକୁ ଯାଇ ଦେଖନ୍ତି, ସେ ଖୁବ୍ ଜୋ ?ରେ କାନ୍ଦୁଛି। ତାକୁ ଘରକୁ ନେଲେ। ଟିକିଏ ଶାନ୍ତ ହେଲା ପରେ କ'ଣ ହେଲା ବୋଲି ପଚାରିଲେ। ସେ କହିଲା, ''ସ୍କୁଲ ସରିବା ପରେ ଗେଟ୍ ବାହାରକୁ ଆସି ଅଟୋ ଆଡ଼କୁ ଯାଉଥିଲି। ସେତିକିବେଳେ ଜଣେ ଲୋକ ମୋ ପାଖକୁ ଆସି ବାପା ଘରକୁ ନେବାକୁ ପଠେଇଛନ୍ତି ବୋଲି କହିଲେ। ପୁଣି କହିଲେ, ବାପା କହିଛନ୍ତି ସଙ୍ଗେ ସଙ୍ଗେ ଯିବାକୁ ପଡ଼ିବ। ସେ ତୁମକୁ ଅପେକ୍ଷା କରିଛନ୍ତି। ସେ ଲୋକ ଜଣକ ମୁଣ୍ଡରେ ହେଲ୍ ?ମେଟ୍ ପିନ୍ଧିଥିଲେ। ମୁଁ ତାଙ୍କ କଥାକୁ ସତ ଭାବି ତାଙ୍କ ସହିତ ଗଲି। ବାଇକ୍ ?ରେ ତାଙ୍କ ପଛରେ ବସିଲି। ସ୍କୁଲ୍ ?ରୁ ଆମ ଘର ତ ବେଶୀ ଦୂର ନୁହେଁ। କିଛି ସମୟ ପରେ ମୋତେ ଟିକେ ଡର ଡର ଲାଗିଲା। ମୁଁ ସବୁଦିନ ଯୋଉ ରାସ୍ତାରେ ଘରକୁ ଫେରେ, ସେ ସେଇ ରାସ୍ତାରେ ନନେଇ ଆଉ ଗୋଟେ ରାସ୍ତାରେ ଗଲେ। ମତେ ଲାଗିଲା, କିଛି ଗଡ଼ବଡ଼ ଅଛି। ମୁଁ ଏତେ ଡରିଯାଇଥିଲି ଯେ କାହିଁକି ସେ ଆଉ ଗୋଟେ ରାସ୍ତାରେ ନେଉଛନ୍ତି ସେକଥା ପଚାରିଲିନି। କିଛି ସମୟ ପରେ ତାଙ୍କର ଗୋଟେ ଫୋନ୍ ? କଲ୍ ? ଆସିଲା। ସେ ବାଇକ୍ ଅଟକେଇଲେ। ମତେ ଅପେକ୍ଷା କରିବାକୁ କହି ଟିକେ ଦୂରକୁ ଯାଇ ଆଉ କାହା ସହ କଥା ହେଲେ। ମତେ ଲାଗିଲା ମୁଁ ଏଇ ମଉକାରେ ଖସିଯିବା ଉଚିତ। ମୁଁ ଦୌଡ଼ିବାକୁ ଆରମ୍ଭ କଲି। ରାସ୍ତା ଜାଣିଥିଲି, ତେଣୁ ଘର ଆଡ଼େ ଜୋ ?ରେ ଦୌଡ଼ିଲି। ରାସ୍ତାରେ ତମେ ଦେଖା ହୋଇଗଲ।'' ଏକଥା କହିଲା ବେଳକୁ ତାଙ୍କ ପୁଅ ଭୟରେ ଥରୁଥିଲା।ଏଭଳି ଘଟଣା ପ୍ରତ୍ୟେକ ବାପା, ମା'ଙ୍କ ପାଇଁ ଏକ ଦୁଃସ୍ୱପ୍ନ। ଆମେ ଛୋଟ ଥିଲାବେଳେ ଆମକୁ ସବୁବେଳେ ଏହି ଛୁଆଚୋରଙ୍କ କଥା କହି ସତର୍କ କରି ଦିଆଯାଉଥିଲା। ଆଜି ଏତେ ବର୍ଷ ପରେ ବି ଏପରି ଘଟଣା ଘଟୁଛି, ବରଂ ଏହାର ସଂଖ୍ୟା ବଢୁଛି। ଯଦିଓ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଶିଶୁ ଚୋରି ଅଧିକ ମାତ୍ରାରେ ହୋଇଥାଏ, ତେବେ ଭୁବନେଶ୍ୱର, କଟକ ପରି ଭାରତର ଅନ୍ୟ ସହରଗୁଡ଼ିକରେ ଏହାର ମାତ୍ରା କିଛି କମ୍ ନୁହେଁ। ଶିଶୁ ଅପହରଣରେ ସୁସଙ୍ଗଠିତ ଅପରାଧୀ ରାକେଟ୍ ? ଜଡ଼ିତ। ସେମାନେ ପିଲାଙ୍କୁ ଅପହରଣ କରି ଅନ୍ୟ ସହରକୁ ଚାଲାଣ କରିଦିଅନ୍ତି। ଘରୋଇ ସହାୟକ, ଭିକ୍ଷାବୃତ୍ତି, ବେଶ୍ୟାବୃତ୍ତି, ପୋଷ୍ୟସନ୍ତାନ ଓ ଶିଶୁ ଶ୍ରମିକ ପରି ବେଆଇନ ବା ଆପରାଧିକ କାର୍ଯ୍ୟରେ ସେମାନଙ୍କୁ ବଳପୂର୍ବକ ନିୟୋଜିତ କରନ୍ତି।ଶିଶୁ ଅପହରଣକୁ ନେଇ ପୁଲିସ୍ ?ରେ ରିପୋର୍ଟ ନହେବା ବା ଅଭିଯୋଗ ସଂଖ୍ୟା କମିବା ଚିନ୍ତାର ବିଷୟ। ଆମର ସେଇ ସହଯୋଗୀ କର୍ମଚାରୀଙ୍କଠାରୁ ସବୁ ଶୁଣିସାରିବା ପରେ ପ୍ରଥମେ ତାଙ୍କୁ ପଚାରିଲି, ''ତମେ ପୁଲିସକୁ ଜଣାଇଲ ନା ନାହିଁ ?'' ସେ କହିଲେ, ''ନା। ଆମ ପୁଅ ତ ମିଳିଗଲା। ଆଉ ପୁଲିସକୁ କାହିଁକି ଯା' ଭିତରେ ଭର୍ତ୍ତି କରିବା ! ସ୍କୁଲ୍ ?ବାଲା ଜବାବ ଦେଇଛନ୍ତି, ସିକ୍ୟୁରିଟି ଟାଇଟ୍ ? କରିବେ, ପିଲାଙ୍କ ଆଡ଼େ ଭଲରେ ନିଘା ରଖିବେ ଆଉ ଭବିଷ୍ୟତରେ ଯେମିତି ଏପରି ନଘଟେ, ସେଥିପ୍ରତି ଧ୍ୟାନ ଦେବେ। ପୁଲିସକୁ ଜଣେଇଲେ ଅଯଥା ଟେନ୍ ?ସନ୍ ?। ତା'ଛଡ଼ା ସ୍କୁଲ୍ ? ବି ବଦନାମ ହେବ।''ଏଡ୍ ?ସ, କ୍ୟାନ୍ ?ସ ?, ପୋଲିଓ ନିରାକରଣ ପାଇଁ ଯେଉଳି ସଚେତନତା ଅଭିଯାନ ଚାଲିଛି ଏବଂ ଚିକିତ୍ସା କ୍ଷେତ୍ରରେ ଆମେ ଯେପରି ତତ୍ପରତା ଦେଖାଉଛେ, ଠିକ୍ ? ସେହିପରି ଭାରତ କିପରି ଶିଶୁ ଅପହରଣ ଭଳି ଜଘନ୍ୟ ଅପରାଧରୁ ମୁକ୍ତ ହେବ, ସେ ଦିଗରେ ଗଭୀର ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଏଭଳି ଭୟଙ୍କର ତଥା ଗମ୍ଭୀର ସମସ୍ୟାର ମୁକାବିଲା ପାଇଁ କଠୋର ଆଭିମୁଖ୍ୟ ମଧ୍ୟ ଜରୁରି। ସରକାର, ଆଇନ କାର୍ଯ୍ୟକାରୀ କରୁଥିବା ବିଭାଗ ବା ସଂସ୍ଥା, ବିଦ୍ୟାଳୟ, ବିଭିନ୍ନ ସମ୍ପ୍ରଦାୟ, ସାମାଜିକ ଅନୁଷ୍ଠାନ, ନାଗରିକ ସମାଜ ଓ ପରିବାର; ସମସ୍ତେ ଏହି କାର୍ଯ୍ୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଉଚିତ।

# ସାଙ୍ଗକୁ ୧୫ ବର୍ଷ ହେଲା ଖୋଜୁଛନ୍ତି ଏରୱିନ୍

ପୃଥିବୀରେ ବନ୍ଧୁତା ଭଳି ସମ୍ପର୍କ ନାହିଁ। ଯଦି ଆପଣଙ୍କ ପାଖରେ ଭଲ ବନ୍ଧୁଟିଏ ଅଛନ୍ତି, ତେବେ ଆପଣ ଜଣେ ସୁଖୀ ମଣିଷ ବୋଲି କୁହାଯାଇପାରେ। କାରଣ ଭଲ ବନ୍ଧୁ ଆପଣଙ୍କ ପ୍ରତ୍ୟେକ ସୁଖ ଏବଂ ଦୁଃଖରେ ଛିଡା ହୋଇଥାଆନ୍ତି, ଯାହା



ଆପଣଙ୍କ ଜୀବନକୁ ସହଜ କରି ଦେଇଥାଏ। ଏମିତି ଏକ ବନ୍ଧୁତାର ଉଦାହରଣ ନିକଟରେ ଦେଖିବାକୁ ମିଳିଛି। ଜୋ ଏରୱିନ୍ ନାମକ ଜଣେ ବ୍ୟକ୍ତି ନିଜ ସାଙ୍ଗକୁ କ୍ଷମା ମାଗିବା ପାଇଁ ୧୫ବର୍ଷ ହେଲା ଖୋଜୁଛନ୍ତି। ରିପୋର୍ଟ ଅନୁଯାୟୀ, ଜୋ ଏରୱିନ୍ ପ୍ରଥମ ଶ୍ରେଣୀରେ ନିଜ ସାଙ୍ଗଙ୍କ ସହ ଖରାପ ବ୍ୟବହାର କରିଥିଲେ। ଯାହାକି ସେ ଗତ ୧୫ ବର୍ଷ ଧରି ଅନୁତାପ କରୁଛନ୍ତି। ଏହା ପରେ ସେ ନିଜ ବନ୍ଧୁଙ୍କୁ କ୍ଷମା ମାଗିବାକୁ ବିଚଳିତ ହୋଇପଡ଼ିଛନ୍ତି। ତେବେ ସେ ତାଙ୍କ ବନ୍ଧୁଙ୍କ ଫୋନ ନମ୍ବର କି ଠିକଣା ପାଉ ନାହାନ୍ତି। ଏହା ପରେ ଜୋ ଏରୱିନ୍ ସୋସିଆଲ ମିଡିଆ ମାଧ୍ୟମରେ ନିଜ ବନ୍ଧୁଙ୍କୁ କ୍ଷମା ମାଗିବାକୁ ନିଷ୍ପତ୍ତି ନେଇଥିଲେ। ସେ ଟିକଟକରେ ଏକ ଭିଡିଓ ଦେଇଥିଲେ, ଯେଉଁଥିରେ ଅନୁତାପରେ ପରିପୂର୍ଣ୍ଣ ବାର୍ତ୍ତା ଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ ତାଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ଇତିମଧ୍ୟରେ ଜୋ ଏରୱିନ୍ ଜଣେ ହାସ୍ୟ ଅଭିନେତା ହୋଇଯାଇଛନ୍ତି। ସେ ଟିକଟକରେ ବହୁତ ଲୋକପ୍ରିୟ। ନିକଟରେ ସେ ନିଜର ଅନୁଗାମୀମାନଙ୍କ ସହ ମନର କଥା ସେୟାର କରି କହିଥିଲେ, ଯେ ସେ ପିଲାଦିନେ ଏକ ଭୁଲ କରିଥିଲେ, ଯାହାକୁ ନେଇ ସେ ଆଜି ପର୍ଯ୍ୟନ୍ତ ଅନୁତାପ କରୁଛନ୍ତି। ପ୍ରଥମ ଶ୍ରେଣୀରେ ସେ ନିଜ ସହପାଠୀଙ୍କୁ ବହୁ ହଇରାଣ କରିଥିଲେ ବୋଲି ଏରୱିନ୍ କହିଛନ୍ତି। ଏମିତି କି ସେ ପ୍ରତିଦିନ ସହପାଠୀଙ୍କ ମଧ୍ୟାହ୍ନ ଭୋଜନ ଚୋରି କରି ଖାଇ ଦେଉଥିଲେ । ତାଙ୍କ ସହପାଠୀଙ୍କ ନାମ ଡାୟଲନ। ସେ ଶ୍ରେଣୀଗୃହରେ ତାଙ୍କ ତପାଖରେ ବସନ୍ତି। ଡାୟଲନ୍ ତାଙ୍କୁ ଖାଦ୍ୟ ଖାଇବାକୁ ବାରଣ କରୁଥିଲେ, ଏହା ପରେ ମଧ ସେ କ୍ରମାଗତ ଭାବରେ ଏପରି କରୁଥିଲେ। ସେତେବେଳେ ଭାବି ପାରୁ ନଥିଲି ଯେ ତାଙ୍କ ଖାଦ୍ୟ ଖାଇ ଦେବାରୁ ସେ ଏମିତି କେତେଦିନ ଭୋକରେ ରହିଥିବେ। କେତେ କଷ୍ଟ ହୋଇଥିବ। ୧୫ ବର୍ଷ ପରେ ଏହି ଭୁଲ ପାଇଁ ଅନୁତାପ କରୁଛନ୍ତି ବୋଲି କହନ୍ତି ଏରୱିନ।

# ସାଇକେଲ୍‌ରେ ମୋଜା ବୁଣା



ବିଂଶ ଶତାବ୍ଦୀର ଶେଷ ଭାଗରେ ଢିଲା ମୋଜା ପିନ୍ଧିବା ଏକ ଷ୍ଟାଇଲରେ ପରିଣତ ହୋଇଥିଲା। ତେବେ ସମୟକ୍ରମେ ଏହା ଲୋକଲୋଚନରୁ ଅଦୃଶ୍ୟ ହୋଇଗଲା ଏବଂ ଏଭଳି ମୋଜା ଉତ୍ପାଦନ କରୁଥିବା ଫ୍ୟାକ୍ଟ୍ରି ଗୁଡ଼ିକରେ ତାଲା ଝୁଲିଲା। ମାତ୍ର ଜାପାନର 'ସୋକି ସକ୍ସ' କମ୍ପାନି ଏ ପର୍ଯ୍ୟନ୍ତ ଢିଲା ମୋଜା ଉତ୍ପାଦନ ଜାରି ରଖିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏଠାରେ ସାଇକେଲ ଦ୍ୱାରା ମୋଜା ବୁଣା ଯାଉଛି। ଏକ ତନ୍ତୁବୁଣା ମେସିନକୁ ସାଇକେଲର ପେଡାଲ ସହିତ ସଂଯୋଗ କାରାଯାଇଛି। ଚାଳକ ପେଡାଲ ମାରିବା ଦ୍ୱାରା ମେସିନଟି କାର୍ଯ୍ୟକ୍ଷମ ହୋଇଥାଏ। ଏହି ଫ୍ୟାକ୍ଟ୍ରିରେ ଗ୍ରାହକଙ୍କୁ ନିଜ ପସନ୍ଦର ରଙ୍ଗ ଏବଂ ମାପ ମୁତାବକ ମୋଜା ତିଆରି କରିବାର ସ୍ୱାଧୀନତା ଦିଆଯାଉଛି। 'ଚାରିକ୍ସ' ନାମକ ଏହି ମେସିନ ଦ୍ୱାରା ଏକ ହଳ ମୋଜା ବୁଣିବାକୁ ମାତ୍ର ୧୦ ମିନିଟ ସମୟ ଲାଗୁଛି। ଏଥିପାଇଁ ପ୍ରାୟ ୧୮ ଡଲାର ଗଣିବାକୁ ପଡୁଛି। ଫ୍ୟାକ୍ଟ୍ରି ବୁଲିବାକୁ ଆସୁଥିବା ଲୋକମାନେ ଏହି ମେସିନକୁ ବ୍ୟବହାର କରିପାରୁଛନ୍ତି। କେବଳ ମୋଜା ନୁହେଁ ଏହି ମେସିନ ଦ୍ୱାରା ଟ୍ରାଉଜର, ଗ୍ଲୋଭ୍ ?ସ ଏବଂ ଶୀତବସ୍ତ୍ର ବୁଣାଯାଇପାରୁଛି। ଅନଲାଇନରେ ଏହାର ସାମଗ୍ରୀଗୁଡ଼ିକ ଉପଲବ୍ଧ।

# ବଲିଉଡରେ ଡେବ୍ୟୁ କରିବେ ସଚିନଙ୍କ ଝିଅ ସାରା



ବଲିଉଡର କେଉଁ ଷ୍ଟାର କିଡ୍ ଏବେ ଡେବ୍ୟୁ କରିବେ, ତା' ଉପରେ ଏବେ ସମସ୍ତଙ୍କ ନଜର। ଶାହାରୁଖଙ୍କ ଝିଅଠାରୁ ଆରମ୍ଭ କରି ବିଗ୍ ବି ଅଭିତାଭ ବଚ୍ଚନଙ୍କ ନାତି ଖୁବ ଶୀଘ୍ର ବଲିଉଡରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଏବେ ଆଉ ଏକ ନାଁକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବର୍ତ୍ତମାନ ଭାରତୀୟ କ୍ରିକେଟର ଭଗବାନ ବୋଲି କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ବଲିଉଡରେ ପ୍ରବେଶ କରିବାକୁ ପ୍ରସ୍ତୁତ ବୋଲି ଚର୍ଚ୍ଚା ଜୋର ଧରିଛି। ସାରା ସବୁବେଳେ ସୋସିଆଲ ମିଡିଆରେ ସେୟାର କରିଥିବା ନିଜ ଫଟୋକୁ ନେଇ ଚର୍ଚ୍ଚାରେ ଥାନ୍ତି। ଫିଲ୍ମ କରିବା ପୂର୍ବରୁ ହିଁ ସାରାଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଛନ୍ତି। ତେବେ ସେ କେଉଁ ଫିଲ୍ମରୁ ଡେବ୍ୟୁ କରିବେ ତାହା ଜଣାପଡ଼ିନଥିଲେ ବି ସାରା ଏବେ ଅଭିନୟ କରିବା ପାଇଁ ପ୍ରଶିକ୍ଷଣ ନେଉଥିବା କୁହାଯାଉଛି। ସାରା ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ ଶେଷ କରିଥିଲେ ବି ସେ ଗ୍ଲାମର ଦୁନିଆରେ ନିଜ କ୍ୟାରିୟର କରିବାକୁ ଚାହୁଁଛନ୍ତି। ଏନେଇ ସେ ନିଜକୁ ସବୁ ଦିଗରୁ ପ୍ରସ୍ତୁତ କରୁଛନ୍ତି। ତେବେ କିଛି ଦିନ ତଳେ ଚର୍ଚ୍ଚା ହୋଇଥିଲା ଯେ, ସାରା ଶାହିଦ କପୁରଙ୍କ ବିପକ୍ଷରେ ନଜର ଆସିବେ। ତାଙ୍କ ସହ ହିଁ ସେ ବଲିଉଡରେ ଡେବ୍ୟୁ କରିପାରନ୍ତି ବୋଲି ଖବର ଆସିଥିଲା। ହେଲେ ତାଙ୍କ ଝିଅ ବର୍ତ୍ତମାନ ଅଧ୍ୟୟନ ଉପରେ ଧ୍ୟାନ ଦେଉଛନ୍ତି ବୋଲି କହି ସଚିନ ଏହି ରିପୋର୍ଟକୁ ଅସ୍ୱୀକାର କରିଥିଲେ। ଏବେ ପୁଣି ଥରେ ସାରା ବଲିଉଡରେ ଡେବ୍ୟୁ କରିବାର ଖବର ଚର୍ଚ୍ଚାରେ ରହିଛି। ତେବେ ସାରା ବଲିଉଡରେ ପ୍ରବେଶ କରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।

# ଦୀର୍ଘ ସମୟ ଧରି ଟିଭି ଦେଖିବା ବିପଜ୍ଜନକ



ଦୀର୍ଘ ସମୟ ଧରି ଟିଭି ଦେଖୁଥିବା ଲୋକମାନଙ୍କ ଶରୀରରେ ରକ୍ତ ଜମାଟ ବାନ୍ଧିଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି । ପୂର୍ବରୁ ଏକ ଗବେଷଣାରୁ ଜାଣିବାକୁ ମିଳିଥିଲା ଯେ ଅଧିକ ସମୟ ଟିଭି ଦେଖିବା ଦ୍ୱାରା ହୃତ୍‌ପିଣ୍ଡ ଜନିତ ରୋଗ ହୁଏ। ଅଧିକ ସମୟ ଧରି ଟିଭି ଦେଖିବା ଫଳରେ ଶରୀରର ଶିରା, ଫୁସ୍‌ଫୁସ୍ ଏବଂ ପେଲ୍‌ଭିସରେ ରକ୍ତ ଜମାଟ ବାନ୍ଧିଥାଏ ଯାହାକୁ କି ଭେନସ୍ ଥ୍ରମ୍ବୋ ଏମ୍ବୋଲିଜିମ କୁହାଯାଏ। ଟିଭି ଦେଖିବା କିଛି ଖରାପ କଥା ନୁହେଁ କିନ୍ତୁ ଟିଭି ଦେଖିବା ସମୟରେ ଅଧିକ ସମୟ ବସି ରହିବା ଦ୍ୱାରା ଏଭଳି ହୋଇଥାଏ ବୋଲି ୟୁଏସ୍ ଭରମୋଣ୍ଟ ବିଶ୍ୱବିଦ୍ୟାଳୟର ଜଣେ ଗବେଷକ କହିଛନ୍ତି। ନିକଟରେ ୧୫,୧୫୮(ବୟସ ୪୫-୬୮) ପ୍ରତିଭାଗୀମାନଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା। ପରୀକ୍ଷାରୁ ଜଣାପଡ଼ିଲା କି ଟିଭି ଅଧିକ ଦେଖୁ ନଥିବା ଲୋକମାନଙ୍କ ତୁଳନାରେ ଅଧିକ ଟିଭି ଦେଖୁଥିବା ଲୋକମାନଙ୍କର ଭେନସ୍ ଥ୍ରମ୍ବୋଏମ୍ବୋଲିଜିମ ୧.୭ ଥର ଅଧିକ ଥାଏ। ଯଦି ଅଧିକ ସମୟ ଟିଭି ଦେଖିବାକୁ ଭଲ ପାଉଥାନ୍ତି ତେବେ ଟିଭି ସାମ୍ନାରେ ଟ୍ରେଡମିଲ୍ ବା ଷ୍ଟେସ୍‌ନାରୀ ବାଇକ୍ ରଖି ବ୍ୟାୟାମ କରିବା ସହିତ ଟିଭି ଦେଖନ୍ତୁ । ଯାହା ଫଳରେ କି ରକ୍ତ ସଞ୍ଚାଳନ ହୋଇଥାଏ।

# ସ୍କଟଲାଣ୍ଡବାସୀ ବିଶ୍ୱର ସବୁଠାରୁ ରୋମାଣ୍ଟିକ୍ ଯୋଡ଼ି...



ନିକଟରେ ହୋଇଥିବା ଏକ ସର୍ଭେରୁ ଜାଣିବାକୁ ମିଳିଛି ଯେ ସ୍କଟ୍‌ଲାଣ୍ଡରେ ଦୁନିଆର ସବୁଠାରୁ ଅଧିକ ରୋମାଣ୍ଟିକ୍ ଲୋକ ଅଛନ୍ତି ବୋଲି। ଏହି ସର୍ଭେରେ ଭାଗ ନେଇଥିବା ବ୍ରିଟେନ୍‌ର ୨୦୦୦ ଲୋକ ସ୍ୱୀକାର କରିଛନ୍ତି ଯେ ରୋମାଣ୍ଟିକ୍ ହଲିଡେରେ ଯାଉଥିବା ଲୋକଙ୍କ ମଧ୍ୟରୁ ସବୁଠାରୁ ଅଧିକ ସଂଖ୍ୟକ ଯୋଡ଼ି ହେଉଛନ୍ତି ସ୍କଟ୍‌ଲାଣ୍ଡ ବାସିନ୍ଦା। ଗବେଷଣାରୁ ଜାଣିବାକୁ ମିଳିଛି ଯେ ସ୍କଟ୍‌ଲାଣ୍ଡ୍ ଏହି ମାମଲାରେ ବିଟ୍ରେନ୍, ଆଇରିସ୍, ଫ୍ରାନ୍ସ, ଇଟାଲି ଓ ଆମେରିକା ଆଦି ଦେଶକୁ ପଛରେ ପକାଇଛି। ସର୍ଭେରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ନିଜର ଛୁଟିକାଟିବା ଭାବନା(ହଲିଡେ ଫିଲିଙ୍ଗ୍ସ)କୁ ୧ରୁ ୧୦ ସ୍କେଲ୍‌ରେ ରେଟ୍ କରିବାକୁ କୁହାଗଲା। ଏଥିରେ ଅନେକ ଦେଶ ୭ରୁ ୧୦ ମଧ୍ୟରେ ଅଙ୍କ ଚୟନ କରି ଶୀର୍ଷ ୧୦ ମଧ୍ୟରେ ରହିଲେ। ଏହି ତାଲିକାରେ ସ୍କଟ୍‌ଲାଣ୍ଡ ୪୩ ପ୍ରତିଶତ ପାଇ ପ୍ରଥମରେ ରହିଥିଲା। ଏହି ପ୍ରତିଯୋଗୀତାରେ ୩୦ ପ୍ରତିଶତ ହାସଲ କରି ଦଶମତମ ସ୍ଥାନରେ ରହିଛି ବେଲ୍ସ।
ସ୍କଟ୍‌ଲାଣ୍ଡ୍ ପରେ ପରେ ଦ୍ୱିତୀୟ ସ୍ଥାନରେ ରହିଛି ଇଟାଲି(୪୧%), ତୃତୀୟ ସ୍ଥାନରେ ରହିଛି ଫ୍ରାନ୍ସ(୩୮%), ଚତୁର୍ଥ ସ୍ଥାନରେ ରହିଛି ଇଂଲଣ୍ଡ (୩୭%), ପଞ୍ଚମ ସ୍ଥାନରେ ରହିଛି ସ୍ପେନ୍ (୩୫%), ଷଷ୍ଠ ସ୍ଥାନରେ ରହିଛି ଆମେରିକା (୩୪ %), ସପ୍ତମ ସ୍ଥାନରେ ରହିଛି ପର୍ତ୍ତୁଗାଲ (୩୨%), ଅଷ୍ଟମ ସ୍ଥାନରେ ରହିଛି ଆୟାରଲାଣ୍ଡ୍ (୩୧%), ନବମ ସ୍ଥାନରେ ରହିଛି ସ୍ୱିଡେନ୍ (୩୧%) ଓ ଦଶମ ସ୍ଥାନରେ ରହିଛି ବେଲ୍ସ(୩୦%)।

# ବିଶ୍ୱର ବୃହତ୍ତମ କବରସ୍ଥଳୀ

ଇରାକର ନ ଜାଫ୍ ସ୍ଥିତ ୱାଦି-ଅଲ-ସଲାମ କବରଖାନା କୌଣସି ଗାଁ ବା ସହର ନହେଲେ ମଧ୍ୟ ଏହା ବିଶ୍ୱର ସର୍ବାଧିକ ଦେହାବଶେଷକୁ ସ୍ଥାନ ଦେଇଥିବାର ବିରଳ ସୌଭାଗ୍ୟ ବହନ କରୁଛି । ବିଶ୍ୱର ଏହି ବୃହ□ମ କବରସ୍ଥଳୀଟିର ଆୟତନ ୯.୧୭ ବର୍ଗ କି.ମି. ହୋଇଥିବା ବେଳେ ଏଠାରେ ୫୦ ଲକ୍ଷରୁ ଅଧିକ ଶବକୁ କବର ଦିଆଯାଇଥିବା ଜଣାଯାଏ । ପ୍ରାୟ ସପ୍ତମ ଶତାବ୍ଦୀ ବେଳୁ କାର୍ଯ୍ୟକ୍ଷମ ହୋଇ ଆସିଥିବା ଏହି କବରସ୍ଥଳୀରେ ଇରାକ ଯୁଦ୍ଧ ବେଳେ ପ୍ରତ୍ୟହ ଅଢ଼େଇଶହ ଶବକୁ କବର ଦିଆଯାଇଥିବା ରେକର୍ଡ ରହିଛି । ଇରାକର ସ୍ଥାନୀୟ ଭାଷାରେ ଏହି କବରସ୍ଥଳୀ ବହନ କରୁଥିବା ନାମର ଅର୍ଥ 'ଶାନ୍ତିର ଉପତ୍ୟକା' । ଇରାକବାସୀ ତାହାକୁ ପୁଣ୍ୟସ୍ଥଳୀ ଭାବେ ବିବେଚନା କରିଥା'ନ୍ତି । ମାତ୍ର କାଳକ୍ରମେ ଏହି ଅ*ଳ ଅଶାନ୍ତି ଓ ଅପରାଧରେ ଛାଇ ଯାଇଥିବା ଜଣାଯାଇଛି । ଏହି ବିସ୍ତୀର୍ଣ୍ଣ ଇଲାକାରେ ଭରି ରହିଥିବା ବିଭିନ୍ନ ଆକାରର ସମାଧି ସାଙ୍ଗକୁ ଅସମତଳ ଭୂମିରୂପ ଯୋଗୁଁ ଏହା ଅପରାଧୀ ଓ ବିଦ୍ରୋହୀଙ୍କ ପାଇଁ ଆଡ଼ାସ୍ଥଳୀ ପାଲଟିଛି । ଧାର୍ମିକ ରୀତିନୀତି ପାଇଁ ସମାଧି ତଳମାନଙ୍କରେ ନିର୍ମିତ ଗଳି ରାସ୍ତା ବା ସୁଡ଼ଙ୍ଗଗୁଡ଼ିକ ବିଦ୍ରୋହୀମାନଙ୍କ ଦ୍ୱାରା ଅସ୍ତ୍ରଶସ୍ତ୍ର ଲୁଚେଇ ରଖିବା ପାଇଁ ବେଶ ସୁହାଉଛି । ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କ ବେଳେ ତାଙ୍କ ବିରୋଧରେ ସିଆ ସମ୍ପ୍ରଦାୟର ବିଦ୍ରୋହ ଏବଂ ଆମେରିକା ସେନାର ଆକ୍ରମଣ ବେଳେ ଉକ୍ତ କବରସ୍ଥଳୀ ନିୟମିତ ଏକ ସଂଘର୍ଷସ୍ଥଳୀ ପାଲଟିଥିଲା । ଫଳରେ ହଜାର ହଜାର ସଂଖ୍ୟାରେ ସମାଧି ମଧ୍ୟ ସେଠାରେ ନଷ୍ଟ ହୋଇଯାଇଛି ।



# କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରେ ଆମ୍ବ ଟାକୁଆ

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବା ପାଇଁ ଲୋକ ସମସ୍ତ ପ୍ରକାରର ଉପାୟ ଅବଲମ୍ବନ କରନ୍ତି। ଏମିତିରେ ଆମ୍ବ ଟାକୁଆ ଅତ୍ୟନ୍ତ ଲାଭଦାୟକ। ଯଦି ଆମ୍ବ ଖାଇବା ପରେ ଟାକୁଆକୁ ଫିଙ୍ଗି ଦେଉଛନ୍ତି ତେବେ ଏହା ଆଦୌ କରନ୍ତୁ ନାହିଁ । କାରଣ ଏହା ବହୁତ ଲାଭଦାୟକ। ଆମ୍ବ ଟାକୁଆ ଖାଇ ଶରୀରରେ କୋଲେଷ୍ଟ୍ରଲ ତିଆରି କରିପାରିବେ। ସ୍ୱାସ୍ଥ୍ୟ ପାଇଁ କେବଳ ଆମ୍ବ ନୁହେଁ ଏହାର ଟାକୁଆ ମଧ ଲାଭଦାୟକ ଲାଭଦାୟକ। ଯଦି ଆମ୍ବ ଟାକୁଆ ଖାଉଛନ୍ତି ତେବେ ଏହା ଆପଣଙ୍କ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ମଧ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ପେଟ ସମ୍ବନ୍ଧୀୟ ସମସ୍ୟା ମଧ ଦୂର କରିବାରେ ଆମ୍ବ ଟାକୁଆ ଅତ୍ୟନ୍ତ ଲାଭଦାୟକ। ଏହା ସହିତ ମଧୁମେହ ରୋଗୀମାନେ ଆମ୍ବ ଟାକୁଆ ଖାଇବା ଉଚିତ। ଏହା ଖାଇବା ଦ୍ୱାରା ଆପଣଙ୍କ ରକ୍ତ ଶର୍କରା ସ୍ତର ମଧ ନିୟନ୍ତ୍ରଣରେ ରହିବ। ଅର୍ଥାତ ମଧୁମେହ ରୋଗୀଙ୍କ ପାଇଁ ଆମ୍ବ ଟାକୁଆ ଅତ୍ୟନ୍ତ ଲାଭଦାୟକ। ଋତୁସ୍ରାବ ସମୟରେ ଯନ୍ତ୍ରଣାକୁ କମ୍ କରିବା ପାଇଁ ଆମ୍ବ ଟାକୁଆ ମଧ ଖାଇପାରିବେ । ହାର୍ଟକୁ ଫିଟ୍ ରଖିବାରେ ଆମ୍ବ ଟାକୁଆ ବେଶ୍ ଲାଭଦାୟକ। ଯେତେବେଳେ କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରଣରେ ରହିବ ସେତେବେଳେ ହାର୍ଟ ଆଟାକ୍ ଆଶଙ୍କା କମିଯାଏ । ଦାନ୍ତ ପାଇଁ ଏହା ବହୁତ ଲାଭଦାୟକ । ଏଥିରେ ବେଶୀ ପରିମାଣର କ୍ୟାଲସିୟମ ଥାଏ।



# ଡବଲ ଇଞ୍ଜିନ ସରକାରରେ ପ୍ରଥମ ବଗି ହେବ ଓଡିଶା :-ମନ୍ତ୍ରୀ ଗୋକୁଳାନନ୍ଦ



ପୋଲସରା ୧୧/୧୨ (ନି.ପ୍ର): ପୋଲସରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପ୍ରବାସୀ ଶ୍ରମିକଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମ ରେ ଓଡିଶା ସରକାର ଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋଲସରା ବ୍ଲକର ୨୬ ଗୋଟି ପଞ୍ଚାୟତ ର ମୋଟ ୧୯୧୭ ଜନ ପ୍ରବାସୀ ଶ୍ରମିକଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରିବା ସହିତ ୧୨ଗୋଟି ବିଦ୍ୟାଳୟ କୁ କ୍ରୀଡା ଉପକରଣ ସାମଗ୍ରୀ ବଣ୍ଟନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ମନ୍ତ୍ରୀ ଯୋଗ ଦେଇ ନିଜ ବକ୍ତବ୍ୟ ରେ କହିଥିଲେ କି ଡବଲ ଇଞ୍ଜିନ ସରକାର ରେ ପ୍ରଥମ ବଗି ହେବ ଓଡିଶା । ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଇବା ସହିତ ଓଡିଶାକୁ ବିକଶିତ କରାଇ ମହିଳାଙ୍କୁ ସଶକ୍ତ କରାଯିବ ।ଏହି ସରକାର ହେଉଛି ଲୋକମାନଙ୍କର ସରକାର ।ପୋଲସରାଞ୍ଚଳ ରେ ଓଡିଶା ର ପ୍ରଧାନମନ୍ତ୍ରୀ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଥିଲେ ।ପୂର୍ବସରକାର ଙ୍କ ୨୫ବର୍ଷ ଶାସନ କାଳରେ ପୋଲସରା ରେ କୋଉଠି ବିକାଶ ହୋଇଛି ମୁଁ ଜାଣିନି, ଦେଖିନି କିମ୍ବା ଖୋଜିଲେ ମଧ ମିଳୁନାହିଁ ବୋଲି ମନ୍ତ୍ରୀ ମଲ୍ଲିକ କହିଥିଲେ ।ଏତଦ ବ୍ୟତୀତ ମତ୍ସ୍ୟ, ପଶୁପାଳନ, କୁକୁଡ଼ା, ଛେଳି ସହିତ ଛୋଟ ବଡ଼ ଶିଳ୍ପ କାରଖାନା କରିବାପାଇଁ କହିଥିଲେ ।ଏଥିଲାଗି ସରକାରଙ୍କ ପକ୍ଷରୁ ୫୦ ପ୍ରତିଶତ ରିହାତି ରହିଛି ବୋଲି କହିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ବିଡ଼ିଓ କୁରେଶ ଚନ୍ଦ୍ର ଜାନି, ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ, ଉପାଧକ୍ଷା କାନ୍ହୁ ଚରଣ ପରିଡା ମଞ୍ଚାସିନ ହୋଇଛି ନିଜର ବକ୍ତବ୍ୟ ରଖିଥିଲେ ।ଏହି କାର୍ଯ୍ୟକ୍ରମ ରେ ବିଜେପି ଘୁମୁସର ସାଙ୍ଗଠନିକ ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ମଣ୍ଡଳ ସଭାପତି ରଘୁନାଥ ପଣ୍ଡା ସମେତ ବ୍ଲକ ର ସମସ୍ତ ଅଧିକାରୀ ସହ ହିତାଧିକାରୀମାନେ ଉପସ୍ଥିତ ଥିଲେ।

## କୋଟପାଡ଼ ରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର

କୋରାପୁଟ/କୋଟପାଡ଼ ୧୧/୧୨ (ନି.ପ୍ର): କୋଟପାଡ଼ ପଞ୍ଚାୟତ ସମିତି ସଭାଗୃହ ରେ ଜିଲ୍ଲାପାଳ ଶ୍ରୀ ଭି.କୀର୍ତ୍ତୀ ବାସନ ଏବଂ ଆରକ୍ଷୀ ଅଧିକ୍ଷକ ଙ୍କ ଅଧ୍ୟକ୍ଷତାରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଜୟପୁର ଉପଜିଲ୍ଲାପାଳ ଓ,ବ୍ଲକ ଅଧକ୍ଷ,ଏନଏସି ଅଧକ୍ଷ,ସହକାରୀ ନିର୍ବାହୀ ଯନ୍ତ୍ରୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣୀ କାର୍ଯ୍ୟକ୍ରମ ରେ ମୋଟ ୩୬ ଟି ଆବେଦନ ଉପରେ ବିଚାର କଲେ ଜିଲ୍ଲାପାଳ ଏବଂ ଜୟପୁର ଉପ ଜିଲ୍ଲାପାଳ।ସେଠି ମଧ୍ୟରୁ ୨୦ ଟି ଆବେଦନ ବ୍ୟକ୍ତିଗତ ଥିବା ବେଳେ ୧୬ ଟି ସାମୁହିକ ଆବେଦନ ଥିଲା।ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ରେ 'କଳିଙ୍ଗ ୟୁନିଅନ ଅଫ ୱର୍କିଙ୍ଗ ଜରନାଲିଷ୍ଟ' ର ଜିଲ୍ଲା ସଭାପତି(ଏନପିସି)ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭବାନୀ ପାଢ଼ୀ,ମଧ୍ୟମ ଏବଂ କ୍ଷୁଦ୍ର ଖବର କାଗଜ ତଥା କୋରାପୁଟ ଜିଲ୍ଲା ବାହାରେ ପ୍ରକାଶିତ ଖବରକାଗଜ ମାନଙ୍କ ଖବର ଏବଂ ସାମାଜିକ ଗଣମାଧ୍ୟମ ରେ ପ୍ରକାଶିତ ଖବର ଉପରେ ଜିଲ୍ଲା ପ୍ରଶାସନ କୌଣସି ଗୁରୁତ୍ୱ ଦେଉନଥିବା ନେଇ ଜିଲ୍ଲାପାଳ ଙ୍କ ସହ ବ୍ୟକ୍ତିଗତ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଭି.କୀର୍ତ୍ତୀ ବାସନ ଧୈର୍ଯ୍ୟ ସହ ସବୁ ଶୁଣିବା ସହ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଙ୍କୁ ସାମ୍ବାଦିକ ମାନଙ୍କ ସମସ୍ତ ଅଭିଯୋଗ କୁ ଗମ୍ଭୀରତା ସହ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ସେହି ସମୟରେ ଖବରଦାତା ରାଜ ଶେଖର ରାଓ,ବିର କିଶୋର ଶର୍ମା,ସୁଧୀର ବରାଳ,ସୁଶାନ୍ତ ଦାସ,ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ମୋ ଦମୟନ୍ତି ସାଗର କମିଟିର ଆବାହକ ଡ଼ଃ ଗଣେଷ ପଣ୍ଡା ଙ୍କ ନେତୃତ୍ୱରେ,କମିଟିର ସମସ୍ତ ସଦସ୍ୟ ଜ୍ୱାଲ୍ଲାପାଳ ଙ୍କୁ ସାକ୍ଷାତ କରି ବିଗତ ସରକାର ଙ୍କ ସମୟରେ ହୋଇଥିବା ପୁନ୍ନଉଦ୍ଧାର କାର୍ଯ୍ୟ ଙ୍କୁ ଆଖି ଆଗରେ ରଖି,ପୁଣିଥରେ ଟେଣ୍ଡର ମାଧ୍ୟମରେ ପୁନ୍ନଉଦ୍ଧାର କାର୍ଯ୍ୟ କରାଯିବାକୁ ନିବେଦନ କରିଥିଲେ।

## ଡାବୁଗାଁ ରେ ଧାନ ମଣ୍ଡି ଉଦ୍ଘାଟିତ, ଚାଷୀ ଙ୍କ ମନରେ ଆନନ୍ଦର ଲହରୀ



ଡ଼ାବୁଗାଁ ୧୧/୧୨ (ନି.ପ୍ର): ଡାବୁଗାଁ ରେ ବିଧିବଦ୍ଧ ଭାବେ ଧାନ ମଣ୍ଡି ଉଦ୍ଘାଟିତ ହୋଇ ଯାଇଛି। ଏହି ଅବସରରେ ମଣ୍ଡି ଇନଚାର୍ଜ ଶ୍ରୀ ସୁଶାନ୍ତ କୁମାର ପାଳ ଙ୍କ ତତ୍ତ୍ୱାବଧାନରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚ ପରିଚାଳନା କରିଥିଲେ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଭ୍ୟ ତଥା ବ୍ଲକ ଫାର୍ମର ରିପ୍ରେଜେଣ୍ଟିଭ୍ ଜୟନ୍ତ କୁମାର ପାତ୍ର। ସାଂସଦ ପ୍ରତିନିଧି ଜେ ରାଜଶେଖର ରାଓ, ବିଧାୟକ ପ୍ରତିନିଧି ଏମ୍ ବୁଲୁ ରାଓ, ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ଡାବୁଗାଁ ବିଡ଼ିଓ ଶରତ ମାଝୀ, ତହସିଲଦାର ହରିଓମ୍ ଭୋଇ, ସୁରେନ୍ଦ୍ର ମିଶ୍ର,ଏମ୍ ଆପା ରାଓ, ଜି ସାଇ ରାଜୁ, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ ଏବଂ ବ୍ଲକ ଫାର୍ମର ରିପ୍ରେଜେଣ୍ଟିଭ୍ ରତନ କଲାର ମଞ୍ଚାସିନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜି ଭେଙ୍କଟ ରାଓ ,ଜି ଗୋପାଳ କ୍ରିଷ୍ଣା ରାଓ, ଜି ବାବୁଲି ରାଓ, ରାଜେଶ ଅଗ୍ରୱାଲ, ଡାବୁଗାଁ ଲ୍ୟାମ ଏମଡି ହରିବନ୍ଧୁ ମିର୍ଗାନ,ମଣ୍ଡି ଫାର୍ମର ରିପ୍ରେଜେଣ୍ଟିଭ୍ ଦଶମୁ କଲାର, ଜି କିରଣ ରାଓ, ବ୍ଲକ କୃଷକ ମହାସଂଘ ସଭାପତି ସତ୍ୟରଞ୍ଜନ ପାତ୍ର, ନରେଶ ସିଂ,ଜ୍ୟାମିନୀକାନ୍ତ ବିଷୟୀ , ରାଜେନ୍ଦ୍ର ରେଲି, ହରିହର ଡଙ୍ଗରୀ , ଅର୍ଜୁନ ବିଜୟୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ନିଜ ପ୍ରତିଶ୍ରୁତି ପାଳନ କରିଥିବା ଯୋଗୁଁ ଏବଂ ପ୍ରଥମ ଶ୍ରେଣୀ ଧାନ କୁଇଣ୍ଟାଲ ପିଛା ୩୧୨୦ ଟଙ୍କା କରିଥିବା ଯୋଗୁଁ ଚାଷୀ ମାନେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ମାନବାଧିକାର ଦିବସ ପାଳନ

ବାଣପୁର ୧୧/୧୨ (ନି.ପ୍ର): ବାଣପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ମଙ୍ଗଳବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ଆଇନ ସଚେତନତା ସଭାର ଆୟୋଜନ ହୋଇଥିଲା । ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଉକ୍ତ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର,ବିପ୍ଳବ କୁମାର ମୁଦୁଲି,ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା,ଫ୍ରଣ୍ଟ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ, ଆଇନଜୀବୀ ସୀତାରାମ ଅଗ୍ରୱାଲ ଓ କାମେଶ୍ୱର ଆଚାରୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବିଚାରପତି ଶ୍ରୀ ମହାପାତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କୁ ମାନବାଧିକାର ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ । ମନୁଷ୍ୟ ଟି ମନୁଷ୍ୟ ପରି ବଞ୍ଚିବା ଅଧିକାର, ଶିକ୍ଷାଗତ ଅଧିକାର, ସମାନତା ଅଧିକାର, ବଞ୍ଚିବା ପାଇଁ ଜଳ ଓ ସ୍ୱାସ୍ଥ୍ୟଗତ ଅଧିକାର,ନିଃଶୁଳ୍କ ଆଇନସେବା ଅଧିକାର ଏବଂ ବିଚାରଧୀନ ବନ୍ଦୀ ତ୍ୱରିତ ନ୍ୟାୟ ପାଇବା ପାଇଁ ତାହାର ଅଧିକାର ଥିବା ବିଚାରପତି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ତେବେ ମୁଖ୍ୟ ଅତିଥିଙ୍କ ଠାରୁ ମାନବାଧିକାର ବିଷୟରେ ବହୁମୂଲ୍ୟ ତଥ୍ୟ ଗ୍ରହଣ କରି ଛାତ୍ରଛାତ୍ରୀ ମାନେ ବେଶ ଖୁସି ଅନୁଭବ କରିଥିଲେ । ବରିଷ୍ଠ ଆଇନଜୀବୀ ଶ୍ରୀ ମୁଦୁଲି ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀ ମାନେ ଦାଇତ୍ୱବାନ ହେବା ସହ କିପରି ବିଭିନ୍ନ ଆଇନଗତ ଅଧିକାର ବିଷୟରେ ସଚେତନ ହେବେ ସେ ବିଷୟରେ ଉଲ୍ଲେଖ କରିଥିଲେ । ପରିଶେଷରେ ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜନ୍ମ ଦିବସରେ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ପରୀକ୍ଷା ଶିବିର



ପୋଲସରା ୧୧/୧୨ (ନି.ପ୍ର): ସମାଜସେବୀ ନାରାୟଣ ସାହୁଙ୍କ ୨୭ତମ ବାର୍ଷିକ ଜନ୍ମ ଦିବସ ଅବସରରେ ଓମ ହୋଲସେଲ ମେଡିକାଲ ଷ୍ଟୋର ଓ ଓମ ଚାରିଟେବୁଲ ଟ୍ରଷ୍ଟ ପୋଲସରା ଏବଂ ଓଡ଼ିଶାର ସର୍ବବୃହତ୍ତ ଶଙ୍କର ଚକ୍ଷୁ ଚିକିତ୍ସାଳୟ, ସମରଝୋଳ, ହିଞ୍ଜିଳିକାଟୁ ଓ ଫୁଲଟ୍ରନ ଇଣ୍ଡିଆ ଙ୍କ ମିଳିତ ଆନୁକୂଲ୍ୟରେ ଦୁଇଟି ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ପରୀକ୍ଷା ଶିବିରର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଶିବିରଟି ଓମ ହୋଲସେଲ ମେଡିକାଲ ଷ୍ଟୋର, ତୁଳସୀନଗର ଛକ, ଚିରିକିପଡ଼ାଶାସନ ଠାରେ ୦୯/୧୨/୨୪ ସୋମବାର ଦିନ ଆୟୋଜନ କରାଯାଇଥିବା ବେଳେ ଶିବିରରେ ବରିଷ୍ଠ ସମାଜସେବୀ ଚନ୍ଦ୍ରହାସ ସା, ଓମ୍ ଚାରିଟେବୁଲର ପ୍ରତିଷ୍ଠାତା ଦେବେଶ କୁମାର ସାହୁ, ସିଫାନି ସାହୁ, ନାରାୟଣ ସାହୁ, ସୁଦାମ ଜେନା, ଶିବନାରାୟଣ ପ୍ରଧାନ, ଆଶୁତୋଷ ସାହୁ ଏବଂ ଓମ ଚାରିଟେବୁଲ ଟ୍ରଷ୍ଟ ପୋଲସରାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯକ୍ରମ ଆରମ୍ଭ ହୋଇଥିଲା।ଏଠାରେ ମୋଟ ୪୮ ଜଣଙ୍କ ଚକ୍ଷୁ ପରୀକ୍ଷା ହୋଇଥିବା ବେଳେ ୧୧ ଜଣଙ୍କୁ ଚଷମା ପ୍ରଦାନ ସହ ୨୫ ଜଣଙ୍କ ମାଗଣା ମୋତିଆ ବିନ୍ଦୁ ଓ ପରଳ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ସେହିପରି ଦ୍ୱିତୀୟ ଶିବିରଟି କଳମ୍ବ ଗ୍ରାମ ସ୍ଥିତ ନେହୁରୁ ଯୁବ ସଂଘ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୮ ଜଣଙ୍କ ନିଃଶୁଳ୍କ ଚକ୍ଷୁ କରାଯାଇ ୭ ଜଣଙ୍କ ପରଳ ଚିକିତ୍ସା ପାଇଁ ମନୋନୀତ କରାଯାଇଥିଲା । ଦୁଇ ଶିବିରରୁ ମୋଟ ୩୨ ଜଣଙ୍କୁ ସମ୍ପୂର୍ଣ୍ଣ ମାଗଣା ଅସ୍ତ୍ରୋପଚାର ପାଇଁ ଶଙ୍କର ହସ୍ପିଟାଲକୁ ନିଆଯାଇଥିବା ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ନଳିନୀ କାନ୍ତ ରାଉତ ପ୍ରକାଶ କରିଛନ୍ତି।ଶଙ୍କର ଚକ୍ଷୁ ଚିକିତ୍ସାଳୟର ଷ୍ଟାଫ ସାଗର ମହାନ୍ତି, ମିସ ଚାନ୍ଦିନୀ (ଚିଫ ଅପଟୋମେଟ୍ରିଷ୍ଟ), ମିସ ସ୍ୱାତିକା, ମିସ ପ୍ରିୟଦର୍ଶିନୀ (ଚକ୍ଷୁ ଟେକ୍ନିସିଆନ) ଶିବିରକୁ ପରିଚାଳନା କରିଥିଲେ।

# ୧୯୧୭ ଜଣ ପ୍ରବାସୀ ଓଡିଆଙ୍କୁ ରାଶନ କାର୍ଡ ବଣ୍ଟନ ମନ୍ତ୍ରୀ



ପୋଲସରା ୧୧/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ବ୍ଲକର ୧୯୧୭ ଜଣ ପ୍ରବାସୀ ଓଡ଼ିଆଙ୍କୁ ନୂତନ ରାଶନ କାର୍ଡ ଡିସେମ୍ବର ୧୦ ତାରିଖ ଦିନ ବଣ୍ଟନ କରାଯାଇଛି। ପୋଲସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲସରା ବ୍ଲକ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଗୋକୁଳାନନ୍ଦ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ପୋଲସରା ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ , ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା ଯୋଗଦେଇ ୨୬ ଗୋଟି ପଞ୍ଚାୟତର ୧୯୧୭ ଜଣ ପ୍ରବାସୀ ଓଡ଼ିଆଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରିଥିଲେ। ଏଥିସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ବୃନ୍ଦଙ୍କ ସହ ହିତାଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଓଡ଼ିଶାର ରାଜ୍ୟର ପ୍ରଥମ ପ୍ରଧାନ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ, ଜଳର ସଂରକ୍ଷଣ ପାଇଁ ଧନେଇ ଡ୍ୟାମକୁ ଏକ ମିଟର ଗଭୀର କରିବା, ଧାନମଣ୍ଡିରେ ହେଉଥିବା କଟଣି ଛଟଣି ବନ୍ଦ, ଇ କେୱାଇସି ମାଧ୍ୟମରେ ଭୂତ ରାସନ୍ କାର୍ଡରୁ ଲୋକଙ୍କୁ ବାଦ୍ ଦେଇ ନୂତନ ହିତାଧିକାରୀ ଅନ୍ତର୍ଭୁକ୍ତ କରିବା, ୨୦୨୭ ସୁଦ୍ଧା କେହିବି ରାସନ୍ କାର୍ଡ ଓ ଆବାସ ଯୋଜନାରୁ ବଞ୍ଚିତ ରହିବେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ମଳିକ କହିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇ ଏହାର ସୁଯୋଗ ନେବାପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିସହ ବିଭିନ୍ନ ବିଦ୍ୟାଳୟ ପାଇଁ ଆସିଥିବା ଖେଳ ସାମଗ୍ରିକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ବେହେରା ମଞ୍ଚ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

# କଟକ ଶକ୍ତିନଗର କଂଗ୍ରେସ ପକ୍ଷରୁ ସିଏମ୍ସି ସ୍ୱାସ୍ଥ୍ୟ ଅଧିକାରୀ ଓ କମିଶନରଙ୍କ ନାଁରେ ଏତଲା



କଟକ ୧୧/୧୨ (ନି.ପ୍ର): କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ସିଏମ୍ସି ସ୍ୱାସ୍ଥ୍ୟ ଅଧିକାରୀ ଓ କମିଶନରଙ୍କ ନାଁରେ ବାଦାମବାଡି ଥାନାରେ ଏତଲା ପ୍ରଦାନ କରାଯାଇଛି । ସଂପ୍ରତି କଟକ ସହରରେ ମଶାମାନଙ୍କର ବଂଶବୃଦ୍ଧି ହେବା ସହ ଉପଦ୍ରବ ବଢି ଚାଲିଛି । ଖାଲି ସଂଧ୍ୟା କି ରାତି ନୁହେଁ ଦିନ ବେଳା ମଧ ସହରବାସୀଙ୍କୁ ମଶା ଦାଉରୁ ନିସ୍ତାର ମିଳୁନି । ମଶା ନିୟନ୍ତ୍ରଣରେ କଟକ ମହାନଗର ନିଗମ ସଂପୂର୍ଣ୍ଣ ବିଫଳ ହୋଇଛି । କଟକ ସହରରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଘଟିଛି । ଏ ସବୁର ଦାୟିତ୍ୱ ସିଏମ୍ସି ଠିକା ସଂସ୍ଥାକୁ ଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇରହିଛି । ନିର୍ଦ୍ଧିଷ୍ଟ ସମୟ ବ୍ୟବଧାନାରେ ବ୍ରୁଶ୍ କଟିଙ୍ଗ୍ (ଅନାବନା ଗଛ) କଟାହେଉନାହିଁ । ଦୀର୍ଘ ଦିନ ଧରି ନାଳ ନର୍ଦ୍ଦମାଗୁଡିକୁ ସଫେଇ କରାଯାଉନାହିଁ । ରାସ୍ତା କଡରେ କୁଢ କୁଢ ଅଳିଆ ଦୀର୍ଘ ଦିନ ପର୍ଯ୍ୟନ୍ତ ପଡି ରହୁଛି । ମଶା ଲଗା ତେଲ ଓ ମଶା ଧୂଆଁ ସଠିକ୍ ଢଙ୍ଗରେ ଦିଆଯାଉନାହିଁ । ଯାହା ଦିଆଯାଉଛି ତାହା ନିମ୍ନମାନର ହୋଇଥିବାରୁ ସେଥିରେ ମଶା ମରୁନାହାଁନ୍ତି । ଯାହାଫଳରେ ମଶା ବଂଶ ବୃଦ୍ଧି ହୋଇ ଜନଜୀବନକୁ ଅସ୍ତବ୍ୟସ୍ତ କରିବା ସହ ଡେଙ୍ଗୁ ,ମ୍ୟାଲେରିଆ ପରି ମାରତ୍ମକ ରୋଗବ୍ୟାପିବାର ସମ୍ଭାବନା ରହିଛି । ବିଶେଷକରି ସିଏମ୍ସିର ଏହି ଅବହେଳାତ୍ମକ କାର୍ଯ୍ୟକୁ ଦାୟୀ କରି କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରୁ କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ସଂପାଦକ ସଚ୍ଚିଦାନନ୍ଦ ରାଉତଙ୍କ ତତ୍ତ୍ୱାବଧାନାରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଶୋଭାଯାତ୍ରାରେ ବାହାରି କଟକ ବାଦାମବାଡି ଥାନା ସମ୍ମୁଖରେ ମଶାରୀ ଟାଙ୍ଗୀ ମଶାରୀଭିତରେ ବସିରହି ଅଭିନବ ଉପାୟରେ ପ୍ରଦର୍ଶନ କରିବା ସହ ଭାରତୀୟ ନ୍ୟାୟ ସଂହିତା ୨୭୧ ଧାରା ଅନୁଯାୟୀ ଉଭୟ ସିଏମ୍ସିର ସ୍ୱାସ୍ଥ୍ୟ ଅଧିକାରୀ ଓ କମିଶନରଙ୍କ ନାଁରେ ଏତଲା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତ, କଟକ ନଗର ଜିଲ୍ଲା କଂଗ୍ରେସର ମୁଖ୍ୟମୁଖପାତ୍ର ମାନସ ପରିଡା, ଜିଲ୍ଲା କଂଗ୍ରେସ ପୂର୍ବତନ ସାଧାରଣ ସଂପାଦକ ଉଗ୍ରେସନ ଭୂୟାଁ ନଗର କଂଗ୍ରେସ ସାଧାରଣ ସଂପାଦକ ନିର୍ମଳ ସ୍ୱାଇଁ, ଜୟନାରାୟଣ ତ୍ରିପାଠୀ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଯୁବନେତା ପ୍ରଦ୍ୟୁଷ ସାହୁ, ବରିଷ୍ଠ କଂଗ୍ରେସ ନେତା ରଜନୀ ବସ୍ତିଆ, ଋଷି କାଣ୍ଡି, କାଳନ୍ଦୀ ଖୁ□ଆ, ବିକି ଜେଠୀ, ସୁବ୍ରତ ସ୍ୱାଇଁ, ସନ୍ତୋଷ ବିଶ୍ୱାଳଙ୍କ ସମେତ ଆଶିଷ ରାଉତ, ଅଭିଜିତ ରାଉତ, ସାଗର ନାୟକ, ବିଶ୍ୱଜିତ୍ ରାଉତ, ମୋହନ ନାୟକ ଓ ଆକାଶ ନାୟକ ପ୍ରମୁଖ ଯୋଗଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ।

## କଟିକଟା ମହୋତ୍ସବ ଉଦ୍ଯାପିତ

ନିଶ୍ଚିନ୍ତକୋଇଲି ୧୧/୧୨ (ନି.ପ୍ର): ରାଜ୍ୟରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟିକଟା ବଜାର ପାଖରେ ସାତ ଦିନ ଧରି ଅନୁଷ୍ଠିତ ହେଉଥିବା କଟିକଟା ମହୋତ୍ସବ ଉଦ୍ଯାପିତ ହୋଇଯାଇଛି । ପ୍ରତାପ କୁମାର ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଯୋଗଦେଇ ଗ୍ରାମା□ଳରେ ଅନୁଷ୍ଠିତ ଏହି ମହୋତ୍ସବର ଉଦ୍ଦେଶ୍ୟ ସଂପର୍କରେ କହିଥିଲେ । ସମ୍ମାନୀତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ୨୪ ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ପୂର୍ବତନ ଆମ୍ବ ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତି, ୨୬ ନଂ ଜିଲ୍ଲାପରିଷଦ ସଭ୍ୟଙ୍କ ପ୍ରତିନିଧି ନିତ୍ୟାନନ୍ଦ ସେଠୀ, ଅସୁରେଶ୍ୱର ସରପଂଚଙ୍କ ପ୍ରତିନିଧି ଅନନ୍ତ କୁମାର ଦାସ ଯୋଗଦେଇଥିବା ବେଳେ ବହୁ ନିର୍ବାଚିତ ଲୋକପ୍ରତିନିଧି ଓ ସାଧାରଣଜନତା ଯୋଗଦେଇଥିଲେ । ମନୋରଂଜନ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ରଘୁନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ସାତ ଦିନ ଧରି ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଭିନ୍ନ ପ୍ରକାର ଦୋକାନ ବଜାର ପଡିଥିବା ବେଳେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରତ୍ୟେହ ସ୍ଥାନୀୟ ଆଖପାଖ ଅଂଚଳରୁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଆସି ମହୋତ୍ସବକୁ ଉପଭୋଗ କରିଥିଲେ । କଟିକଟା ବଜାର ବ୍ୟବସାୟୀ ସଂଘର ସମସ୍ତ କର୍ମକ□ୀ ଓ ମହୋତ୍ସବ ପରିଚାଳନା ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## କଣାସ: ତହସିଲଦାର ଭାବେ ହିମାଂଶୁ ଗିରି ଯୋଗଦେଲେ

କଣାସ ୧୧/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ତହସିଲରେ ନୂତନ ତହସିଲଦାର ଭାବେ ହିଂମାଂଶୁ ଶେଖର ଗିରି ଯୋଗଦାନ କରିଛନ୍ତି । ସେ ପୂର୍ବରୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ତହସିଲଦାର ଭାବେ ଦକ୍ଷତାର ସହ କାର୍ଯ୍ୟ କରୁଥିଲେ ।ବିଧିବଦ୍ଧ ଭାବେ ସୋମବାର ଦିନ ସେ କଣାସ ତହସିଲ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ ରେଭିନ୍ୟୁ ଡିଜାଷ୍ଟର ମ୍ୟାନେଜମେଣ୍ଟ ପାତ୍ର ସଂଖ୍ୟା ୩୫୬୦୮ ରେ ପ୍ରକାଶ ପାଇଥିଲା ସେଥିରେ ପୂର୍ବରୁ ଥିବା କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସତ୍ୟବାଦୀ ତହସିଲଦାର ଭାବେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ତହସିଲଦାର ଶ୍ରୀ ହିମାଂଶୁ ଶେଖର ଗିରି ଯୋଗ ଦେଇଛନ୍ତି । କଣାସ ତହସିଲର କାର୍ଯ୍ୟାଳୟର ସମସ୍ତ କର୍ମଚାରୀମନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।ତହସିଲଦାର ବିବିନ୍ନ କାର୍ଯ୍ୟର ଆଗକୁ କେଉଁଭଳି ଭାବେ କାର୍ଯ୍ୟ ସମ୍ପାଦନ କରାଯିବ ସେ ବିଷୟରେ ସମସ୍ତଙ୍କ ସହ ମିଶି ଏକ ବୈଠକ କରିଥିଲେ ।କଣାସ ଅଞ୍ଚଳରେ ଅନେକ ସମସ୍ୟା ରହିଥିବା ବେଳେ ବନ୍ୟା ବାତ୍ୟା ଭାବେ କଣାସ ଅଞ୍ଚଳ ବେଶ ପରିଚିତ । ନୂତନ ତହସିଲଦାର ସୁଚାର ରୂପେ ପରିଚାଳନା କରିବେ ବୋଲି କଣାସ ଅଞ୍ଚଳର ସାଧାରଣ ଲେକେ ବିଶ୍ୱାସ ରଖିଛନ୍ତି ।

## ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ବର୍ବୋରଚିତ ଆକ୍ରମଣ ବିରୋଧରେ ହିନ୍ଦୁ ସୁରକ୍ଷା ମଂଚ ତରଫରୁ ବିଶାଳ ଶୋଭାଯାତ୍ରା ଓ ପ୍ରତିବାଦ ସଭା



ଭୁବନେଶ୍ୱର,୧୧/୧୨ (ନି.ପ୍ର): ସମଗ୍ର ବିଶ୍ୱ ମାନବାଧିକାର ଦିବସ ପାଳନ କରୁଥିବା ବେଳେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ଉପରେ କଠୋରପନ୍ଥୀ ଇସ୍ଲାମିକ ସଂଗଠନ ଦ୍ୱାରା ବର୍ବୋରଚିତ ଆକ୍ରମଣ ଦ୍ୱାରା ମାନବାଧିକ କ୍ଷୁର୍ଣ୍ଣ ହେଉଥିବା ବେଳେ ଆର୍ନ୍ତଜାତୀୟ ମାନବାଧିକାର ସଂଗଠନ ତଥା ବୁଦ୍ଧିଜୀବୀମାନଙ୍କର ନିରବତା ସେମାନଙ୍କର କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛି । ବାଂଲାଦେଶରେ ହିନ୍ଦୁ ନାରୀମାନଙ୍କୁ ଯେଉଳ ଅତି ନିର୍ମମ ଭାବରେ ହତ୍ୟା କରାଯାଉଛି, ହିନ୍ଦୁ ମଠ ମନ୍ଦିରଗୁଡିକୁ ଭାଙ୍ଗିରୁଜି ନଷ୍ଟ ଭ୍ରଷ୍ଟ କରାଯାଉଛି,ସାଧୁସନ୍ଥଙ୍କୁ ବନ୍ଦି କରାଯାଉଛି ତାହା ନିନ୍ଦନୀୟ । ବାଂଲାଦେଶର ମୁସଲମାନ ଆତଙ୍କବାଦୀଙ୍କର ଏହି କାର୍ଯ୍ୟକଳାପକୁ ବିରୋଧକରି ହିନ୍ଦୁ ସୁରକ୍ଷା ମଂଚ,ଭୁବନେଶ୍ୱର ତରଫରୁ ଏକ ବିଶାଳ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି । ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବାଦ ସଭାରେ ଗାୟତ୍ରୀ ପରିବାର, ଇସ୍କନ ପରିବାର, ଅନୁକୂଳ ଚନ୍ଦ୍ର ସତସଂଗ, ରାମକୃଷ୍ଣ ମିଶନ, ଆର୍ଯ୍ୟ ସମାଜ, ସତ୍ୟସାଇ ଟ୍ରଷ୍ଟ, ଡିଭାଇନ ଲାଇଫ ସୋସାଇଟି, ପତଞ୍ଜଳୀ ଯୋଗ ସଂସ୍ଥାନ, ପ୍ରଜ୍ଞାନ ମିଶନ, ଭାରତ ଯୋଗ ସଂସ୍ଥାନ ଆଦି ସଂଗଠନର ମୁଖ୍ୟମାନେ ଯୋଗଦେଇ ବାଂଲାଦେଶରେ ହିନ୍ଦୁମାନଙ୍କର ସୁରକ୍ଷା ଦାବି କରିଥିଲେ। ଏହାପରେ ୧୦ ହଜାରରୁ ଉର୍ଦ୍ଧ୍ୱ ହିନ୍ଦୁ, ବିଭିନ୍ନ ମତ, ପନ୍ଥ, ସଂପ୍ରଦାୟର ମୁଖିଆ,ସାଧୁସନ୍ଥ ଓ ହିନ୍ଦୁ ସଂଗଠନ ଗୁଡିକ ଭାଗନେଇ ଏକ ବିଶାଳ ଶୋଭାଯାତ୍ରାରେ ମାଷ୍ଟର କ୍ୟାଂଟିନ ଛକରେ ପହଁଚି ଥିଲେ । ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ମହନ୍ତ ରାମକୃଷ୍ଣ ଦାଶ, ବ୍ରହ୍ମଚାରୀ ବିଶ୍ୱଚୈତନ୍ୟ, ବାବା ରମେଶ ଚନ୍ଦ୍ର ଦାସ,ସ୍ୱାମୀ ନିର୍ଭୟାନନ୍ଦ ଗିରି,ମହନ୍ତ ତୈଲୋକ୍ୟଶ୍ୱର ଭାରତୀ,ମହନ୍ତ ବୈଷ୍ଣବପୁରୀ, ମହନ୍ତ ଲିଙ୍ଗରାଜପୁରୀ, ସ୍ୱାମୀ ଜୀବନ ଚୈତନ୍ୟ ମହାରାଜଙ୍କ ନେତୃତ୍ୱରେ ସାଧୁସନ୍ଥଙ୍କ ଏକ ପ୍ରତିନିଧି ଦଳ ଓଡିଶାର ରାଜଭବନକୁ ଯାଇ ମାନ୍ୟବର ରାଜ୍ୟପାଳଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ ତଥା ମିଳିତ ଜାତିସଂଘର ସଂପାଦକଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଥିଲେ ।

## ଗୋଦାବରୀଶ ମହାବିଦ୍ୟାଳୟର ୬୧ ତମ ବାର୍ଷୀକ କ୍ରୀଡା ଉତ୍ସବ ଉଦଯାପିତ

ବାଣପୁର ୧୧/୧୨ (ନି.ପ୍ର): ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ଦୁଇ ଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଦିନ ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ବର୍ଗର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିବସରେ ଛାତ୍ର ଛାତ୍ରୀ ମାନେ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ଦ୍ୱିତୀୟ ଦିବସରେ ଉଚ୍ଚ ଡିଆଁ, ଜାଭଲିନ୍, ଡିସ୍କସ୍ ଓ ସଟ୍ ପୁଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଆଲୁମନି କମିଟି ସଭାପତି ଜୀତେନ୍ଦ୍ର ଭୋଳ ଓ ସମ୍ମାନ୍ନିତ ଅତିଥିଭାବେ ସ୍ୱାମୀ ସନ୍ଦୀପନି ମହାରାଜ ଯୋଗ ଦେଇ ପିଲାମାନଙ୍କୁ କ୍ରୀଡା ର ଦୈନନ୍ଦିନ ଜିବନରେ ଆବଶ୍ୟକତା ପ୍ରସଙ୍ଗରେ ଉଦବୋଧନ ଦେଇଥିଲେ । ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ଡ଼ ଏସ୍ ପି ଏନ୍ ଏସ ବର୍ମା ମଞ୍ଚ ପରିଚାଳନା କରିଥିବା ବେଳେ ଯୁକ୍ତ ୨ କାର୍ଯ୍ୟକାରି ଅଧକ୍ଷ ପ୍ରଫେସର ଲକ୍ଷ୍ମୀ ପ୍ରସାଦ ମିଶ୍ର, ପୂର୍ବତନ କ୍ରୀଡା ଶିକ୍ଷକ ବୈରାଗୀ ଚରଣ ବଳ, କ୍ରୀଡ଼ା ପରିଷଦର ଉପସଭାପତି ଅଧାପକ ପୁଲିଂନ ବିହାରୀ ଜେନା, ଡକ୍ଟର ଗୁରୁ କିଶୋର ନାୟକ, ଅଜୟ କୁମାର ଦାସ, ଅଧାପିକା ଉର୍ବଶୀ ସ୍ୱାଇଁ, ଅନିତା ଗୌଡ ଓ ବିଭିନ୍ନ ସ୍କୁଲ ରୁ ଆସିଥିବା କ୍ରୀଡା ଶିକ୍ଷକ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଯୁକ୍ତ ୩ ବାଳକ ବର୍ଗରେ ଓମ୍ ପ୍ରକାଶ ସ୍ୱାଇଁ, ଯୁକ୍ତ ୨ ବାଳକ ବର୍ଗରେ ଦେବୀ ପ୍ରସାଦ ଦାସ, ଯୁକ୍ତ ୩ ବାଳିକା ବର୍ଗରେ କୁମାରୀ ରଞ୍ଜିତା ଜେନା ଓ ଯୁକ୍ତ ୨ ବାଳିକା ବର୍ଗରେ ଶ୍ରଦ୍ଧାଞ୍ଜଳୀ ପ୍ରଧାନ ଚାମ୍ପିୟନ ହୋଇଥିଲେ ।

# ମାନବିକତା ହିଁ ପୃଥିବୀର ସର୍ବଶ୍ରେଷ୍ଠ ଧର୍ମ

### ପଞ୍ଚାୟତ ମହାବିଦ୍ୟାଳୟରେ ଜାତୀୟ ମାନବାଧିକାର ଦିବସ ପାଳିତ

ଅତାବିରା ୧୧/୧୨ (ନି.ପ୍ର): ମଣିଷକୁ ମଣିଷ ବ୍ୟବହାର ପ୍ରଦର୍ଶନ କରିବା ହିଁ ମାନବିକତା । ମାନବିକତା ହିଁ ପୃଥିବୀର ସର୍ବଶ୍ରେଷ୍ଠ ଧର୍ମ । ମାନବିକତା ବିହୀନ ଲେଖା ଉଚ୍ଚାଙ୍ଗ ସୃଜନ କଳାର ପରିଚ୍ଛନ୍ନ । ଅସ୍ପୃଶ୍ୟତା, ସାଂପ୍ରଦାୟିକତା, ଆର୍ଥନୀତିକ ଅସମାନତା ବିଭିନ୍ନ କ୍ଷେତ୍ରରେ ମାନବିକତାକୁ କ୍ଷୁର୍ଣ୍ଣ କରିଥାଏ । ଅଧୁନା ନାରୀ ହିଂସା ଓ ଅଧିକାର ସର୍ବୋପରି ସେମାନଙ୍କ ସଶକ୍ତିକରଣ କରିବା ନାମରେ ଯେତେ ବିତର୍କ ଓ ସମାରୋହ ଆୟୋଜନ କରାଯାଉଥିଲେ ହେଁ ମାନବିକତା ବିଚାର ପ୍ରେକ୍ଷାପଟରେ ଆଲୋଚନା କଲେ ଜଣାଯାଏ ଯେ ପୁରୁଷ ପ୍ରଧାନ ସମାଜରେ ନାରୀମାନଙ୍କୁ ଅପେକ୍ଷାକୃତ ଅଧିକାର ମିଳିପାରି ନାହିଁ । ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ଆତ୍ମ ସମ୍ମାନ ସହିତ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ସମସ୍ତଙ୍କର ରହିଛି । ରାଷ୍ଟ୍ର ଆମକୁ ଏହି ସୁରକ୍ଷା ପ୍ରଦାନ କରିଥାଏ । ତେବେ କ୍ଷମତା, ଅର୍ଥ, ପ୍ରତିପତ୍ତି, ଅନ୍ଧବିଶ୍ୱାସ, କୁସଂସ୍କାର, ବର୍ଗ ଓ ଅବିଚାର ମାନବିକ ଅଧିକାରକୁ ବ୍ୟାହି ଦେଉଥିବା ଅନେକ ଦୃଷ୍ଟାନ୍ତ ରହିଆସିଛି ସମାଜରେ । ଏଣୁ କର୍ତ୍ତବ୍ୟବୋଧ କୁଦୃଷ୍ଟ କମ୍ ଭାବନାରେ ସର୍ବମଙ୍ଗଳ କାମନା ସାଂପ୍ରତିକ ସ୍ଥିତିରେ ସମସ୍ତଙ୍କ ପାଇଁ ଏକ ବୃହତ୍ ଆହ୍ୱାନ ବୋଲି ମତ ପ୍ରକାଶ ପାଇଛି ଜାତୀୟ ମାନବାଧିକାର ଦିବସରେ । ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପାଳିତ ଏହି ଦିବସରେ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନନ୍ଦୁଲ ସେଠ୍ ସଭାପତିତ୍ୱରେ କରିଥିଲେ । ସମବେତ କଣ୍ଠରେ ଜାତୀୟ ସଙ୍ଗୀତ ଗାନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ଭାବେ ଭେଡେନ ବ୍ଲକ୍ ର ମନୋହର ସାଂସ୍କୃତିକ ସଂସଦର ସଭାପତି, ରାଜନେତା, ଶିକ୍ଷକ, କୃଷକ ଓ ସାମାଜିକ ସଂଗଠନର ସକ୍ରୀୟ ସଦସ୍ୟ ତଥା ସାମାଜିକ କର୍ମୀ ଶ୍ରୀ ଉପେନ୍ଦ୍ର ଭୋଇ ଯୋଗଦେଇଥିଲେ । ଅନ୍ୟାନ୍ୟ ଅତିଥି ଭାବରେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସୁବଳ ମେହେର ଓ ସହକାରୀ ପ୍ରଫେସର ବିଜୟ ନାଗ ମଞ୍ଚାସୀନ ଥିଲେ । ସହକାରୀ ପ୍ରଫେସର ଶ୍ରୀ ନାଗ ସଭା ଆୟୋଜନର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଫେସର ମେହେର । ଅଧ୍ୟକ୍ଷ ଓ ପ୍ରଶାସନିକ ମୁଖ୍ୟ ନିଜ ନିଜର ବକ୍ତବ୍ୟ ରଖି ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନରେ ଶ୍ରୀ ଭୋଇଙ୍କ ଅଭିଭାଷଣ ପ୍ରେରଣାଦାୟୀ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପିକା ମମତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର । ଏହି ପରିପ୍ରେକ୍ଷୀରେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ମାନବାଧିକାର ବିଷୟବସ୍ତୁ ଆଧାରିତ ଏକାଙ୍କିକା 'ନାରୀ ଅଧିକାର' ଓ 'ଆମ ବିଚାର' ପରିବେଷିତ ହୋଇଥିଲା । ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଓ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ପାଟଖଣ୍ଡା ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା ଓ ଚିତ୍ରକଳା ପ୍ରଦର୍ଶନୀ



ବାଲିଗୁଡ଼ା ୧୧/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ପାଟଖଣ୍ଡା ପବ୍ଲିକ୍ ସ୍କୁଲ ପରିସରରେ ବିଜ୍ଞାନ ମେଳା ଓ ଚିତ୍ରକଳା ପ୍ରଦର୍ଶନୀ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ସମ୍ମାନିତ ଅତିଥି ଭାବେ କିପୁନ ରଞ୍ଜନ ପ୍ରଧାନ ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ବାଟାଗୁଡ଼ା, ନିର୍ମଳ ପାଣ୍ଡେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଡଗାଁ, ଶୁଭେନ୍ଦୁ ମୋହନ ଶ୍ରୀଚନ୍ଦନ ନାୟକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାଲିଗୁଡ଼ା, ଦେବବ୍ରତ ସିଂଦେଓ ବରିଷ୍ଠ କ୍ରୀଡ଼ାବିତ, ବିଦ୍ୟାଳୟର ସମାଜ ସେବ ସାଦିକ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଯୋଗ ଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରି ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ । ଉକ୍ତ ମେଳାରେ ମୋଟ ୪୦ ଟି ବିଜ୍ଞାନ ପ୍ରକଳ୍ପ ଓ ୪୯ ଟି ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା କ୍ଷ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ସ୍ମିତାରାଣୀ ବେହେରା ଓ ସୁଶ୍ରୀ ଭବାନୀ ଦେବୀ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ କ୍ଷ ସମ୍ମାନିତ ଅତିଥି ବୃନ୍ଦ ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବିଜ୍ଞାନ ଓ କଳାର ମହତ୍ୱ ବ୍ୟାଖ୍ୟା କରିଥିଲେ ଓ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା ଓ ଅଭିଭାବକ ମାନଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

## ଜମିରେ ଥିବା ଧାନଗଦାରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ



ବୁଗୁଡା, ୧୧/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ତହସିଲ ଅନ୍ତର୍ଗତ କେନ୍ଦୁବାଡି ଗ୍ରାମରେ ଜମିରେ ଥିବା ଧାନଗଦାରେ କେହି ଦୁର୍ବୃତ୍ତ ମଙ୍ଗଳବାର ଦିନ ନିଆଁ ଲଗାଇ ଦେବା ଯୋଗୁଁ ଧାନଗଦାଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ଜଣାପଡିଛି । ଘଟଣାରୁ ଜଣାପଡିଛିଯେ କେନ୍ଦୁବାଡି ଗ୍ରାମର ଭଗବାନ ମହାନ୍ତି ନାମକ ଜଣେ ଚାଷି ତାଙ୍କର ଛଅ ଭରଣ ଜମିର ଧାନ କାଟି ନିଜ ଜମି ମଧ୍ୟରେ ଗଦାକରି ରଖିଥିଲେ । ଚାଷୀ ଜଣକ କ୍ଷେତରୁ ଗ୍ରାମକୁ ଆସିବା ପରେ ତାଙ୍କର ଧାନ ଗଦାରେ ନିଆଁ ଲାଗିଥିବା କିଛି ଲୋକଙ୍କ ଠାରୁ ଶୁଣି ଧାନ ଜମିରେ ପହଞ୍ଚିଥିଲେ । ଧାନ ଗଦା ହୁତୁହୁତୁ ହୋଇ ଜଳୁଥିବାର ଦେଖି ଭଗବାନ ମହାନ୍ତି ସଙ୍ଗେ ସଙ୍ଗେ ବୁଗୁଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ୍ୟ ଧାନ ଗଦା ସମ୍ପୁର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି । ପୂର୍ବ ଶତୃତା ଯୋଗୁଁ କୌଣସି ଦୁର୍ବୃତ୍ତ ଧାନଗଦାରେ ନିଆଁ ଲଗାଇଥିବା ଅନୁମାନ କରାଯାଉଛି ।

## ନର୍ଲା ବ୍ଲକର ଧଅଁରାମାଲ ଗ୍ରାମରେ ବେଆଇନ ଚୋରା ବାଲି ବୋଝେଇ ଟ୍ରକ୍ ଓ ପୋକଲିନ ଜେସିବି ଗ୍ରାମ ବାସି ଙ୍କ ଦ୍ୱାରା ଅଟକ ଘଟଣା ସ୍ଥଳରୁ ଦୁଇ ଡ୍ରାଇଭର ଫେରାର

କଳାହାଣ୍ଡି ୧୧/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ତହସିଲ ଅନ୍ତର୍ଗତ ଘୋଡ଼ାବନ୍ଧ ପଂଚାୟତ ଧଅଁରାମାଲ ଗ୍ରାମର ସାନ୍ଦୂଲ୍ ନଦୀରୁ ଦୀର୍ଘ ମାସ ମାସ ଧରି ବଲାଙ୍ଗୀର ଜିଲ୍ଲାର ଆକାଶ ଅଗ୍ରୱାଲ ନାମକ ଜଣେ ଠିକାଦାର ଉକ୍ତ ବାଲିଘାଟ ରୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ଚୋରା ବାଲି ଚାଲାଣ କରୁଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ଅଭିଯୋଗ କୁ ଭିତ୍ତି କରି ଆଜି ସକାଳ ୧୦ ଘଣ୍ଟା ସମୟରେ ନର୍ଲା ତହସିଲଦାର ତଥା ଏକଜୁକେଟିଭ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବଳଦେବ ବେହେରା ନର୍ଲା ଭାରପ୍ରାପ୍ତ ଥାନା ଅଧିକାରୀଣୀ ଶ୍ରୀମତୀ ମମତା ପାଣିଗ୍ରାହୀ ଙ୍କ ସମେତ ଥାନାର ଏଏସଆଇ ମଳୟ ରଣା ଓ ସବ ଇନ୍ସପେକ୍ଟର ସଦବଳେ ଯାଇ ଘଟଣା ସ୍ଥଳରେ ପହଞ୍ଚି ଚୋରା ବାଲି ବୋଝେଇ ହାଇଓ୍ୱା (ଓଡ଼ି-୦୮- ୪୫୭୩) ଗାଡ଼ି ସହ ଏକ ବଡ ପୋକ୍ଲିନ ଜେଶିବି ଗାଡିକୁ ଜବତ କରିଛନ୍ତି ଅପର ପକ୍ଷରେ ଗ୍ରାମବାସୀ ଙ୍କ ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ବାଲି ମାଫିଆ ଠିକାଦାର ଆକାଶ ଅଗ୍ରୱାଲ ମାସ ମାସ ଧରି ବେଆଇନ ଚୋରା ବାଲି ଚାଲାଣ ସମୟରେ ଗ୍ରାମବାସୀ ଙ୍କ ବାରଣ ସତ୍ତ୍ୱେ ସମସ୍ତଙ୍କୁ ନାଲି ଆଖି ଦେଖାଇ ଭୟଭୀତ କରି ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଛି ଏବଂ ପ୍ରତି ରାତିରେ ଦଶରୁ ପନ୍ଦର ହାଇଓ୍ୱା ଏକାଧିକ ବାର ଓଭର ଲୋଡ କରି ଯିବା ଆସିବା ସମୟରେ ଗ୍ରାମର ଶିଶି ରୋଡ ମାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ୱାର୍ଡ ସଭ୍ୟ ଅଭିଯୋଗ ଆଣିଛନ୍ତି ତତ୍ ସଙ୍ଗେ ସଙ୍ଗେ ଚାଷୀଙ୍କ ପାଇଁ ଜଳସେଚନ ନିମନ୍ତେ ବିଛଯାଇଥିବା ଉଠା ଜଳ ସେଚନ ପଏଣ୍ଟ ର ପାଣି ପାଇପ ଓଭର ଲୋଡ ଗାଡ଼ି ର ଚାପରେ ଭାଙ୍ଗି ଯାଇ ଚଳିତ ବର୍ଷ ଶତାଧିକ ଚାଷୀ ଙ୍କ ଧାନବିଲ ରେ ପାଣି ନ ପାଇ ଧାନ ମରିଯାଇଥିବା ଅଭିଯୋଗ ହୋଇଛି ଖାଲି ସେତିକି ନୁହେଁ ବେଆଇନ ବାଲି ଘାଟ କୁ ରାସ୍ତା ନିମନ୍ତେ ସଂପୃକ୍ତ ବାଲି ମାଫିଆ ଅନେକ ଚାଷୀଙ୍କ ରଇତି ଜମିର ହୁଡ଼ା ଭାଙ୍ଗି ଦେଇଥିବା ସହ ଅନେକ ଅର୍ଥକାରୀ ମହୁଲ ଗଛ ମାନ ଜେସିବି ରେ ଭାଙ୍ଗି ଦେଇ ଲୋକଙ୍କୁ ନାଲିଆଖି ଦେଖାଉଥିବା କିଛି ନିରୀହ ମହିଳା ଅଭିଯୋଗ ଆଣିଛନ୍ତି ଏବଂ ଗ୍ରାମରୁ ନଦୀକୁ ସଂଯୋଗ କରୁଥିବା ଏକ ପଞ୍ଚାୟତ ମାଟି ରାସ୍ତାକୁ ମଧ୍ୟ ଠିକାଦାର ଭାଙ୍ଗି ଦେଇ ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରୁଛନ୍ତି ବୋଲି ୱାର୍ଡ ମେମ୍ବର ଅଭିଯୋଗ ଆଣିଛନ୍ତି ଏଣୁ ଏହି ବେଆଇନ ବାଲି ଚୋରା ଚାଲାଣ ବାଲି ମାଫିଆ ଆକାଶ ଅଗ୍ରୱାଲ ଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ ।



## ବିଜେଡି ଛାଡି ବିଜେପିରେ ମିଶିଲେ ବେଲଗୁଣ୍ଠଷ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରମିଳା ପ୍ରଧାନ

ବେଲଗୁଣ୍ଠା ୧୧/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରମିଳା ପ୍ରଧାନ ଓ ତାଙ୍କ ସ୍ୱାମୀ ତଥା ଆମ୍ବପୁଆ ପଞ୍ଚାୟତର ପୁର୍ବତନ ସରପଞ୍ଚ ପ୍ରମୋଦ ପ୍ରଧାନ,ବିଜେଡି ତ୍ୟାଗ କରି ବିଜେପି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସୋରଡା ବିଧାୟକ ନୀଳମଣି ବିଷୋୟୀଙ୍କ ନେତୃତ୍ୱରେ ଭୁବନେଶ୍ୱର ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଠାରେ ବିଜେପିରେ ଯୋଗଦାନ କରିଛନ୍ତି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନ ଓ ପ୍ରମୋଦ ଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିବା ଜଣାପଡିଛି । ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ ।ଏହା ପରେ ଶ୍ରୀମତୀ ପ୍ରଧାନ ଓ ପ୍ରମୋଦ ବିଧାୟକ ନୀଳମଣୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇ ବେଲଗୁଣ୍ଠା ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ । ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କ ନେତୃତ୍ୱରେ ସୋରଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ଦ୍ୱାରା ଆବଶ୍ୟକୀୟ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଥିଲେ ।ପ୍ରକାଶ ଥାଉ କି, ପୁର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବିଜେଡ଼ିର ତୁଙ୍ଗ ନେତା ପ୍ରଶାନ୍ତ ନାୟକଙ୍କ ଅକାଳ ବିୟୋଗ ପରେ ଉପାଧ୍ୟକ୍ଷା ଥିବା ପ୍ରମିଳା ପ୍ରଧାନ ତିନି ମାସ ତଳେ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ ।

## ନିମପଡା ଭେଙ୍କଟେଶ୍ୱର୍ ବିଦ୍ୟାଳୟ ରେ ଜାତୀୟ ମାନବ ଅଧିକାର ଉତ୍ସବ ପାଳନ



ନିମାପଡା ୧୧/୧୨ (ନି.ପ୍ର): ପୁରୀ ଜିଲ୍ଲା ନିମାପଡା ଭେକେଟେଶ୍ୱର ବିଦ୍ୟାଳୟ ରେ ଜାତୀୟ ମାନବ ଅଧିକାର ସାମାଜିକ ନ୍ୟାୟ ପରିଷଦ ଓଡ଼ିଶା ଶାଖା ଦ୍ୱାରା ଆୟୋଜିତ ବିଶ୍ୱ ମାନବ ଅଧିକାର ଦିବସର ଏକ ମହାନ୍ ଉତ୍ସବ ରାଷ୍ଟ୍ରୀୟ ମାନବ ଅଧିକାର ପରିଷଦର ରାଜ୍ୟ ସଚିବ ଶ୍ରୀ ନରସିଂହ ଚରଣ ମାନସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବରିଷ୍ଠ ଆଇନଜିବୀ ଶ୍ରୀ ମୃତ୍ୟୁଞ୍ଜୟ ଦାସ ଏବଂ ମୁଖ୍ୟ ବକ୍ତା ମାନ୍ୟବର ନିର୍ମଳ କୁମାର ମିଶ୍ର ,ସମ୍ମାନିତ ଅତିଥି କସ୍ତୁରିବାଳା ସ୍ୱାଇଁ ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ସାନ୍ତୋଶ କୁମାର ପାରିଡା, ପଦ୍ମ ଚରଣ ସାହୁ, ବିଷ୍ଣୁ ପ୍ରସାଦ ଦାସ ,ଭେଙ୍କଟେଶ୍ୱର ବିଦ୍ୟାଳୟର ଚେୟାରମ୍ୟାନ୍ ସୁଦର୍ଶନ ଲେଙ୍କା , ଭେଙ୍କଟେଶ୍ୱର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି ଉତ୍ସବରେ ଯୋଗ ଦେଇଥିଲେ । ଏହି ଉତ୍ସବରେ ପୁରୀ ଜିଲ୍ଲାର ନିମାପଡା ଠାରେ ଭେଙ୍କଟେଶ୍ୱର୍ ବିଦ୍ୟାଳୟର ଉତ୍ସର୍ଗୀକୃତ ଶିକ୍ଷକ, ଉଜ୍ଜ୍ୱଳ ଛାତ୍ର, ସାଂସ୍କୃତିକ ପ୍ରଦର୍ଶନକାରୀ ତଥା ସାମାଜିକ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା । ଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନ ହୋଇଥିଲା , ମାନବ ଅଧିକାର ଏବଂ ସାମାଜିକ ସୁରକ୍ଷା ମହତ୍ତ୍ୱ ଉପରେ ଆଲୋକପାତ କରିଥିଲା । ଏଠାରେ ଦୁଇଶହ ରୁ ଉର୍ଦ୍ଧ୍ୱ ମାନପତ୍ର ଓ ଉତ୍ତରୀୟ ସହିତ ମହାପ୍ରଭୁ ଶ୍ରଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ପରିଷଦର ଅଧ୍ୟକ୍ଷ ସ୍ୱର୍ଣ୍ଣା ମାୟେ ରାଉତ, ରାଜ୍ୟ ସଭାପତି ବାସୁଦେବ ସେଠୀ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ ଏବଂ ପୁରୀ ଜିଲ୍ଲା ସଭାପତି ଜୟଶ୍ରୀ ପାତ୍ର ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।

## କ୍ୟାଲେଣ୍ଡର ରେ ସ୍ଥାନ ପାଇଲା ଚଉରାଶି ର ବରାହୀ ମନ୍ଦିର

ନିମାପଡ଼ା ୧୧/୧୨ (ନି.ପ୍ର): ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଥିବା ୨୦୨୫ ନୂଆବର୍ଷ କ୍ୟାଲେଣ୍ଡର ରେ ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତ ଚଉରାଶି ଗ୍ରାମ ର ପ୍ରସିଦ୍ଧ ବରାହୀ ମନ୍ଦିର ସ୍ଥାନ ପାଇଥିବାରୁ ତୁଳସୀପୁର ପଞ୍ଚାୟତ ବିଜେଡ଼ି ସଭାପତି ଅନିରୁଦ୍ଧ ତ୍ରିପାଠୀ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ନାୟକ ବ୍ୟାଙ୍କ ର ସଭାପତି ଓ ପରିଚାଳନା କମିଟି କୁ ଧନ୍ୟବାଦ ଜଣାଇଛନ୍ତି । ନୂଆବର୍ଷ କ୍ୟାଲେଣ୍ଡର ରେ ବରାହୀ ମନ୍ଦିର ଓ ମନ୍ଦିର ର ପାଶ୍ୱ ଦେବତା ଭାବେ ପୂଜା ପାଉଥିବା ସୂର୍ଯ୍ୟ ନାରାୟଣ ଦେବତା ଙ୍କ ଫଟୋ ପ୍ରକାଶିତ ହୋଇଛି । ଏଥି ସହିତ ଉକ୍ତ କ୍ୟାଲେଣ୍ଡର ରେ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ଙ୍କ ସୁଭଦ୍ରା ଙ୍କ ପୁଷ୍ପାଭିଷେକ ଫଟୋ, ବ୍ରହ୍ମଗିରି ର ପ୍ରଭୂ ଅଲାରାନାଥ ଙ୍କ ମନ୍ଦିର, କାକଟପୁର ର ମା ମଙ୍ଗଳା ଙ୍କ ମନ୍ଦିର, ପିପିଲି ର ଭକ୍ତ ଦାସିଆ ଙ୍କ ପୀଠ ଓ ସତ୍ୟବାଦୀ ର ସାକ୍ଷୀଗୋପାଳ ମନ୍ଦିର ସ୍ଥାନ ପାଇଛି । ଏହି ସବୁ ସ୍ଥାନ କୁ ଅଧିକ ରୁ ଅଧିକ ପର୍ଯ୍ୟଟକ ଆସିବା ସମ୍ଭାବନା ସୃଷ୍ଟି ହୋଇଛି ।

### କ୍ଷତ୍ରିୟବରପୁରରେ ବିଶ୍ୱ ମାନବଧିକାର ଦିବସ ପାଳିତ

ବେଲଗୁଣ୍ଠା ୧୧/୧୨ (ନି.ପ୍ର): ବେଲଗୁଣ୍ଠା ବ୍ଲକ ସ୍ଥିତ ଆଂଚଳିକ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବାଯୋଜନା ତରଫରୁ ବିଶ୍ୱ ମାନବଧିକାର ଦିବସ ପାଳିତ ହୋଇଯାଇଅଛି ଓ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ରଞ୍ଜିତ କୁମାର ଦାସ ପରିଚାଳନା କରିବା ସହିତ ସତ୍ୟ, ଅଂହିସା ଏବଂ ମାନବିକତା ଗୁଣଭାବ ଦ୍ୱାରା ମାନବିକତା ମୂଲ୍ୟବୋଧ ଏବଂ ବିଶ୍ୱମାନବଧିକାର ସଫଳ ହୋଇପାରିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ଓ ବିପ୍ରଚରଣ ତ୍ରିପାଠୀ ବିଶ୍ୱ ମାନବଧିକାର ବିଷୟରେ ସଚେତନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ତୁରୁମୁଙ୍ଗା ରେ ମାନବାଧିକାର ଦିବସ ପାଳିତ




ପାଟଣା ୧୧/୧୨ (ନି.ପ୍ର): ମାନବାଧିକାର ଦିବସ ରୂପେ ସମଗ୍ର ବିଶ୍ୱରେ ପାଳିତ ହେଉଥିବା ଅବସରରେ ଅନ୍ତର୍ଜାତୀୟ ମାନବାଧିକାର ମଞ୍ଚ ତରଫରୁ ତୁରୁମୁଙ୍ଗା ଠାରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅଥିତି ଭାବେ ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ଡ. ସୁବାସିନୀ ବଳ ଏବଂ ଜାତୀୟ ସ୍ତରୀୟ ସମ୍ପାଦକ ଏନ. ପ୍ରସନସା ଉପସ୍ଥିତ ରହି ସମାଜର ସମସ୍ତ ଲୋକମାନଙ୍କର ବିଭିନ୍ନ ପ୍ରକାର ଆବଶ୍ୟକତା, ମୌଳିକ ତଥା ସାମାଜିକ ଅଧିକାର ଏବଂ ବିକାଶ ଦିଗରେ ବିଶେଷ ଭାବେ ଆଲୋକପାତ କରିଥିଲେ । ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ କେନ୍ଦୁଝର ଜିଲ୍ଲା ଏକ ପ୍ରଭାବଶାଳୀ ଶିକ୍ଷାଞ୍ଚଳର କ୍ଷେତ୍ର ହାଇଥିବା ଯୋଗୁଁ ଏହାର ବିକାଶ ମଧ୍ୟ ଅତ୍ୟନ୍ତ ଜରୁରୀ ଏବଂ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ପାଇଁ ଡ. ସୁବାସିନୀ ବଳ ଦୃଢ଼ ପ୍ରତିଶୃତି ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆନ୍ତର୍ଯ୍ୟାତିକ ମାନବ ଅଧିକାର ମଞ୍ଚର ଜନସୁଚନା ଅଧିକାରୀ ଭରତ ଚନ୍ଦ୍ର ମହାନ୍ତ, ପାଟଣା ବ୍ଲକର ସଭାପତି ଅଜିତ କୁମାର ମହାନ୍ତ, ପାଟଣା ବ୍ଲକର ଉପସଭାପତି କ୍ଷମାନନ୍ଦ ମହାନ୍ତ, ଚମ୍ପୁଆ ବ୍ଲକର ସଭାପତି ମାନସ କୁମାର ମହାନ୍ତ, ଜିଲ୍ଲା ସମ୍ପାଦକ ନିର୍ମଳ କୁମାର ମହାରଣା, ଜିଲ୍ଲା ଉପଦେଷ୍ଟା ଜୟକୃଷ୍ଣ ନାୟକ, ତୁରୁମୁଙ୍ଗା ମେଡିକାଲର ଡ. ଜଗଦିଶ ପ୍ରସାଦ ମହାନ୍ତ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟା ସୁରୁମାଲ ବେହେରା ଏବଂ ଏହି ଅଞ୍ଚଳର ଅନେକ ଭଦ୍ର ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଆଗରୁ ଅନେକ ପ୍ରଗତି ମୁଳକ କାର୍ଯ୍ୟକ୍ରମ ଗୁଡିକ ହାତଙ୍କୁ ନେବାପାଇଁ ନିଷ୍ପତି ନେଇଥିଲେ ।

## ସାହାରପଡା ରେ ବିଦ୍ୟୁତ ସମ୍ବନ୍ଧିତ ସଭା

ପାଟଣା ୧୧/୧୨ (ନି.ପ୍ର): ସାହାରପଡା ବ୍ଲକ ସଭା ଗୃହ ରେ ଆଜି ବିଦ୍ୟୁତ ସମସ୍ୟା ସମ୍ବନ୍ଧିତ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ର ୨୦ ଟି ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଙ୍କ ସମେତ ଡିଇଓ, ଏଡିଇଓ, ପିଇଓ ମନେ ମଧ୍ୟ ଉପସ୍ଥିତ ଥିଲେ । ବିଡ଼ିଓ ରଣଜିତ ମହାନ୍ତ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭା ରେ ବିଦ୍ୟୁତ ବିଭାଗ ର ଅଧିକାରୀ ମନେ ମଧ୍ୟ ଉପସ୍ଥିତ ଥିଲେ । ଗ୍ରାମପଞ୍ଚାୟତ ଅଧିକାରୀ ଅନ୍ତର୍ଯ୍ୟାମୀ ସେଠୀ ସଭା ପରିଚାଳନା କରିଥିଲେ । କୋଡିଏ ଟି ଗ୍ରାମପଞ୍ଚାୟତ ରେ ବିଗତ ବର୍ଷ ରେ ଲାଗିଥିବା ଷ୍ଟ୍ରୀଟ ଲାଇଟ ମଧ୍ୟରୁ ଶତକଡା ୯୯ ଭାଗ ଲାଇଟ ଜଳୁ ନଥିବା ବେଳେ ପ୍ରତିମାସ ରେ ବିଦ୍ୟୁତ ବିଲ ପାଇଁ ପଞ୍ଚାୟତ ଗୁଡିକୁ ବିଲ ପଠାଇ ଟଙ୍କା ପାଇଁ ଜୁଲୁମ କରା ଯାଉଥିବାରୁ ସରପଞ୍ଚ ମାନେ ବିଦ୍ୟୁତ ବିଭାଗ ର କର୍ମକର୍ତ୍ତା ଙ୍କ ଉପରେ ବର୍ଷି ଥିଲେ ।

## ପିକକ ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ ସମ୍ପର୍କିତ କର୍ମଶାଳା

ପାଟଣା ୧୧/୧୨ (ନି.ପ୍ର): ମଙ୍ଗଳବାର ଦିନ ପାଟଣା ବ୍ଲକ ସଭା ଗୃହ ଠାରେ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହେଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ବିଡ଼ିଓ ମାନସ କୁମାର ଦଣ୍ଡପାଟ, ବି ଏସ ଏସ ଓ ଅଭୟ ଚରଣ ଦେହୁରୀ , ଏ ପି ଓ ଦୀପକ କୁମାର ବେହେରା ଓ ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଜୋଜିକା ସୁସ୍ମିତା ସାହୁ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ବିଡ଼ିଓ ଶ୍ରୀ ଦଣ୍ଡପାଟ୍ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପିକକ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଓ କୋଷାଧ୍ୟକ୍ଷା ରତ୍ନା ଦାସ ଯୋଗ ଦେଇଥିଲେ । ପିକକ ର କେନ୍ଦୁଝର ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ମହାନ୍ତ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ । ଏହି କାର୍ଯ୍ୟ କ୍ରମ ରେ ପାଖ ପାଖି ୫୦ ରୁ ଉର୍ଦ୍ଧ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପିକକ୍ ର ପୂଜା ପଣ୍ଡା, ଝସକେତନ ମହାନ୍ତ , ଦ୍ରୌପଦୀ ବେଜ୍ , ପ୍ରଭାତ କୁମାର ମୁଣ୍ଡା, ସୁନେଲି ନାୟକ, ସୁଚିତ୍ରା ମହାନ୍ତ ଓ ମେଘମାଳା ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ଶ୍ରୀ ଗୁରୁକୂଳ ବାର୍ଷିକ କ୍ରୀଡା ଉଦଘାଟିତ



ପାଟଣା ୧୧/୧୨ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଗଦାଧରପୁର ନିକଟସ୍ଥ କୁଢ଼ଟାଙ୍ଗର ଠାରେ ଥିବା ଶ୍ରୀ ଗୁରୁକୁଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର ଯୋଗଦେଇ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କର ଆରାଧନା ପୂର୍ବକ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହି ଉତ୍ସବ କୁ ଉଦଘାଟନ କରିଛନ୍ତି । ସେବା ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ସରୋଜ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବିଦ୍ୟାଳୟର ଅଧ୍ୟକ୍ଷା କିରଣବାଳା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଘଟଗାଁ ବ୍ଲକ ଉନ୍ନୟନ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂହ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସମସ୍ତ ସଦସ୍ୟଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡ଼ାର ଉପାଦେୟତା ସମ୍ବନ୍ଧରେ ସମ୍ୟକ୍ ସୂଚନା ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଶ୍ରୀ ଗୁରୁକୁଳ ମଡେଲ ସ୍କୁଲ ର ପ୍ରଧାନ ଆଚାର୍ଯ୍ୟ ଅଖିଳ ପ୍ରଧାନ, ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଧର୍ମେନ୍ଦ୍ର ସ୍ୱାଇଁ ଏବଂ ଶ୍ରୀ ଗୁରୁକୁଳ ସ୍ୱତନ୍ତ୍ର ବିଦ୍ୟାଳୟର ପରିଚାଳକ ସୁଦର୍ଶନ ତ୍ରିପାଠୀ ଏହି ଉଦଘାଟନୀ ସମାରୋହରେ ଉପସ୍ଥିତ ରହି ଉତ୍ସବର ଶୋଭା ବର୍ଦ୍ଧନ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ସଟ୍ ପୁଟ୍ ନିକ୍ଷେପଣ କରାଯାଇ ପ୍ରତିଯୋଗିତା ଗୁଡ଼ିକର ଶୁଭାରମ୍ଭ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କ ପ୍ରଚେଷ୍ଟାରେ ଶ୍ରୀ ଗୁରୁକୁଳର ପରିବେଶ ଉତ୍ସବ ମୁଖର ହୋଇଉଠିଛି । କ୍ରୀଡା ଶିକ୍ଷକ ପଙ୍କଜ କୁମାର ମହାନ୍ତ, ସୁବ୍ରତ ମୁଣ୍ଡା ଓ ଶିକ୍ଷୟିତ୍ରୀ କୃଷ୍ଣା କୁମାରୀ ନାୟକଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରତିଯୋଗିତାର ପରିଚାଳନା ଦାୟିତ୍ୱ ବହନ କରି ସୁଚାରୁ ରୂପେ ବାର୍ଷିକ କ୍ରୀଡା ସମ୍ପନ୍ନ କରୁଛନ୍ତି ।

## କ୍ଷେତ୍ରିୟବରପୁର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବେଲଗୁଣ୍ଠା ୧୧/୧୨ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଲଗୁଣ୍ଠା ବ୍ଲକ କ୍ଷେତ୍ରୀୟବରପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ଲୋପାମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ରଞ୍ଜିତ କୁମାର ତ୍ରିପାଠୀ ଓ ବିଦ୍ୟାଳୟର ଆଲୁମିନି ମୁଖ୍ୟ ପ୍ରତାପ ଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି କ୍ରୀଡା ଉତ୍ସବକୁ ଉଦ୍ଘାଟନ କରିଥିଲେ । କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉଦ୍ୟମ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ସମସ୍ତ ପ୍ରକାର କ୍ରୀଡା ତଥା ଦୌଡ଼, ସଟପୁଟ୍,ଡିସକସ୍ , ଲଙ୍ଗଜମ୍ପ,କବାଡି, ଖୋ ଖୋ ,ବ୍ୟାଡ୍ ମିଣ୍ଟନ୍ , ବଲ୍ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅତିଥି ମାନେ ନିଜ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖେଳୁଆଡ ମନୋଭାବ ଜାଗ୍ରତ କରିଥିଲେ । ଏହି ପ୍ରତିଯୋଗିତାରେ ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ପାଇଁ ସମସ୍ତ ଶିକ୍ଷକଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ଓ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ସଙ୍ଗୀତ ଚୌକୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହା ଛାତ୍ରଛାତ୍ରୀଙ୍କୁ ଅଧିକ ଉତ୍ସାହିତ କରିଥିଲା ଓ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ମଲ୍ଲିକ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ପୋଡି ଯାଇ ମହିଳା ମୃତ

ପାଟଣା ୧୧/୧୨ (ନି.ପ୍ର): ତୁରୁମୁଙ୍ଗା ଥାନା ଅଞ୍ଚଳ ସାହାରପଡା ବ୍ଲକ ମହୁଦିପା ଗ୍ରାମର ଜଣେ ବୃଦ୍ଧାଙ୍କର ଅକାଳ ମୃତ୍ୟୁ ଘଟିଛି । ଗ୍ରାମର ପୂର୍ଣ୍ଣମୀ ନାଏକ (୬୫) ଗତ ୬ ତାରିଖ ରୋଷେଇ କରୁଥିବା ସମୟରେ ଶାଢୀରେ ନିଆଁ ଲାଗି ତାଙ୍କର ୨ ଟି ଜଳି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଆଜି ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଛି । ତୁରୁମୁଙ୍ଗା ଥାନା ଅପମୃତ୍ୟୁ ମାମଲା ୩୮/୨୦୨୪ ମୂଳେ ଏ. ଏସ. ଆଇ ବିରେନ୍ଦ୍ର କିଶୋର ବେହେରା ଆଜି ମୃତକର ଶବ ବ୍ୟବଚ୍ଛେଦ କରାଇ ମରଶରୀର ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି ।

# ପୁଣି ବିଧାନସଭାରେ ଉଠିଲା ମିସନ ଶକ୍ତି ପ୍ରସଙ୍ଗ

ଭୁବନେଶ୍ୱର,୧୧/୧୨: ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରମାନଙ୍କୁ ବକେୟା ଦରମା ପ୍ରଦାନ ଓ ଚୁକ୍ତିର ନବୀକରଣ ପ୍ରସଙ୍ଗ ଆଜି ପୁଣି ବିଧାନସଭାରେ ଉଠିଛି। ଏହି ପ୍ରସଙ୍ଗ ଉଠାଇ ପ୍ରଶ୍ନକାଳରେ ବିଜେଡି ଓ କଂଗ୍ରେସ ସଭ୍ୟମାନେ ହୋହଲ୍ଲା କରିବାରୁ ବାଚସ୍ପତି ଗୃହକୁ ଏକ ଘଣ୍ଟା ମୁଲତବୀ ରଖିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗରେ ବିଜେଡି ଓ ବିଜେପି ପରସ୍ପରକୁ ଆକ୍ଷେପ କରିଥିଲେ। କଂଗ୍ରେସ ସଭ୍ୟମାନେ ଉଭୟ ଦଳକୁ ଟାର୍ଗେଟ୍ କରିଥିଲେ। ଗୃହ ବାହାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଣମାଧ୍ୟମକୁ କହିଥିଲେ, ମିସନ ଶକ୍ତି କର୍ମୀଙ୍କ ଦରମା ବନ୍ଦ କରିବାକୁ ରାଜ୍ୟ ବିଜେପି ସରକାର ଷଡ଼ଯନ୍ତ୍ର କରୁଛନ୍ତି। ମିସନ ଶକ୍ତି କର୍ମୀଙ୍କ ପ୍ରତି ବିଜେଡିର ସମର୍ଥନ ଜାରି ରହିବ। ଶୂନ୍ୟକାଳରେ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ କହିଲେ, ବିଧାନସଭା ସାମ୍ନାରେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରମାନଙ୍କ ଆନ୍ଦୋଳନ ଚାଲିଛି। ମା' ଭଉଣୀମାନେ ଖରା, କାକରରେ ରାଜରାସ୍ତାରେ ପଡ଼ିଛନ୍ତି। ୮ ମାସ ହେଲା ସେମାନେ ଦରମା ପାଇ ନାହାନ୍ତି। ଗୋଟିଏ ପଟେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିଦେଲେ ବୋଲି କହୁଛନ୍ତି। ଅନ୍ୟ ପଟେ ମା'ଭଉଣୀମାନଙ୍କୁ ଦରମା ନ ଦେଇ ହନ୍ତସନ୍ତ କରୁଛନ୍ତି। ୬ ମାସ ହେଲା ଏହି ସରକାର ଆସିଲାଣି। ସେମାନଙ୍କ ଚୁକ୍ତିକୁ ନବୀକରଣ କରାଯାଉ ନାହିଁ କାହିଁକି ? ମିସନ ଶକ୍ତି ବନ୍ଦ କରିବାକୁ ଷଡ଼ଯନ୍ତ୍ର ନ କରି ସେମାନଙ୍କ ଦୁଃଖ ବୁଝିବା ଦରକାର। ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ସରକାର ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରମାନଙ୍କ କଥା ତୁରନ୍ତ ବୁଝନ୍ତୁ। ଏବର ସରକାର ମହିଳା ସଶକ୍ତୀକରଣ କଥା ବାରମ୍ବାର କହୁଛନ୍ତି। କିନ୍ତୁ ଅନ୍ୟ ବିଜେପି



ଶାସିତ ରାଜ୍ୟରେ ମହିଳାମାନଙ୍କୁ ମାସିକ ଅଧିକ ଅର୍ଥରାଶି ଦିଆଯାଉଥିଲା ବେଳେ ଓଡ଼ିଶାରେ ସୁଭଦ୍ରା ଯୋଜନାରେ ମାସକୁ ମାତ୍ର ୮୩୩ ଟଙ୍କା ଦିଆଯାଉଛି। ଏଥିରେ ମହିଳା ସଶକ୍ତୀକରଣ କିପରି ହେବ ଇଏ ଡବଲ୍ ଷ୍ଟାଣ୍ଡାର୍ଡ ସରକାର। ନିରଞ୍ଜନ ପୂଜାରୀ କହିଲେ, ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରମାନଙ୍କୁ ତ ଚାକିରୁ ନିବୃତ୍ତ କରାଯାଇନି। ସେମାନଙ୍କୁ ସରକାର କାମରେ ଲଗାଇଛନ୍ତି। ତେଣୁ ଦରମା କାହିଁକି ଦିଆଯିବନି ଶାରଦା ଜେନା କହିଥିଲେ, ମା'ମାନେ ଏତେ ସଂଖ୍ୟାରେ ରାଜରାସ୍ତାରେ ବସିବା ଓଡ଼ିଶା ପ୍ରତି ଲଜ୍ଜା। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ, ଶୀତ କାକରରେ ମା'ମାନେ ବସିଛନ୍ତି। ନିର୍ବାଚନ ଆଗରୁ ବିଜେଡି ସରକାର ସେମାନଙ୍କ ଦରମା ୩ ମାସ ବନ୍ଦ କରିଦେଲେ। ଏବେ ଏ ସରକାର ବି ଦରମା ଦେଉନାହାନ୍ତି। ମହିଳାମାନଙ୍କ ପ୍ରତି ସରକାର ସମ୍ବେଦନଶୀଳ ନଥିବା ପ୍ରମାଣିତ ହେଉଛି। ଅଶୋକ ଦାସ କହିଲେ, କେବଳ ଆକ୍ଷେପ ପ୍ରତି ଆକ୍ଷେପ କରା ନଯାଇ ସେମାନଙ୍କ ସମସ୍ୟାର ସମାଧାନର ବାଟ ବାହାରୁ। ସୋଫିଆ ଫିରଦୋସ କହିଥିଲେ, ମିସନ ଶକ୍ତି ବ୍ୟବସ୍ଥାରେ ତଳୁ ଉପର ଯାଏ ସମସ୍ତଙ୍କୁ ପୂର୍ବ ସରକାର ରାଜନୈତିକ କାମରେ ବ୍ୟବହାର କରୁଥିଲେ। ନିର୍ବାଚନ ବେଳେ ଟଙ୍କା ବାଣ୍ଟିବା ଓ ଧମକଚମକ ଦେବାକୁ ସେମାନଙ୍କୁ କୁହାଯାଇଥିଲା। ସେଥି ପାଇଁ ତ ଲୋକମାନେ ବିଜେଡିକୁ ଶିକ୍ଷା ଦେଲେ। କିନ୍ତୁ ବର୍ତ୍ତମାନର ସରକାର ବି ସେମାନଙ୍କ କଥା ଚିନ୍ତା କରୁ ନାହାନ୍ତି। ମହିଳାମାନେ ରାଜରାସ୍ତାରେ ଶୋଉଛନ୍ତି। ପିଇବା ପାଣି, ଟଏଲେଟ୍ ସୁବିଧା ନାହିଁ। କେହି ରାସ୍ତାରେ ଖୁସିରେ ଶୁଅନ୍ତି ନାହିଁ। ସେମାନଙ୍କ କଥା ତୁରନ୍ତ ବିଚାର କରାଯାଉ। ଶାସକ ଦଳ ସଭ୍ୟ ଟଙ୍କଧର ତ୍ରିପାଠୀ କହିଲେ, ଗୃହ ଭିତରେ ଓ ବାହାରେ ବିଜେଡି ନେତାମାନେ ନାଟକବାଜି କରୁଛନ୍ତି। ମହିଳାମାନଙ୍କୁ ସେମାନେ ରାଜନୈତିକ ହତିଆର ଭାବେ ବ୍ୟବହାର କରୁଛନ୍ତି। ମିସନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିଦେଲେ ବୋଲି ସେମାନେ ଡିଣ୍ଡିମ ପିଟୁଛନ୍ତି। ବିଜେପି ସରକାର ତ ୫ ମାସ ହେଲା କ୍ଷମତାକୁ ଆସିଲା। ତାହା ପୂର୍ବେ ତିନି ମାସ ସେମାନଙ୍କ ଦରମା କାହିଁକି ବନ୍ଦ ହୋଇଥିଲା। ମା'ମାନଙ୍କୁ ରାଜନୀତିରେ ବ୍ୟବହାର କରା ନଯାଉ। ବିଜେଡି ସରକାର ମହିଳାମାନଙ୍କୁ ସଶକ୍ତ କରୁ ନଥିଲା, ବରଂ ମଝି ଦରିଆରେ ଭସାଇ ଦେଇଥିଲା। ସେଥି ପାଇଁ ମହିଳାମାନେ ସେମାନଙ୍କୁ ଶାସ୍ତି ଦେଇ କ୍ଷମତାରୁ ହଟାଇ ଦେଇଛନ୍ତି। ବିଜେପି ସରକାର ନିଶ୍ଚିତ ଭାବେ ସେମାନଙ୍କୁ ନ୍ୟାୟ ଦେବ। ସନାତନ ବିଜୁଳି ମଧ୍ୟ ଏହି ପ୍ରସଙ୍ଗରେ ପୂର୍ବ ସରକାରଙ୍କୁ ସମାଲୋଚନା କରିଥିଲେ। ଓମ୍ ପ୍ରକାଶ ସାହୁ କହିଲେ, ଏସ୍‌ଏଚ୍‌ଜି ଗ୍ରୁପମାନଙ୍କୁ ସଶକ୍ତ କରାଯାଉ ନଥିଲା, ବରଂ ବିଜେଡି ପାଇଁ କାମ କରିବାକୁ ଦଳୀୟ ପତାକା ଧରାଇ ଦିଆଯାଉଥିଲା। ଉପାସନା ମହାପାତ୍ର କହିଥିଲେ, ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ମା'ମାନଙ୍କୁ ବିଜେଡି ବ୍ୟବହାର କରୁଥିଲା। ଆଜି ସେମାନେ ରାଜରାସ୍ତାରେ ବସିଥିବାରୁ ଆମେ ଦୁଃଖିତ। କିନ୍ତୁ ପୂର୍ବ ସରକାରର ଭୁଲ୍ ପାଇଁ ଏପରି ସ୍ଥିତି ହୋଇଛି। ଇରାଶିଷ ଆଚାର୍ଯ୍ୟ କହିଥିଲେ, ୨୪ ବର୍ଷର ଶାସନ ଭିତରେ ମହିଳାଙ୍କୁ ସ୍ୱାବଲମ୍ବୀ ନ କରି ବିଜେଡି ସଭ୍ୟମାନେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି।

# କନ୍ଧମାଳ ଗସ୍ତରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର

## ଛାତ୍ରଛାତ୍ରୀଙ୍କ ସହିତ ଖାଇଲେ ମାଧ୍ୟାହ୍ନ ଭୋଜନ

ଫୁଲବାଣୀ ତା,୧୧/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଗସ୍ତରେ ଆଜିଶିକ୍ଷା, ଦକ୍ଷତା ବିକାଶ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡ଼ଃ ସୁକାନ୍ତ ମଜୁମଦାର ଦିନିକିଆ କନ୍ଧମାଳ ଗସ୍ତରେ ଆସି ପ୍ରଥମେ ସର୍କିଟ ହାଉସ ରେ ପହଂଚିଥିଲେ ।ଏହାପରେ ଜିଲ୍ଲା ପ୍ରଶାସନ ର ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଯାଇ ପ୍ରଥମେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ବିଭିର୍ଣ୍ଣ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ଏକ ବୈଠକରେ କେନ୍ଦ୍ର ସରକାରଙ୍କର ଯୋଜନା କାର୍ଯ୍ୟକାରୀ ଉପରେ ସମୀକ୍ଷା କରିଥିଲେ ଓ ୧୧,୦୫ ମିନିଟ ରେ ସ୍ଥାନୀୟ ଶିଳ୍ପ ତାଲିମ ଅନୁଷ୍ଠାନ ପରିଦର୍ଶନ କରିଥିଲେ ଓ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ, ଓ ଦକ୍ଷତା ବିକାଶ ତାଲିମ ଗ୍ରହଣ କରୁଥିବା ଛାତ୍ର ଛାତ୍ରୀ ତଥା ପ୍ରଶିକ୍ଷକ ମାନଙ୍କ ସହିତ ଆଲୋଚନା କରି ଥିଲେ । ଏହାପରେ ମନ୍ୟାବର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମଜୁମଦାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ମାଷରୀପଡା ସ୍ଥିତ ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନରେ ଯାଇ କେନ୍ଦ୍ରର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ସହିତ ଅତି ଖୁସିର ସହିତ ବିଭିର୍ଣ୍ଣ ପ୍ରଶ୍ନ ପଚାରି ବୁଝିଥିଲେ ଓ ପିଲାମାନେ ଅତି ସୁନ୍ଦର ଭାବେ ମନ୍ତ୍ରୀ ହିନ୍ଦୀରେ ପଚାରିଥିବା ପ୍ରଶ୍ନ ର ଉତ୍ତର ଦେଇଥିଲେ ଏହାପରେ ମନ୍ତ୍ରୀ ପୃଷ୍ଟିକର ଖାଦ୍ୟ ଉପରେ ଆଲୋଚନା କରିବା ସହିତ ମାଶ୍ରୀପଡା ସ୍ଥିତ ଆରୋଗ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ ବୁଲିଦେଖିଥିଲେ ଓ କର୍ମଚାରୀ ମାନଙ୍କ ସହିତ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନା କରି କେନ୍ଦ୍ର ସରକାରଙ୍କର ଆୟୁଷ୍ମାନ ଯୋଜନା ଉପରେ ଉପସ୍ଥିତ କର୍ମଚାରୀ ଓ ଉପସ୍ଥିତ ଜନସାଧାରଣ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ମାସରୀ ପଡା ରୁ ପ୍ରତ୍ୟାବର୍ତନ କରିବା ସମୟରେ ଫିରିଙ୍ଗିଆ ବ୍ଲକ ଛକରେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥିବା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଛାତ୍ରୀ ଓ ଗୁରୁଜୀ ଗୁରୁ ମା ସମେତ ଦଳୀୟ କର୍ମକର୍ତ୍ତା ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସନମାନୀତ କରିଥିଲେ , ପରେ ସିଧା ଯାଇ ନୋଡାଲ ହାଇସ୍କୁଲ ପରିଦର୍ଶନ କରିବା ସହିତ ବିଦ୍ୟାଳୟ ପରିସର ମଧ୍ୟରେ ବୃକ୍ଷ ରୋପଣ କରିଥିଲେ ଏବଂ ବିଦ୍ୟାଳୟ ର ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ କେତେକ ପ୍ରଶ୍ନ ପଚାରି ଥିଲେ ଓ ତାର ସଠିକ ଉତ୍ତର ପିଲାମାନେ ଦେଇଥିବାରୁ ଖୁସି ବ୍ୟକ୍ତ କରିଥିଲେ । ନୋଡାଲ ସ୍କୁଲ କୁ ଏକ ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠା କରିବା, ଓ ଛାତ୍ର ଛାତ୍ରୀ ମାନେ କିଭଳି ଶିକ୍ଷା ଗ୍ରହଣ କରିପାରିବେ







ସେଇଥିପାଇଁ ଉପସ୍ଥିତ ଜନସାଧାରଣ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ , ଏହାପରେ ପିଲାଙ୍କ ସହିତ ବସି ମାଧ୍ୟାହ୍ନ ଭୋଜନ କରିଥିଲେ । ଖାଇବା ସମୟରେ ମାଧ୍ୟାହ୍ନ ଭୋଜନ ରେ ପୃଷ୍ଟିକର ଖାଦ୍ୟ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବାପାଇଁ ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଉ ନିର୍ବାଚିତ ପ୍ରତିନିଧି ମାନେ ବିଦ୍ୟାଳୟ କୁ ଆସି ମାଧ୍ୟାହ୍ନ ଭୋଜନ ର ମାନ ପରୀକ୍ଷା କରିବା ପାଇଁ ଆହ୍ୱାନ କରିଥିଲେ । ବିଶେଷ ଘଟଣା ହେଲା କେନ୍ଦ୍ର ସରକାର ଦେଶରେ ଥିବା ୧୩୧ ଗୋଟି ଅନୁର୍ନ୍ନତ ବ୍ଲକ ମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ, କୋଟଗଡ ଓ ବ୍ଲକ ରେ ଥିବା ବିଭିର୍ଣ୍ଣ ସମାସ୍ୟାର ସମାଧାନ କରିବା ପାଇଁ ଆକାଂକ୍ଷା ବ୍ଲକ ଭାବେ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦିଜୀ ଗ୍ରହଣ କରିଥିବା ସୂଚନା ଦେଇଥିଲେ, ଓ ଏହି ବ୍ଲକ ଗୁଡିକର ସମସ୍ୟା ସହିତ ଉର୍ନ୍ନୟନ କାର୍ଯ୍ୟ ଉପରେ ନିୟମିତ ଭାବେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ଓ କନ୍ଧମାଳ ଜିଲ୍ଲାରେ ଲାଗି ରହିଥିବା ରାସ୍ତା ଘାଟ, ନେଟ ୱାର୍କ ର ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲିମନ୍ତ୍ରୀ କହିଥିଲେ ଏବଂ ପୁନଃ ଫୁଲବାଣୀ ସର୍କିଟ ହାଉସ ଅଭିମୁଖେ ବାହାରିଥିଲେ । ମାନ୍ୟବର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମଜୁମଦାର ଙ୍କ ପରିଦର୍ଶନ କରିବା ସମୟରେ କନ୍ଧମାଳ ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ, ସ୍ଥାନୀୟ ଫୁଲବାଣୀ ବିଧାୟକ ଶ୍ରୀ ଉମା ଚରଣ ମଳିକ, କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜ , ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ବିଡ଼ିଓ ଶ୍ରୀ ଅନୁପ ଅଭିଷେକ ବେହେରା, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଡିଗାଲ, ଫିରିଙ୍ଗିଆ ସମ୍ବନ୍ଧିତ ଶିଶୁ ବିକାଶ ଅଧିକାରିଣୀ ଶ୍ରୀମତୀ ନିବେଦିତା ପ୍ରଧାନଙ୍କ ସମେତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ଦଳୀୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା ।

# ଦୟାନଦୀରୁ ଦିନରାତି ଉଠୁଛି ବାଲି

## ସମସ୍ତଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଶହଶହ ଗାଡ଼ି ଧୂଳି ଉଡ଼ାଇ ଯାଉଛି

ଧଉଳି,୧୧/୧୨: ଧଉଳି ଥାନା ଟିକରପଡ଼ା ପଞ୍ଚାୟତ ଅଧୀନ କଲ୍ୟାଣପୁରଶାସନ ଦୟାନଦୀ ପଠାରୁ ଚୋରାରେ ବ୍ୟାପକ ବାଲି ଚାଲାଣ ଚାଲିଛି। ଦିନରାତି ମାଫିଆମାନେ ବେଧଡ଼କ ବାଲି ଉଠାଇ ନେଉଛନ୍ତି। ମାଫିଆମାନେ ଏମିତି ବାଲି ତାଡ଼ୁଛନ୍ତି, ଯେମିତି ନିଲାମ ଘାଟ। ଶହଶହ ଟ୍ରିପ୍ ବାଲି ଉଠାଇ ନିଆଯାଉଛି। ଜେସିବି, ଟ୍ରକ୍, ଟ୍ରାକ୍ଟର ଲଗାଇ ବାଲି ବୁହାଚାଲିଛି। ଅଥଚ ଜିଲ୍ଲା ପ୍ରଶାସନ ନିଦାବିଷ୍ଟ। ଭୁବନେଶ୍ୱର ତହସିଲ ଅଧୀନରେ ଥିବା ଏହି ଅଞ୍ଚଳର ରାଜସ୍ୱ ବିଭାଗ, ଲଘୁ ଖଣିଜ ବିଭାଗ କାହାର ନିଘା ନାହିଁ। ମାଫିଆମାନଙ୍କ ଦୌରାତ୍ମ୍ୟ ସାମ୍ନାରେ ପ୍ରତିବାଦ ବା ପ୍ରତିରୋଧ କରିବାକୁ ସ୍ଥାନୀୟ ଲୋକଙ୍କ ଜୁ ନାହିଁ। ସମସ୍ତେ ନିରବଦ୍ରଷ୍ଟା। ସ୍ଥାନୀୟ କିଛି ଲୋକ ନିଜ ନାଁ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ବଡ଼ବଡ଼ ଲୋକ(ରାଜନେତା)ଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ବାଲି ଚାଲାଣ ଚାଲିଛି। ତେଣୁ ସରକାରୀ ଅଧିକାରୀଙ୍କ ମୁହଁ ବନ୍ଦ। ସନ୍ଧ୍ୟାରୁ ଭୋର ପର୍ଯ୍ୟନ୍ତ ନଦୀପଠାକୁ ଜେସିବିଗୁଡ଼ିକ ବିଦାରି ପକାଉଛନ୍ତି। ଜେସିବି ପଛକୁ ଅପେକ୍ଷା କରି



ରହିଥିବା ଶହଶହ ଟ୍ରାକ୍ଟର ଓ ଟ୍ରକ୍ ବାଲି ବୋଝେଇ କରି ବୋହି ନେଉଛନ୍ତି। ଦିନରେ ଜେସିବି ବନ୍ଦ ରହୁଥିଲେ ବି ରାତିରେ ତାଡ଼ିଥିବା ବାଲିକୁ ଟ୍ରାକ୍ଟର ବୋହିନେଉଛି। ବଡ଼ ସମସ୍ୟା ହେଉଛି ସେମାନେ ନଦୀପଠାରୁ ନଦୀବନ୍ଧକୁ ଉଠିବା ପାଇଁ ଅବାଟରେ ବାଟ ଫିଟାଇ ଦେଉଛନ୍ତି। ଫଳରେ ନଦୀବନ୍ଧ ଦୁର୍ବଳ ହେଉଛି। ଭବିଷ୍ୟତରେ ବନ୍ୟା ବେଳେ ଏହା ସ୍ଥାନୀୟ ଲୋକଙ୍କ ପାଇଁ ବିପଦର କାରଣ ହେବ। ଟିକରପଡ଼ା, କଲ୍ୟାଣପୁରଶାସନ, ପଳାଶପୁରଶାସନ ଓ ଗଙ୍ଗେଶ୍ୱରପୁରଶାସନ ଅଞ୍ଚଳର କିଛି ସ୍ଥାନୀୟ ବାସିନ୍ଦାଙ୍କ ସୂଚନାନୁସାରେ ଦୟାନଦୀରେ କୌଣସି ବାଲିଘାଟ ନିଲାମ କରାଯାଇନାହିଁ। ଏବେ ଯାହା ଚାଲିଛି ସବୁ ଚୋରା ଘାଟ। ସେମାନେ ମାଫିଆମାନଙ୍କ ଭୟରେ ମୁହଁ ଖୋଲିପାରୁନାହାନ୍ତି। ଏମିତିକି ରାଜସ୍ୱ ବିଭାଗର ଅଧିକାରୀମାନେ ବି ସିଧାସଳଖ ଧମକ ପାଇ ଚୁପ୍ ବସିବାକୁ ବାଧ ହେଉଛନ୍ତି। ତେଣୁ ସେମାନେ ଏହି ଚୋରା କାରବାରରୁ ହାତ ଚିକ୍କଣ କରିବା ବାଟକୁ ଆପଣେଇ ନେଇଛନ୍ତି। ଆଜି ଅଭିଯୋଗ ପାଇବା ପରେ ଏସଂପର୍କରେ ଇଟିପୁର ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରିନଥିଲା। ଖୋର୍ଦ୍ଧା ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

## କୁନି ବୈଜ୍ଞାନିକ କରିବେ ବିଜ୍ଞାନ ପ୍ରଦର୍ଶନୀ

ଡେରାବିଶ :(୧୧/ ୧୨) କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ତରଫରୁ ବ୍ଲକ୍ ସ୍ତରୀୟ ର ଏକ ବିଜ୍ଞାନ ମେଳା ବାଲୁଙ୍କେଶ୍ୱର ନୋଡାଲ ବଳଭଦ୍ର ପୁର ରେ ଆୟୋଜିତ ହୋଇଯାଇଛି । ସୂଚନା ମୁତାବକ ଏହି ବିଜ୍ଞାନ ମେଳାରେ ଡେରାବିଶ ବ୍ଲକ୍ ଅଧୀନ ରେ ଥିବା ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ ଭାଗ ନେଇ ଥିଲେ ଏବଂ ପ୍ରସ୍ତୁତ କରି ଆଣିଥିବା ନିଜ ନିଜର ବୈଜ୍ଞାନିକ ଚିନ୍ତାଧାରା ପ୍ରକଳ୍ପ ଗୁଡ଼ିକୁ ପ୍ରଦର୍ଶନ କରିବା ସହ ବିଚାରକ ମଣ୍ଡଳୀଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ପରେ ଆସନ୍ତା କାଲି ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ହେବାକୁ ଥିବା 'ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ -୨୦୨୪' ରେ ଭାଗ ନେବା ପାଇଁ ଡେରାବିଶ ବ୍ଲକ୍ ସ୍ତରର ସମସ୍ତ ବିଦ୍ୟାଳୟର ମୋଟ୍ ୭ ଜଣ



ଯୋଗ୍ୟ ବିବେଚିତ ହୋଇଛନ୍ତି । ସେଥି ମଧ୍ୟରୁ ବସୁପୁର ପଞ୍ଚାୟତ ଅନ୍ତର୍ଗତ ଆରିପଦା ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ଛାତ୍ର ଓମ୍ ପ୍ରକାଶ ତ୍ରିପାଠୀ ସମସ୍ତ ଛାତ୍ର ମାନଙ୍କ ମଧ୍ୟରେ କନିଷ୍ଠ ଥିଲେ ମଧ ବିଜ୍ଞାନ ପ୍ରଦର୍ଶନୀ ପାଇଁ ଜିଲ୍ଲା ସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ଯୋଗ୍ୟ ବିବେଚିତ ହେବା ବସୁପୁର ପଞ୍ଚାୟତ ପାଇଁ ଏକ ଗର୍ବ ବୋଲି ବସୁପୁର ପଞ୍ଚାୟତ ବାସି ଓମ୍ ପ୍ରକାଶଙ୍କୁ ଶୁଭେଚ୍ଛା ଜଣାଇ ଜିଲ୍ଲା ସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀରେ ନିଜ ପଞ୍ଚାୟତ ଏବଂ ବ୍ଲକ୍ ର ଟେକ ରଖିବେ ବୋଲି ଆଶା ବାନ୍ଧିଛନ୍ତି ।

# ମହିଳା ଏବଂ ବାଳିକା ହିଂସା ବିରୋଧି ପକ୍ଷ




ଯାଜପୁର, ତା ୧୧.୧୨.୨୦୨୪ ରିଖ: ଯାଜପୁର ଜିଲ୍ଲାରେ ମହିଳାମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟରତ ଓ୍ୱାନ୍ ଗ୍ରୁପ୍ ସେଣ୍ଟର୍ (ସଖୀ) ଓ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସହାୟତାରେ ଷୋହଳ ଦିବସୀୟ ମହିଳା ହିଂସା ବିରୋଧୀ ସଚେତନତା ଅଭିଯାନ ଆରମ୍ଭ ହୋଇ ବିଭିନ୍ନ ଆଇ ସି ଡି ଏସ ପ୍ରୋଜେକ୍ଟ, ବ୍ଲକ୍ ଅଫିସ, ଅଙ୍ଗନବାଡି ସେଣ୍ଟର୍, ବିଭିନ୍ନ ସ୍କୁଲ, ଶକ୍ତି ସଦନ, ଗୃହ ଏବଂ ସଖୀ ଅଫିସରେ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଆଲୋକପାତ କରାଯାଇଥିଲା। ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଆଜି ଏହି ପକ୍ଷର ଉଦଯାପନୀ ଉତ୍ସବ ଜିଲ୍ଲା ମିଶନ ଶକ୍ତି ଭବନରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା ଯୋଗଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସବିତା ଚ୍ୟାଉ ପଟ୍ଟନାୟକ ଲିଙ୍ଗ ଭିତ୍ତିକ ହିଂସା ଘରୋଇ ହିଂସା, କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ଓ ତାହାର ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ କର ବାଲ୍ୟ ବିବାହ, ଶିଶୁ ଶ୍ରମିକ '୧୦୯୮' ଚାଇଲ୍ଡ ଲାଇନ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଆଇନଜିବି ଶ୍ରୀ ଅଖିଳ ମୋହନ ଦାସ ନାରୀ।

# ପ୍ରତିଶୋଧ: ପ୍ରେମିକାକୁ ୬ ଖଣ୍ଡ କରି ନଦୀ, ଗାତରେ ଫିଙ୍ଗିଦେଲା ପ୍ରେମିକ

ରାଉରକେଲା: ପ୍ରେମ ଯେତିକି ସୁନ୍ଦର। ଏହାର ସଠିକ୍ ପରିଚାଳନା କରି ନଜାଣିଲେ ତାଠାରୁ ଅଧିକ ଅସୁନ୍ଦର ହୋଇଯାଏ। ଏପରିକି ହିଂସା ଦିଗକୁ ମଧ ଗତିକରିବାର ଯଥେଷ୍ଟ ସମ୍ଭାବନା ଥାଏ, ଯାହାକି ଆଜୀବନ ଦୁଇଟି ପରିବାରକୁ କନ୍ଦାଇ ଦେଇଥାଏ। ଇସ୍ପାତ ନଗର ରାଉରକେଲା ଅଞ୍ଚଳରେ ଏଭଳି ଏକ ନୃଶଂସ ପ୍ରେମ ଓ ହତ୍ୟା ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ଜେଲ୍ ଫେରନ୍ତା ପ୍ରେମିକ ଯେପରି କାଣ୍ଡ କରିଛି, ପ୍ରେମ୍‌କରୁଥିବା ପ୍ରେମପକ୍ଷୀମାନେ ଭୟଭୀତ ହୋଇଯିବେ। ବିଶ୍ୱାସ କରି ଭଲ ପାଉଥିବା ପ୍ରେମିକ ଜଣକ ସତକି ନାହିଁ ଅନେକ ଥର ପରଖିବାକୁ ଚିନ୍ତା କରିବେ। ପୁଲିସ କହିଛି ସୁନ୍ଦରଗଡ଼ ଜିଲ୍ଲା ଧରୁଆଡ଼ିହିର କୁନା କିସାନ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାକୁ ୨୦୧୮ରୁ ଭଲ ପାଇ ଆସୁଥିଲା। କିନ୍ତୁ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରେମରେ ଫାଟ ସୃଷ୍ଟି ହୋଇଥିଲା। ଯେଉଁଥି ପାଇଁ ପ୍ରେମିକାର ଅଭିଯୋଗ କ୍ରମେ ଗତବର୍ଷ ସେ ଜେଲ୍ ଯାଇଥିଲା। ସେ ୧୫ ଦିନ ପୂର୍ବରୁ ଜେଲରୁ ଫେରିଥିଲା। ଜେଲ୍‌ରୁ ଫେରିବା ପରେ ପ୍ରେମିକା ସହିତ ମିଶିବାକୁ ଚାହିଁଥିଲା। ସେ ଜାଣିବାକୁ ପାଇଥିଲା ଯେ, ପ୍ରେମିକା ଝାରସୁଗୁଡ଼ାରେ ନିଜ ମାଉସୀ ଘରେ ଅଛି। ତେଣୁ ପ୍ରେମିକାକୁ ଭେଟିବା ପାଇଁ ଝାରସୁଗୁଡ଼ା ଯାଇଥିଲା। ଜେଲ୍‌ର ଚାରିକାନ୍ଥ ଭିତରେ ଥାଇ ମଧ ପ୍ରତିଶୋଧର ନିଆଁରେ ଜଳୁଥିବା କୁନା କୌଶଳ କ୍ରମେ ପ୍ରେମିକାକୁ ଡାକି ନେଇଥିଲା। ଘଟଣା ଦିନ ନାବାଳିକା ଆଉ ମାଉସୀ ଘରକୁ ଫେରି ନଥିଲା। ଅନ୍ୟପଟରେ ନାବାଳିକା ଜଣକ ନିଖୋଜ ନେଇ ଗତ ୭ ତାରିଖରେ ଥାନାରେ ଏକ ଏତଲା ଦିଆଯାଇଥିଲା।

# ଗୋଲାମୁଣ୍ଡା ବ୍ଲକରେ ଭୀମ ଭୋଇ ଭିନ୍ନ କ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ଗୋଲାମୁଣ୍ଡା/୧୧/୧୨/୨୪/(ସୁରେନ୍ଦ୍ର କୁମାର ଭୋଇ) ଆଜି ଏକ ପବିତ୍ର ଦିନ, ଯାହାକି ଅସହାୟ ଭିନ୍ନ କ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ସାମର୍ଥ୍ୟ ଶିବିର, ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ଙ୍କ ନେତୃତ୍ୱରେ ଶିବିର ଆୟୋଜନ ହୋଇଥିଲା, ଏହି ଅବସରରେ ବିଡ଼ିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ ନାଏକ, ବିରେନ୍ଦ୍ର କୁମାର କହଁର, ଚନ୍ଦନ କୁମାର ବାରିକ, ଡୋଳା ମଣି ପ୍ରଧାନ, ଚନ୍ଦ୍ର ସେଖେର ମୁଣ୍ଡ, ଶ୍ୟାମ ସୁନ୍ଦର ଅଗ୍ରୱାଲସମାଜ ସେବି, ଜନ କଲ୍ୟାଣ ସାମ୍ବାଦିକ ସଂଘର ସଭାପତି ରାମ କୁମାର ସେନାପତି, କେଡିୟୁଜେ ସମ୍ପାଦକ ସୁଶାନ୍ତ ଦଳାଇ, ବନିତା ଅଘରିଆ, ପ୍ରମୁଖ ଙ୍କ ମଞ୍ଚ ରେ ଉପସ୍ଥିତ ଥିବା ବେଳେ ଅନେକ ପ୍ରକାର ସମସ୍ୟାର ସମାଧାନ ପାଇଁ ଭିନ୍ନ କ୍ଷମର ସଭାପତି ଡୋଳାମଣି ପ୍ରଧାନ ପୁଙ୍ଖାନୁ ପୁଙ୍ଖ ଭାବରେ ଉଦବୋଧନ ଦେଇଥିଲେ, ଏହା ପରେ ତହସିଲଦାର ଚନ୍ଦନ ନାଏକ, ବିରେନ୍ଦ୍ର କୁମାର କହଁର, ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ସୁନ୍ଦର ଭାବେ ପ୍ରଦାନ କରିଥିଲେ, ଏହି ସମାରୋହର ହଜାର ହଜାର ସଂଖ୍ୟାରେ ବିଭିନ୍ନ ପ୍ରକାର ଭିନ୍ନ କ୍ଷମ ବ୍ୟକ୍ତି ମାନଙ୍କୁ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ